# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଏପ୍ରିଲ ୫/୨୦୨୧ (୧୬ ପୃଷ୍ଠା) | Balasore, Monday, April 5/2021 | ★★★★

୪୭ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
कमलापसन्द
अनोखा स्वाद
KP GROUP
Quality Since 1965
पान मसाला
Rs.10/-
6g.
Watch at: f | YouTube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ସୋମବାର, ଏପ୍ରିଲ ୫/୨୦୨୧ | Monday, April 5/2021 | ପୃଷ୍ଠା-୧




**ନେହାଙ୍କୁ ଚିଠି ଧରାଇଲେ ରେଖା**

ବଲିଉଡ୍ ଗାୟିକା ନେହା କକ୍କରଙ୍କୁ ହାତ ଲେଖା ଚିଠି ଦେଇ ବିବାହ ଶୁଭେଚ୍ଛା ଜଣାଇଲେ ଅଭିନେତ୍ରୀ ରେଖା।

୧୨

୧୩

**୩ ଇଭେଣ୍ଟରେ ଭାଗନେବେ ମନୁ ଭାକର**

ଆସନ୍ତା ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଶୁଟର ମନୁ ଭାକର ତିନୋଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ।



# ରାଜ୍ୟରେ ଦିନ କର୍ଫ୍ୟୁର ଯୋଜନା ନାହିଁ:ଏସ୍ଆର୍‌ସି

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ସୀମାନ୍ତ ଜିଲାଗୁଡ଼ିକରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ ଜିଲାରେ ନାଇଟ୍ କର୍ଫ୍ୟୁ ଲାଗୁ ପାଇଁ ଘୋଷଣା କରିଥିବାବେଳେ ଦିନ କର୍ଫ୍ୟୁକୁ ନେଇ ସ୍ପଷ୍ଟ କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)। ରାଜ୍ୟରେ କୋଭିଡ୍-୧୯ ସ୍ଥିତି ନିୟନ୍ତ୍ରଣରେ ରହିଛି। ସରକାର ସବୁଦିଗରୁ ଟିକିନିଖି ଅନୁଧ୍ୟାନ କରି ପଦକ୍ଷେପ ନେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ଦିନ କର୍ଫ୍ୟୁ ଜାରି ହେବାର କୌଣସି ଯୋଜନା ହୋଇ ନ ଥିବା ଏସ୍ଆର୍‌ସି ଟୁଇଟ୍ କରି ଜଣାଇଛନ୍ତି। ରବିବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଦିନ କର୍ଫ୍ୟୁ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଆସନ୍ତା ୪/୫ଦିନ ମଧ୍ୟରେ ଏହା ଲାଗୁ ହୋଇପାରେ। ତେଣୁ ସମସ୍ତେ ସଚେତନ ହୋଇ ସରକାରଙ୍କ କଟକଣାକୁ ପାଳନ କରିବା ଉଚିତ ବୋଲି ବାଚସ୍ପତି କହିଥିଲେ। ଏହାକୁ ନେଇ ରାଜ୍ୟବାସୀ ଛାନିଆ ହୋଇପଡ଼ିଥିବାବେଳେ ଏସ୍ଆର୍‌ସିଙ୍କ ସ୍ପଷ୍ଟୀକରଣ ଆଶ୍ୱସ୍ତି ଦେଇଛି।

ଅନ୍ୟପକ୍ଷରେ ଛତିଶଗଡ଼ ସମେତ ଅନ୍ୟ ପଡୋଶୀ ରାଜ୍ୟରୁ ସଂକ୍ରମଣ ଓଡ଼ିଶାକୁ ବ୍ୟାପୁଥିବାରୁ ସୀମାନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ୧୦ ଜିଲାରେ ରାଜ୍ୟ ସରକାର ନାଇଟ୍ କର୍ଫ୍ୟୁ ଜାରି କରିଥିଲେ। ଏହା ସୋମବାରଠାରୁ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଜରୁରିକାଳୀନ ସେବା ଛାଡ଼ିଦେଲେ ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଓ ଅନୁଷ୍ଠାନ ବନ୍ଦ ରହିବ। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ ବୋଲି ଏସ୍ଆର୍‌ସିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସେପଟେ ରାଜ୍ୟକୁ ଫେରିଛି କଣ୍ଟେନମେଣ୍ଟ ଜୋନ୍। ସଂକ୍ରମଣକୁ ଦୃଷ୍ଟିରେ ☞ପୃଷ୍ଠା-୨

**ଆଜିଠୁ ୧୦ ଜିଲାରେ ନାଇଟ୍ କର୍ଫ୍ୟୁ**

- ୨୪ ଘଣ୍ଟାରେ ୪୭୧ ସଂକ୍ରମିତ
- ୩ ଜିଲାକୁ ଫେରିଛି କଣ୍ଟେନମେଣ୍ଟ ଜୋନ୍
- ୨୯ବର୍ଷୀୟା ମହିଳାଙ୍କ କରୋନାରେ ମୃତ୍ୟୁ



# ପ୍ରଚାର ପାଇଁ ଲୁଚିଥିଲା ସତ

ରାୟପୁର/ନୂଆଦିଲ୍ଲୀ/ମାଲକାନଗିରି (ଡି.ଏନ୍.ଏ.),୪।୪

ଛତିଶଗଡ଼ର ବସ୍ତର ଅଞ୍ଚଳରେ ମାଓବାଦୀମାନଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ ସେଠାକୁ ଏନ୍‌କାଉଣ୍ଟର କରିବାକୁ ଯାଇଥିଲା। ବିଜାପୁର ଓ ସୁକୁମା ସୀମାନ୍ତବର୍ତ୍ତୀ ତେରାମ୍ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ମାଓବାଦୀଙ୍କ ସହ ଯବାନମାନେ ମୁହାଁମୁହିଁ ହୋଇଥିଲେ। ମାଓବାଦୀଙ୍କ ଅତର୍କିତ ଆକ୍ରମଣର ଶିକାର ହୋଇ ଶହୀଦ ହୋଇଗଲେ ୨୨ରୁ ଊର୍ଦ୍ଧ୍ୱ ଯବାନ। ୩୨ ଯବାନ ଆହତ ହୋଇଥିବାବେଳେ ଏବେ ବି ଅନେକେ ନିଖୋଜ ଥିବା କୁହାଯାଉଛି। କିନ୍ତୁ ଶନିବାର ସନ୍ଧ୍ୟାରେ ୫ ଯବାନ ଶହୀଦ ଓ ୩ ମାଓବାଦୀ ନିହତ ହୋଇଥିବା କେନ୍ଦ୍ରୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଇଥିଲା। ସତ ପଦାକୁ ଆସିବା ପରେ ଏହି ଏନ୍‌କାଉଣ୍ଟର ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଶନିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ହୁଗ୍‌ଲୀରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହାଓଡାରେ ଭାଜପା ପାଇଁ ରୋଡ୍ ଶୋ' କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରୁଥିଲେ। ଏଥିପାଇଁ ଶହୀଦ ଯବାନଙ୍କ ପ୍ରକୃତ ସଂଖ୍ୟା ଲୁଚାଇ ଦିଆଯାଇଥିଲା କି ବୋଲି କେତେକ ମହଲରେ ସନ୍ଦେହ ସୃଷ୍ଟି ହେଲାଣି। କାରଣ ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିବାବେଳେ କିଛି ଘଣ୍ଟା ପାଇଁ ଉକ୍ତ ଖବରକୁ ଚପାଇ ଦିଆଯାଇଥିଲା। ସେତେବେଳେ କୁହାଯାଇଥିଲା ପ୍ରଧାନମନ୍ତ୍ରୀ କର୍‌ବେଟ ନ୍ୟାଶନାଲ ପାର୍କରେ ଡିସ୍‌କଭରି ଚ୍ୟାନେଲ ପାଇଁ ଏକ ଡକ୍ୟୁମେଣ୍ଟାରି ଶୁଟିଂ କରୁଥିଲେ। ଏଥିପାଇଁ ଆତଙ୍କବାଦୀ ଆକ୍ରମଣ ଖବରକୁ ଜାଣିଶୁଣି ତତ୍କାଳ ସାମ୍ନାକୁ ଅଣାଯାଇ ନ ଥିଲା। ସଦ୍ୟ ଘଟଣାରେ ଯବାନମାନେ ଏନ୍‌କାଉଣ୍ଟର କରିବାକୁ ଯାଉଥିବା ନେଇ ମାଓବାଦୀମାନେ ଆଗୁଆ ସୂଚନା ପାଇବା ସୁରକ୍ଷା ବଳର ଗୋଇନ୍ଦା ବିଫଳତାକୁ ମଧ୍ୟ ପଦାରେ ପକାଇଛି।

ବିଜାପୁର ଏସ୍‌ପି କମଳଲୋଚନ କାଶ୍ୟପ ଶନିବାର ମଧ୍ୟାହ୍ନରେ ☞ପୃଷ୍ଠା-୨



ଶହୀଦମାନଙ୍କ ପାର୍ଥିବ ଶରୀରକୁ ସିଆର୍‌ପିଏଫ୍ ଯବାନମାନେ କଫିନରେ ରାୟପୁରକୁ ଆଣୁଛନ୍ତି।

**ବିଜାପୁର ଏନ୍‌କାଉଣ୍ଟର**

- ୨୨ ଯବାନଙ୍କ ମୃତଦେହ ଠାବ, ୩୨ ଆହତ
- ଅନେକ ନିଖୋଜ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ୧୫ ମାଓବାଦୀ ନିହତ ହୋଇଥିବା ସୂଚନା
- ମିଳିତ କୋମ୍ବିଂ ଅପରେଶନ ଜାରି

## ମିଳିତ ଅପରେଶନକୁ ଡିଜିପିଙ୍କ ଗୁରୁତ୍ୱ

ମାଲକାନଗିରି, ୪।୪ (ଡି.ଏନ୍.ଏ.)

ଛତିଶଗଡ଼ର ବିଜାପୁର ଜିଲା ତଥା ମାଲକାନଗିରି ସୀମାନ୍ତରେ ମାଓବାଦୀଙ୍କ ସହ ଗୁଳି ବିନିମୟରେ ୨୨ ଯବାନ ଶହୀଦ ହେବା ଘଟଣାର ପ୍ରଭାବ ଓଡ଼ିଶା ରାଜ୍ୟ ପୋଲିସ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଯବାନମାନଙ୍କ ମନୋବଳ ବୃଦ୍ଧି ସକାଶେ ଡିଜିପି ଅଭୟ ରବିବାର ମାଲକାନଗିରି ଗସ୍ତରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ସେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପଡ଼ୋଶୀ ରାଜ୍ୟର ମାଓବାଦୀଙ୍କ ଅନୁପ୍ରବେଶ ରୋକିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବିଏସ୍ଏଫ୍ ପଡ଼ିଆଠାରେ ସେ ☞ପୃଷ୍ଠା-୨



ଡିଜିପି ଅଭୟ

## ୫୦ କୋଟି ୟୁଜର୍ସଙ୍କ ତଥ୍ୟ ପ୍ରଘଟ

ନ୍ୟୁୟର୍କ, ୪।୪

ତଥ୍ୟ ଗୋପନୀୟତା ମାମଲାରେ ପୁଣି କାଠଗଡ଼ାରେ ଛିଡ଼ା ହୋଇଛି ଫେସ୍‌ବୁକ୍। ଏହି ସୋସିଆଲ ସାଇଟ୍ ବ୍ୟବହାରକାରୀଙ୍କ ତଥ୍ୟ ହ୍ୟାକର୍ସଙ୍କ ୱେବସାଇଟ୍‌ରେ ଘୂରି ବୁଲୁଥିବା ସାମ୍ନାକୁ ଆସିଛି। ୫୦ କୋଟିରୁ ଊର୍ଦ୍ଧ୍ୱ ୟୁଜର୍ସଙ୍କ ଫେସ୍‌ବୁକ୍ ଆଇଡିଠାରୁ ଆରମ୍ଭ କରି ଫୋନ୍ ନମ୍ବର, ଇମେଲ ଆଇଡି, ଫଟୋ, ଜନ୍ମ ସ୍ଥାନ ଆଦି ଡାଟା ୱେବସାଇଟ୍‌ରେ ଉପଲବ୍ଧ ଘଟଣା ଜଣାପଡ଼ିବା ପରେ ବ୍ୟବହାରକାରୀଙ୍କ ତଥ୍ୟ କେତେ ସୁରକ୍ଷିତ ସେ ନେଇ ପ୍ରଶ୍ନ ଉଠିଛି। ହ୍ୟାକର୍ସଙ୍କ ଏକ ୱେବସାଇଟ୍‌ରେ ୫୦ କୋଟିରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ତଥ୍ୟ ଉପଲବ୍ଧ ହୋଇଛି। ଏଥିରେ ୬୧ ଲକ୍ଷ ଭାରତୀୟଙ୍କ ଡାଟା ରହିଛି। ଏ ନେଇ 'ବିଜ୍‌ନେସ୍ ଇନ୍‌ସାଇଡର' ୱେବସାଇଟ୍ ପକ୍ଷରୁ ଖବର ☞ପୃଷ୍ଠା-୨

**ହ୍ୟାକର୍ସଙ୍କ ୱେବସାଇଟ୍‌ରେ ଫଟୋ, ଫୋନ୍ ନମ୍ବର**





କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ଗାଜିପୁର ସୀମାରେ ଆନ୍ଦୋଳନରତ ଚାଷୀ ଏନ୍ଏଚ୍ ନଂ.୯ରେ ମହାପଞ୍ଚାୟତ ବେଳେ ସ୍ଲୋଗାନ ଦେଉଛନ୍ତି।

## ରାଜକୋଷକୁ ଚୂନ ଲଗାଇଛନ୍ତି ବାବୁ

ଭୁବନେଶ୍ୱର,୪।୪(ବ୍ୟୁରୋ)

ରାଜକୋଷର ମୁଖ୍ୟ ଆଧାର ହେଉଛି ଟିକସ। ଏହାର ଅବମୂଲ୍ୟାୟନ ଓ ଚଞ୍ଚକତା ଯୋଗୁ ରାଜ୍ୟକୁ ବହୁ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିଛି। ସରକାରୀ ବାବୁ (ଅଧିକାରୀ)ମାନେ ରାଜକୋଷକୁ ଚୂନ ଲଗାଇଛନ୍ତି। ସେମାନଙ୍କ ଦୁର୍ନୀତିଖୋର ମନୋଭାବ ଏବଂ ଅବହେଳା ଯୋଗୁ ଏଭଳି ଘଟିଛି। ବିଶେଷକରି ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ(ଓଜିଏସ୍‌ଟି), ଓଡ଼ିଶା ମୂଲ୍ୟଯୁକ୍ତ ଟିକସ(ଓଭାଟ୍) କେନ୍ଦ୍ରୀୟ ବିକ୍ରିକର(ସିଏସ୍‌ଟି) ଓଡ଼ିଶା ପ୍ରବେଶ କର(ଓଇଟି), ପ୍ରମୋଦ କର(ଇଟି), ବୃତ୍ତିଗତ ଟିକସ(ପିଟି) ଏବଂ ଅବକାରୀ ଟିକସ ଆଦାୟ ଓ ମୂଲ୍ୟାୟନ ଠିକ୍ ଢଙ୍ଗରେ ନ ହେବାରୁ ସରକାର ବିପୁଳ ଟଙ୍କାର ରାଜସ୍ୱ କ୍ଷତି ସହିଛନ୍ତି। ଏପରି କି ବହୁ କୋଟିର ଟିକସ ଆଦାୟ ନ ହୋଇ ଦୀର୍ଘବର୍ଷ ହେବ ପଡ଼ିରହିଛି। ଓଜିଏସ୍‌ଟି, ଓଭାଟ୍, ସିଏସ୍‌ଟି, ଓଇଟି, ଇଟି ଏବଂ ପିଟି ସମ୍ପର୍କିତ ୨୬୧ ମାମଲା ଯାଞ୍ଚ ପରେ ଜଣାଗଲା ଯେ, ଏ ବାବଦରେ ୫୨୮.୫୮ କୋଟି ଟଙ୍କାର ଟିକସ ଆଦାୟରେ ଅନିୟମିତତା କରାଯାଇଛି। ବିଧାନସଭାରେ ଶନିବାର ଉପସ୍ଥାପିତ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ରାଜସ୍ୱ ଓ ଆର୍ଥିକ କ୍ଷେତ୍ର-୨୦୧୯ ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ତଥ୍ୟର ପର୍ଦ୍ଦାଫାଶ ହୋଇଛି।

ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଭାଟ୍, ପ୍ରବେଶ କର ଓ ଖଣି ରାଜସ୍ୱ ଭାବେ ୧୩,୬୮୩.୭୧ କୋଟି ୨୦୧୯ ମାର୍ଚ୍ଚ ୩୧ ଯାଏ ଆଦାୟ ହୋଇ ନ ଥିଲା। ସେଥିରୁ ୫,୭୧୭.୩୪ କୋଟି ଟଙ୍କା ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଦାୟ ନ ହୋଇ ପଡ଼ିରହିଛି। ସେଥିମଧ୍ୟରୁ ଭାଟ୍ ବାବଦରେ ୨,୯୩୧.୫୬ କୋଟି ଟଙ୍କା ବକେୟା ରହିଥିବାବେଳେ ୧,୨୩୦.୧୩ କୋଟି ଟଙ୍କାର ପ୍ରବେଶ କର, ୧୪୪.୯୫ କୋଟି ଟଙ୍କାର ଯାନବାହନ ଟିକସ ଏବଂ ୧,୪୧୦.୭୨ କୋଟି ଟଙ୍କା ଖଣି ରାଜସ୍ୱ ଅନାଦାୟ ଭାବେ ପଡ଼ିରହିଛି। ଟିକସ ଆଦାୟ ରେକର୍ଡପତ୍ରରେ ମଧ୍ୟ ଚଞ୍ଚକତା ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସିଏଜି ସମୀକ୍ଷା କରିବା ମାସକ ପୂର୍ବରୁ ☞ପୃଷ୍ଠା-୨

**ସିଏଜି ରିପୋର୍ଟ**

- ଟିକସ ଆଦାୟରେ ଚଞ୍ଚକତା
- ସରକାରଙ୍କୁ ୫୨୮.୫୮ କୋଟି ରାଜସ୍ୱ କ୍ଷତି
- ୫ ବର୍ଷ ହେବ ୫୭୧୭.୩୪ କୋଟି ଟଙ୍କାର ଟିକସ ଗଡ଼ୁଛି
- କୃଷି ଋଣରେ ବ୍ୟାପକ ହେରଫେର
- ଶିଳ୍ପସଂସ୍ଥାକୁ ଜଳକର ଅନୁକମ୍ପା

# ନିରପେକ୍ଷତା ହରାଇଛନ୍ତି ନିର୍ବାଚନ ଆୟୋଗ

ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଏକ ସାମ୍ବିଧାନିକ ସଂସ୍ଥା। ଏହି ତଥାକଥିତ ସ୍ୱାୟତ୍ତ ସଂସ୍ଥାରେ ଜଣେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଦୁଇଜଣ ନିର୍ବାଚନ କମିଶନର (ଇସି) ରହିଥାଆନ୍ତି। ଫୁଟ୍‌ବଲ ଖେଳରେ ରେଫରି ବା କ୍ରିକେଟରେ ଅମ୍ପାୟର ଭଳି ନିରପେକ୍ଷ ନିଷ୍ପତ୍ତି ନେଇ ଭାରତରେ ସାଧାରଣ ନିର୍ବାଚନ ଓ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଧାନସଭା ନିର୍ବାଚନ ପରିଚାଳନା କରିବା ହେଉଛି ନିର୍ବାଚନ କମିଶନଙ୍କ ଦାୟିତ୍ୱ। କିନ୍ତୁ ଗତ କିଛି ଦିନର କେତେକ ଘଟଣା ଉପରେ ନଜର ପକାଇଲେ ନିର୍ବାଚନ ଆୟୋଗ ନିରପେକ୍ଷତା ଓ ସ୍ୱାୟତ୍ତତା ହରାଇବସିଛନ୍ତି ବୋଲି ସ୍ପଷ୍ଟ ବାରି ହେଉଛି। ଇସିଙ୍କ ନୀତି, ନିଷ୍ପତ୍ତି ଓ ପଦକ୍ଷେପଗୁଡ଼ିକ ଭାଜପାକୁ ସୁହାଇବା ଭଳି ହେଉଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ କ୍ଷେତ୍ରରେ କମିଶନ ପକ୍ଷପାତପୂର୍ଣ୍ଣ ବ୍ୟବହାର ଓ ଆଚରଣ କରୁଛନ୍ତି। ଏଭଳି ପାତରଅନ୍ତରକୁ ନେଇ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ଦ୍ରାବିଡ ମୁନେତ୍ରା କାଜାଗାମ (ଡିଏମ୍‌କେ) ସମେତ ବିରୋଧୀ ଦଳଗୁଡ଼ିକ ଇସିଙ୍କୁ ଟାର୍ଗେଟ କରିଛନ୍ତି।

**ଭାଜପା ପାଇଁ ଗୋଟେ, ବିରୋଧୀଙ୍କ ଲାଗି ଭିନ୍ନ ନିୟମ**

ନୂଆଦିଲ୍ଲୀ,୪।୪

ଫେବୃୟାରୀ ୨୬ରେ ନିର୍ବାଚନ ଆୟୋଗ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଥିଲେ। ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ଶାସନାଧୀନ ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯) ଭୋଟ ଗ୍ରହଣ କରାଯିବ ବୋଲି ଇସି ସ୍ଥିର କରିଥିଲେ। ସେହିପରି ଭାଜପା କ୍ଷମତାସୀନ ଥିବା ଆସାମରେ ୩ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୬) ନିର୍ବାଚନ ହେବ ଏବଂ କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଏପ୍ରିଲ ୬ରେ ମତଦାନ କରାଯିବ ବୋଲି ଘୋଷଣା କରିଥିଲେ।



ଏ. ରାଜା



ହିମନ୍ତ ବିଶ୍ୱଶର୍ମା

ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସିଙ୍କୁ ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପାର କେନ୍ଦ୍ରୀୟ ନେତାମାନଙ୍କ ପ୍ରଚାର ସୁବିଧା ଦୃଷ୍ଟିରୁ ଇସି ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ଭୋଟ ଗ୍ରହଣ ପାଇଁ ନିଷ୍ପତ୍ତି ନେଇଥିବା ମମତା କହିଥିଲେ। ସେହିପରି ଏପ୍ରିଲ ୧ରେ ନନ୍ଦିଗ୍ରାମ ଆସନରେ ମଧ୍ୟ ଭାଜପା ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀଙ୍କ ଗୁଣ୍ଡାମାନେ ଟିଏମ୍‌ସି କର୍ମୀଙ୍କୁ ମତଦାନ କରିବାକୁ ଦେଇ ନ ଥିବା ଟିଏମ୍‌ସି ପ୍ରାର୍ଥୀ ମମତା ଅଭିଯୋଗ ଆଣିଥିଲେ। ଏନେଇ ଇସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଇସି ଶାହାଙ୍କ କଥାରେ ପରିଚାଳିତ ହେଉଥିବା ମମତା ଟାର୍ଗେଟ କରିଥିଲେ। ଏହାର ଜବାବରେ ପ୍ରଧାନମନ୍ତ୍ରୀ ମୋଦି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ସଂଖ୍ୟାରେ ମିଛ

**ଆଜିର ମନ୍ତବ୍ୟ**

" ଗୋଷ୍ଠୀ ସଚେତନତା ଓ ସମସ୍ତଙ୍କ ଭାଗୀଦାରି କରୋନା ମହାମାରୀର ମୁକାବିଲା କରିପାରିବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା କେଉଁଠୁ ଶଙ୍ଖ, ତା ବକବକମ୍ ଦେଖା।**

କିଛି ବ୍ୟକ୍ତି ହଠାତ ପହଞ୍ଚିଯାଇ ନିଜ ପତିଆରା ଜାହିର କରିବା ପାଇଁ ଅଯଥାରେ ଆଡୁସାଡୁ ବଖାଣିଥାନ୍ତି। ତାଙ୍କର ଏପରି ବକବକକୁ ଅନେକେ ସହଜରେ ଗ୍ରହଣ କରିନପାରି ନାକ ଟେକିଥାନ୍ତି। ଆତ୍ମବଡ଼ିମା ଦେଖାଇହେଉଥିବା ଅଜ୍ଞାତ ବ୍ୟକ୍ତି ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଅଭାବ ବେଳେ ବିପରୀତ ବାଣୀ, ଚାଳରୁ ମୂଷା ପଡ଼ି ମାରିଲେ କହୁଣି।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତି ନ୍ୟୂନ ସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ‘ରାଜ୍ୟରେ ଦିନ କର୍ଫ୍ୟୁର ...

ରଖି ସ୍ଥାନୀୟ ଜିଲା ପ୍ରଶାସନ କିମ୍ବା ମହାନଗର ନିଗମ କମିଶନର କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିପାରିବେ ବୋଲି ଏପ୍ରିଲ ପାଇଁ ଜାରି ନିର୍ଦ୍ଦେଶନାମାରେ ଏସ୍ଆର୍ସି କହିଥିଲେ। ଏବେ ଝାରସୁଗୁଡ଼ା, କଳାହାଣ୍ଡି ଓ କନ୍ଧମାଳକୁ କଣ୍ଟେନମେଣ୍ଟ ଫେରିଛି। ଶନିବାରଠାରୁ ଫୁଲବାଣୀ ପୌରାଞ୍ଚଳର ୨ଟି ସ୍ଥାନକୁ ମଧ୍ୟ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବାବେଳେ ରବିବାର ଝାରସୁଗୁଡ଼ା ପୌର ପରିଷଦର ୮ ଅଞ୍ଚଳ, କିରିମିରା ବ୍ଲକର ୩ ଅଞ୍ଚଳ ସହ ଲଖନପୁରର ଗୋଟିଏ ଅଞ୍ଚଳକୁ ଝାରସୁଗୁଡ଼ା ଜିଲାପାଳ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସେହିପରି କଳାହାଣ୍ଡି ଜିଲାର ଚିଲଚିଲା ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଗାଁରୁ ଏକାଥରକେ ୭ଜଣ କରୋନା ସଂକ୍ରମିତ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏପଟେ ରାଜ୍ୟରେ ଶେଷ ୨୪ ଘଣ୍ଟାରେ ଆଉ ୪୭୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୮୫ଜଣ ରହିଥିବାବେଳେ କଳାହାଣ୍ଡିରୁ ୫୦, ନୂଆପଡ଼ାରୁ ୪୨, ଖୋର୍ଦ୍ଧାରୁ ୪୦, ବଲାଙ୍ଗୀରରୁ ୩୬ ଓ ଅନ୍ୟ ଜିଲାରୁ ଏହାଠାରୁ କମ୍ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୪୨,୬୯୫ରେ ପହଞ୍ଚିଛି। ସେପଟେ ଦୀର୍ଘଦିନ ପରେ ରାଜ୍ୟରେ ଆଉଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧାର ଜଣେ ୨୯ବର୍ଷୀୟା ମହିଳା। ସେ ରକ୍ତହୀନତା ରୋଗରେ ମଧ୍ୟ ପୀଡିତ ଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନାଜିନତ ମୃତ୍ୟୁ ସଂଖ୍ୟା ୧,୯୨୨କୁ ବୃଦ୍ଧି ପାଇଛି।

### ୫୦ କୋଟି ୟୁଜର୍ସଙ୍କ ...

ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ୧୦୬ଟି ଦେଶର ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ବାବଦରେ ପ୍ରାୟ ସମସ୍ତ ତଥ୍ୟ ଅନ୍‌ଲାଇନରେ ଘୂରି ବୁଲୁଛି। ଲୋକଙ୍କ ଡାଟା ସୁରକ୍ଷାକୁ ନେଇ ପୂର୍ବରୁ ଫେସ୍‌ବୁକ୍ ଉପରେ ବାରମ୍ବାର ପ୍ରଶ୍ନ ଉଠିଆସୁଥିବାବେଳେ ଏବେ ଏଭଳି ଖବର ସାମ୍ନାକୁ ଆସିବା ପରେ ଏହି ସୋସିଆଲ ସାଇଟ୍ ବ୍ୟବହାରକାରୀଙ୍କ ଚିନ୍ତା ବଢ଼ିଛି। ପଲିଟିକାଲ ଫାର୍ମ କେମ୍ବ୍ରିଜ ଆନାଲିଟିକା ପ୍ରାୟ ୮ କୋଟି ୭୦ ଲକ୍ଷ ଲୋକଙ୍କ ତଥ୍ୟ ସେମାନଙ୍କ ଅଜାଣତରେ ହାସଲ କରନେଇଥିବା ଜଣାପଡ଼ିବା ପରେ ଫେସ୍‌ବୁକ୍ ୨୦୧୮ରେ କୌଣସି ମୋବାଇଲ ନମ୍ବର ମାଧ୍ୟମରେ ଆଇଡି ସର୍ଚ୍ଚ କରିବାର ସୁବିଧା ହଟାଇ ଦେଇଥିଲା। ସେହିପରି ପ୍ରାୟ ୨୬ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ଇଣ୍ଟରନେଟ୍‌ରେ ଉପଲବ୍ଧ ହୋଇଥିବା ନେଇ ୨୦୧୯ରେ ୟୁକ୍ରେନର ସୁରକ୍ଷା ଅନୁସନ୍ଧାନକର୍ତ୍ତାଙ୍କ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ‘ବିଜ୍‌ନେସ୍ ଇନ୍‌ସାଇଡର’ ପକ୍ଷରୁ ପ୍ରକାଶିତ ରିପୋର୍ଟ ୨୦୧୯ରେ ପ୍ରଘଟ ତଥ୍ୟ ଉପରେ ଆଧାରିତ କି ନା ତାହା ସ୍ପଷ୍ଟ ହୋଇନାହିଁ। ଏ ବାବଦରେ ଫେସ୍‌ବୁକ୍ ଏକ ବିବୃତି ଜାରି କରି ଏହି ରିପୋର୍ଟକୁ ପୁରୁଣା ବୋଲି କହିଛି। ୨୦୧୯ ଅଗଷ୍ଟରେ ସମସ୍ୟା ସମାଧାନ କରାଯାଇଥିଲା ବୋଲି ଫେସ୍‌ବୁକ ପକ୍ଷରୁ କୁହାଯାଇଛି।

### ପ୍ରଚାର ପାଇଁ ଲୁଚିଥିଲା ...

ହୋଇଥିବା ଏନ୍‌କାଉଣ୍ଟର ସମ୍ପର୍କରେ ରବିବାର ପ୍ରେସ୍ କନ୍‌ଫରେନ୍ସ କରିଛନ୍ତି। କାଶ୍ୟପ କହିଛନ୍ତି, ମାଲକାନଗିରି ସୀମାନ୍ତ ଛତିଶଗଡ଼ର ତାକୁଲଗୁଡ଼ାମ ଜଙ୍ଗଲରେ ୬୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ବୈଠକ କରୁଥିବା ଖବର ପାଇ ବିଜାପୁର ପୋଲିସ, ସିଆର୍‌ପିଏଫ୍, ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ କମାଣ୍ଡୋ ବାଟାଲିୟନ୍ ଫର୍ ରିଜୋଲ୍ୟୁଟ୍ ଆକ୍ସନ (କୋବ୍ରା) ବାହିନୀ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଇଥିଲା। ଏଥିରେ ପ୍ରାୟ ୨୦୦୦ ଯବାନ ସାମିଲ ଥିଲେ। ତେବେ ଯବାନମାନେ ସେଠାକୁ ଯିବା ପୂର୍ବରୁ ପିପୁଲ୍ସ ଲିବରେଶନ ଗୋରିଲା ଆର୍ମି (ପିଏଲ୍‌ଜିଏ)ର ୨୦୦-୨୫୦ ସଶସ୍ତ୍ର ମାଓବାଦୀ ଖବର ପାଇ ପ୍ରସ୍ତୁତ ହୋଇ ଛକି ରହିଥିଲେ। ଯବାନମାନେ ଜଙ୍ଗଲରେ ପହଞ୍ଚିବା ମାତ୍ରେ ମାଓବାଦୀମାନେ ରକେଟ ଲଞ୍ଚରରେ ବିସ୍ଫୋରଣ ଘଟାଇବା ସହ ଏକେ-୪୭ରୁ ଆଖିବୁଜା ଗୁଳି ବର୍ଷଣ କରିଥିଲେ। ପ୍ରାୟ ୪ ଘଣ୍ଟା ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୨ ଯବାନ ଶହୀଦ ହୋଇଛନ୍ତି। ଆହତ ଯବାନମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ ବିଜାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ୭ ଜଣ ରାୟପୁର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାଓବାଦୀଙ୍କ ଅତର୍କିତ ଆକ୍ରମଣରେ ୫ ଯବାନ ଶହୀଦ ହୋଇଥିବା ପ୍ରଥମେ ଜଣାପଡ଼ିଥିଲା। କିନ୍ତୁ ରବିବାର ଘଟଣାସ୍ଥଳରୁ ୨୨ ଯବାନଙ୍କ ମୃତଦେହ ଜବତ ହୋଇଛି। ମୃତଦେହଗୁଡ଼ିକୁ ହେଲିକପ୍ଟରରେ ଅଣାଯାଇଛି। ଅନ୍ୟପକ୍ଷେ ଏବେ ମଧ୍ୟ କେତେଜଣ ଯବାନଙ୍କ ପତ୍ତା ମିଳିନାହିଁ। ସେମାନଙ୍କୁ ଠାବ କରି ଉଦ୍ଧାର କରିବା ପାଇଁ ତଲାସି ଅଭିଯାନ ଜାରି ରହିଛି ବୋଲି ଛତିଶଗଡ଼ ପୋଲିସ ମହାନିର୍ଦ୍ଦେଶକ ଡି.ଏମ୍. ଅୱସ୍ତି ସୂଚନା ଦେଇଛନ୍ତି। ଏନ୍‌କାଉଣ୍ଟରରେ ୧୫ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ଆଉ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଥିଲେ, ନିଖୋଜ ଯବାନଙ୍କ ସଂଖ୍ୟା ଜଣାପଡ଼ିନାହିଁ। କିଛି ଘଣ୍ଟା ମଧ୍ୟରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସେପଟେ ଯବାନମାନଙ୍କୁ ଠାବ କରିବା ଲାଗି ତରେମ, ଉସୁର, ପାମେଡ୍, ମିନ୍‌ପା ଓ ନରସାପୁରମ୍ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିବା ମିଳିତ ବାହିନୀକୁ ରବିବାର ମଧ୍ୟ ମାଓବାଦୀମାନେ ଟାର୍ଗେଟ କରିଛନ୍ତି।

ଇତିମଧ୍ୟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମାଓବାଦୀଙ୍କ ଆକ୍ରମଣକୁ ନିନ୍ଦା କରିବା ସହ ଶହୀଦଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶହୀଦଙ୍କ ତ୍ୟାଗ ବେକାର ଯିବନାହିଁ ବୋଲି ସେମାନେ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସହ ଫୋନ୍‌ରେ ଏନେଇ ଆଲୋଚନା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଖୋଜ ଯବାନଙ୍କୁ ଠାବ କରିବାରେ ସୁରକ୍ଷା ବଳକୁ ସହଯୋଗ କରିବା ଲାଗି ଛତିଶଗଡ଼ର ଭୂପେଶ ବାଘେଲ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଶୋକବ୍ୟକ୍ତ କରି ଶହୀଦ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରକାଶ ଯେ, ଗତ ୨୩ ତାରିଖରେ ବସ୍ତର ଅଞ୍ଚଳର ନାରାୟଣପୁର ଜିଲାରେ ମାଓବାଦୀମାନେ ଡିଆର୍‌ଜି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍‌ରେ ଆଇଇଡି ବିସ୍ଫୋରଣ କରିଥିଲେ। ଏଥିରେ ୫ ଯବାନ ଶହୀଦ ଏବଂ ୧୪ ଆହତ ହେଇଥିଲେ। ସେହିପରି ୨୦୨୦ ମାର୍ଚ୍ଚ ୨୧ରେ ମଧ୍ୟ ସୁକୁମା ଜିଲାରେ ମାଓବାଦୀଙ୍କ ଅତର୍କିତ ଆକ୍ରମଣରେ ୧୭ ଯବାନ ଶହୀଦ ହୋଇଥିଲେ।

### ନିରପେକ୍ଷତା ହରାଇଛନ୍ତି ...

କହିଥିଲେ, ଯିଏ ବାରମ୍ବାର ରେଫରି ବା ଅମ୍ପାୟରଙ୍କୁ ନେଇ ପ୍ରଶ୍ନ ଉଠାଉଥିବେ ବୁଝିବାକୁ ପଡ଼ିବ ଯେ, ତାଙ୍କ ଖେଳରେ ତ୍ରୁଟି ରହିଛି। ତେବେ ମମତାଙ୍କ ଅଭିଯୋଗକୁ ପ୍ରମାଣିତ କରୁଥିବା ଇସିଙ୍କ ଆଉ କେତେକ ନିଷ୍ପତ୍ତି ସମ୍ପର୍କରେ ବିଚାର କରାଯାଇପାରେ।

ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ମନ୍ତ୍ରିମଣ୍ଡଳର ପ୍ରଭାବଶାଳୀ ସଦସ୍ୟ ହିମନ୍ତ ବିଶ୍ୱଶର୍ମାଙ୍କ କ୍ଷେତ୍ରରେ ଇସିଙ୍କ ନିଷ୍ପତ୍ତି ଭାରତର ନିର୍ବାଚନ ଆୟୋଗ ଭଳି ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଜାଲୁକବାରି ଆସନର ଭାଜପା ପ୍ରାର୍ଥୀ ବିଶ୍ୱଶର୍ମା ନିକଟରେ ଏକ ନିର୍ବାଚନୀ ସଭାରେ ବିରୋଧୀ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍) ନେତା ହଗ୍ରାମା ମୋହିଲାରିଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଲଗାଇ ଜେଲରେ ପୂରାଇବାକୁ ଧମକ ଦେଇଥିଲେ। ମାର୍ଚ୍ଚ ୩୦ରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଇସିଙ୍କ ନିକଟରେ ଏନେଇ ଅଭିଯୋଗ କରାଯାଇଥିଲା। ଫଳରେ ଇସି ବାଧହୋଇ ୪୮ ଘଣ୍ଟା ପର୍ଯ୍ୟନ୍ତ ବିଶ୍ୱଶର୍ମାଙ୍କ ପ୍ରଚାରରେ ରୋକ ଲଗାଇଥିଲେ। କିନ୍ତୁ ଶନିବାର ଇସି ନିଷ୍ପତ୍ତି ବଦଳାଇ ଏହାକୁ ୨୪ ଘଣ୍ଟାକୁ ଖସାଇଦେଇଥିଲେ। ନିର୍ବାଚନ କମିଶନଙ୍କ ଏଭଳି ପଦକ୍ଷେପ ତାଙ୍କୁ ସନ୍ଦେହ ଘେରକୁ ଟାଣିନେଇଛି। କାରଣ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ବିରୋଧରେ ନିନ୍ଦନୀୟ ମନ୍ତବ୍ୟ ଦେଇ କ୍ଷମା ମାଗିଥିବା ଡିଏମ୍‌କେ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ. ରାଜାଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳି ନ ଥିଲା। ରାଜା ମାର୍ଚ୍ଚ ୨୬ରେ ଏକ ନିର୍ବାଚନୀ ସଭାରେ କହିଥିଲେ, ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନଙ୍କ ଜନ୍ମ ଏକ ଭଲ ସମ୍ପର୍କରୁ ହୋଇଥିବାବେଳେ ପାଲାନିସ୍ୱାମୀ ଏକ ଖରାପ ସମ୍ପର୍କରୁ ଜନ୍ମିତ ଅପରିପକ୍ୱ ଶିଶୁ। ରାଜାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ଇସି ତାଙ୍କୁ ଜବାବ ମାଗିଥିଲେ। ୩୧ ତାରିଖରେ ରାଜା ଜବାବ ଦାଖଲ କରିବା ପରେ ଏହା ସନ୍ତୋଷଜନକ ନୁହେଁ ବୋଲି କମିଶନ କହିବା ସହ ତାଙ୍କୁ ଡିଏମ୍‌କେ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦେଇ ୪୮ ଘଣ୍ଟା ପାଇଁ ତାଙ୍କ ପ୍ରଚାର ଉପରେ ଅଙ୍କୁଶ ଲଗାଇଥିଲେ।

ସେହିପରି ନିକଟରେ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ଭାଜପା ପୁଡୁଚେରୀ ମତଦାତାମାନଙ୍କ ଫୋନ୍ ନମ୍ବର ଓ ଆଧାର ତଥ୍ୟର ଅପବ୍ୟବହାର କରୁଥିବା ସାମ୍ନାକୁ ଆସିଥିଲା। ଆଧାର ଲିଙ୍କ୍ ଥିବା ଫୋନ୍ ନମ୍ବର ସଂଗ୍ରହ କରି ସେମାନଙ୍କ ପାଖକୁ ହ୍ୱାଟ୍ସଆପ୍ ବାର୍ତ୍ତା ପଠାଇବା ସହ ଗ୍ରୁପ୍‌ରେ ସାମିଲ ହେବା ଲାଗି ଗୈରିକ ଦଳ ଆମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଥିଲା। ଡେମୋକ୍ରାଟିକ୍ ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ) ନେତା ଏ. ଆନନ୍ଦ ଭାଜପାରୁ ଏଭଳି ଏକ ହ୍ୱାଟ୍ସଆପ୍ ବାର୍ତ୍ତା ପାଇବା ପରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ପୁଡୁଚେରୀର ସମସ୍ତ ପୋଲିଂ ବୁଥ୍‌ରେ ଏଭଳି ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହା ବ୍ୟକ୍ତିଗତ ଗୋପନୀୟ ତଥ୍ୟ (ପ୍ରିଭେସି) ଉଲ୍ଲଂଘନ ଓ ସାଇବର ଆତଙ୍କବାଦ ବୋଲି ଆନନ୍ଦ ତାଙ୍କ ପିଟିଶନରେ ଦର୍ଶାଇଥିଲେ। ପୁଡୁଚେରୀ ବିଧାନସଭା ନିର୍ବାଚନ ଏପ୍ରିଲ ୬ରେ ହେବାକୁ ଥିବାବେଳେ ଏହାକୁ ଘୁଞ୍ଚା ଯାଇପାରିବ କି ବୋଲି ମାର୍ଚ୍ଚ ୨୬ରେ ମାଡ୍ରାସ୍ ହାଇକୋର୍ଟ ଇସିଙ୍କୁ ପ୍ରଶ୍ନ କରିଥିଲେ। ଏହାସହ ଅଭିଯୋଗର ତଦନ୍ତ କରି ୩୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବା ପାଇଁ ହାଇକୋର୍ଟ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇସିଙ୍କ ଜବାବ ଦାଖଲ ପରେ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଓ ଜଷ୍ଟିସ୍ ସେନ୍ଥିଲକୁମାର ରାଜାମୂର୍ତ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଭାଜପା ଆଧାର ତଥ୍ୟର ଅପବ୍ୟବହାର କରିଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବାରୁ ଏହା ଏକ ଗମ୍ଭୀର ମାମଲା ବୋଲି ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ତେବେ ଅଦ୍ୟାବଧି ନିର୍ବାଚନ କମିଶନ ଏହା ଉପରେ କିଛି ପଦକ୍ଷେପ ନେଇ ନାହାନ୍ତି। ସମଗ୍ର ଘଟଣାକ୍ରମ ଇସିଙ୍କ ଭୂମିକାକୁ ସନ୍ଦେହ ଭିତରକୁ ଟାଣିନେବା ସହ ସାମ୍ବିଧାନିକ ସଂସ୍ଥା ନିରପେକ୍ଷତା ହରାଇବସିଥିବା ପ୍ରମାଣିତ କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

### ରାଜକୋଷକୁ ଚୂନ ...

ରେକର୍ଡପତ୍ର ପ୍ରସ୍ତୁତ କରିବାକୁ ଟିକସ ଓ ଅଣଟିକସ ରାଜସ୍ୱ କାର୍ଯ୍ୟାଳୟଗୁଡିକୁ କୁହାଯାଇଥାଏ। ତେବେ ସରକାରଙ୍କ ଟିକସ ଆଦାୟ କରୁଥିବା କାର୍ଯ୍ୟାଳୟଗୁଡିକ ୨୦୧୮-୧୯ରେ ୧,୩୬୩.୯୬ କୋଟି ଟଙ୍କା ଜଡିତ ଥିବା ୧,୧୬୦ଟି କର ନିର୍ଦ୍ଧାରଣ ନଥିପତ୍ର, ଅର୍ଥ ଫେରସ୍ତ ରେଜିଷ୍ଟର ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ବେଳେ ଦେଖାଇ ପାରିନାହାନ୍ତି। ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା କୃଷିଋଣରେ ମଧ୍ୟ ବ୍ୟାପକ ହେରଫେର ହୋଇଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। କୃଷି ଋଣ ଉଠାଇବା ପାଇଁ ଚାଷୀମାନଙ୍କ ନିମନ୍ତେ ରୂପେ କିଷାନ କାର୍ଡ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। ତେବେ ତାହାକୁ ସକ୍ରିୟ କରିବା ଲାଗି ଆବଶ୍ୟକ ଭିତ୍ତିଭୂମି କରାଯାଇ ନ ଥିବାରୁ ରାଜ୍ୟ ରାଜକୋଷ ଉପରେ ଅଯଥା ୧୭.୪୩ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିଥିଲା। କେବଳ ସେତିକି ନୁହେଁ, ଠିକ୍ ସମୟରେ ବିପର୍ଯ୍ୟୟ ପ୍ରଭାବିତ ଚାଷୀଙ୍କୁ ସହାୟତା ନ ଯୋଗାଇବା, କୃଷି ସହାୟତା କେନ୍ଦ୍ର ଗଠନରେ ବିଳମ୍ବ, କମ୍ପ୍ୟୁଟରୀକରଣ ଏବଂ ନେଟୱର୍କ ବିଫଳତା ଯୋଗୁ ଚାଷୀଙ୍କୁ କୌଣସି ଫାଇଦା ମିଳି ପାରି ନ ଥିଲା। ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଗୁଡ଼ିକୁ କମ୍ପ୍ୟୁଟରୀକରଣ କରା ନ ଯିବା ଏବଂ ଭି-ସାଟ୍‌ରେ ସଂଯୋଗ କରା ନ ଯିବା ଯୋଗୁ କୃଷକମାନେ ଇ-ବ୍ୟାଙ୍କିଂ ସେବା ଓ ରୂପେ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଏଟିଏମ୍‌ରୁ ଟଙ୍କା ଉଠାଇ ପାରି ନ ଥିଲେ। ଜଙ୍ଗଲ ଓ ପରିବେଶ ବିଭାଗରେ ମଧ୍ୟ ଅନେକ ଅନିୟମିତତାକୁ ସିଏଜି ଠାବ କରିଛନ୍ତି। ବଣାଇ ବନଖଣ୍ଡ ଅଧିକାରୀ ୨୦୧୧ରୁ ୨୦୧୮ ମଧ୍ୟରେ ଜବତ ହୋଇଥିବା କାଠଗଣ୍ଡି ଓ ଖୁଣ୍ଟିଗୁଡିକର ମୂଲ୍ୟାୟନ ନ କରି ପକାଇ ରଖିବାରୁ ସରକାରଙ୍କୁ ୧.୪୯ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି। ଜଳସେଚନ ବିଭାଗର ଅପାରଗତା ଯୋଗୁ ସରକାରଙ୍କୁ ବହୁ କ୍ଷତି ସହିବାକୁ ପଡିଛି। ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ହାଡୁଆ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ହାଡୁଆ ଜଳସେଚନ ପ୍ରକଳ୍ପ ଆଏକଟ ମାଡିଯିବାରୁ ପ୍ରକଳ୍ପରେ ବ୍ୟୟ ହୋଇଥିବା ୬୪.୬୮ କୋଟି ଟଙ୍କା ପାଣିରେ ପଡ଼ିଛି। ଜଳସେଚନ ଯନ୍ତ୍ରୀଙ୍କର ଦୁର୍ନୀତିଖୋର ମନୋଭାବ ଯୋଗୁ ରାଜକୋଷକୁ ବହୁ କ୍ଷତି ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନଦୀ, ହ୍ରଦ ଓ ଜଳାଶୟଗୁଡିକରୁ ଜଳ ଶୋଷୁଥିବା ଶିଳ୍ପସଂସ୍ଥାଠାରୁ ନିର୍ବାହୀ ଯନ୍ତ୍ରୀ କମ୍ ଟିକସ ଆଦାୟ କରିବା ଯୋଗୁ ସରକାରଙ୍କୁ କ୍ଷତି ସହିବାକୁ ପଡିଛି। ଶିଳ୍ପସଂସ୍ଥାଗୁଡିକରୁ ଜଳ କର ବାବଦରେ ୧ ହଜାର ଲିଟରକୁ ୫.୬୦ପଇସା ପରିବର୍ତ୍ତେ ୪.୫୦ ପଇସା ହିସାବରେ ଆଦାୟ କରିବାରୁ ସରକାରଙ୍କୁ ୪.୪୭ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ୨୦୧୮ ଜାନୁୟାରୀରୁ ୨୦୧୯ ଜାନୁୟାରୀ ମଧ୍ୟରେ ସିଏଜି ଅଡିଟ୍ ବେଳେ ଜାଣିବାକୁ ପାଇଛନ୍ତି ଯେ, ୪୪୫ ଶିଳ୍ପାନୁଷ୍ଠାନ ମଧ୍ୟରୁ ୧୭ଟି ଲାଇସେନ୍ସ ଫି ନ ଦେଇ ସରକାରୀ ଉତ୍ସରୁ ଜଳ ନେଉଛନ୍ତି। ୨୦୧୭ ଏପ୍ରିଲରୁ ୨୦୧୮ ଡିସେମ୍ବର ମଧ୍ୟରେ ଶିଳ୍ପସଂସ୍ଥାଗୁଡିକ ୮୩.୯୨ ଲକ୍ଷ ଘନମିଟର ଭୂତଳ ଜଳ ମାଗଣାରେ ନେଇଛନ୍ତି। ଏଥିପାଇଁ ସରକାରଙ୍କ ୬.୭୭ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ଯାଜପୁର ଜଳସେଚନ ଡିଭିଜନର ୧୪ଟି କାର୍ଯ୍ୟରେ ଲୋକଙ୍କୁ ବ୍ୟବହାର ନ କରି ଯନ୍ତ୍ର ସାହାଯ୍ୟରେ କାର୍ଯ୍ୟ କରିବାରୁ ମାଟି ଖନନ ମୂଲ୍ୟ ବୃଦ୍ଧି କରି ଠିକାଦାରଙ୍କୁ ୬.୯୦ କୋଟି ଟଙ୍କାର ଅଯଥା ଫାଇଦା ଦିଆଯାଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କେବଳ ସେତିକି ନୁହେଁ, ଡୋଜର ଦ୍ୱାରା ତ୍ରୁଟିପୂର୍ଣ୍ଣ ଆକଳନ କରି ଠିକାଦାରମାନଙ୍କୁ ୭.୧୦ କୋଟି ଟଙ୍କାର ଅନୁଚିତ ଫାଇଦା ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

### ମିଳିତ ଅପରେଶନକୁ ...

ଅବତରଣ କରିବା ପରେ ସଂସ୍କୃତି ଭବନ ଠାରେ ଆୟୋଜିତ ଡିଜିପି ସେବା ପଦକ (ଡିଜିପି ଡିସ୍) ସମ୍ମାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ସହ କୋଭିଡ୍ ସମୟରେ ଯୋଦ୍ଧା ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିଥିବାରୁ ୩୦ଜଣଙ୍କୁ ଡିଜିପି ସେବା ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସ୍ୱାଗତ ସୂଚନା ଦେଇଥିଲେ। ଏସ୍‌ପି ଋଷିକେଶ ଡି. ଖିଲାରି, ଅତିରିକ୍ତ ଏସ୍‌ପି ଉଦ୍ଧବ ନାୟକ, ଏସଆଇ ଶ୍ରୀନିବାସ ମୁଦୁଲିଙ୍କ ସହ ୩ଜଣ ଏସ୍‌ଆଇ ଏବଂ କନଷ୍ଟେବଲଙ୍କୁ ଏହି ସେବା ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ୍‌ଡିପିଓଙ୍କ ନୂତନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ ହୋଇଥିଲା। ପରେ ମାଲକାନଗିରି ଡିପିଓରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଡିଜିପି ଅଭୟ ମାଓବାଦୀ ରଣନୀତି ସମ୍ପର୍କରେ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାରେ କିଭଳି ବିକାଶ ସହ ସମନ୍ୱୟ ରକ୍ଷା କରି ମାଓବାଦୀ ଦମନ କାର୍ଯ୍ୟ ତ୍ୱରାନ୍ୱିତ ହେବ, ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପଡ଼ୋଶୀ ରାଜ୍ୟର ମାଓବାଦୀଙ୍କ ଅନୁପ୍ରବେଶ ରୋକିବା, ନୂତନ କ୍ୟାମ୍ପ ପ୍ରତିଷ୍ଠା ସ୍ଥାନରେ ସୁରକ୍ଷା ଆଦି ପ୍ରସଙ୍ଗରେ ସେ ଆଲୋଚନା କରିଥିଲେ। ଯେଉଁ ଆଦିବାସୀମାନେ ବିପ୍ଳବ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବେଆଇନ ସଙ୍ଗଠନରେ ସାମିଲ ହୋଇଛନ୍ତି ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ଜିଲାର ବିକାଶରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ନିର୍ଦ୍ଦେଶକ ଆରକେ ଶର୍ମା, ଆଇଜି ଅପରେଶନ ଅମିତାଭ ଠାକୁର, ଡିଆଇଜି ଏସ୍.ଡବ୍ଲ୍ୟୁଆର୍ ଅନିରୁଦ୍ଧ ସିଂ, ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ଆଇଆଇସି ରାମପ୍ରସାଦ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ଅଧସ୍ତନ କର୍ମଚାରୀଙ୍କ ସବୁ କଥାକୁ ଶୁଣି କିଛି କଲା ସମୟକୁ ସୁଯୋଗ ହାତରୁ ଖସି ଯାଇଥିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ବୃଷ** ନିଜ ପରିସରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ସାଧାରଣ କଥାରେ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି କିମ୍ବା କହୁଥିବା କଥାକୁ ବିରୋଧ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବାକୁ ପଡ଼ିବ।

**ମିଥୁନ** ଆଜି ଅଚାନକ ଭାବରେ ବନ୍ଧୁଙ୍କ ନିକଟରୁ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଚେଷ୍ଟା କରୁଥିବା ଦିଗରୁ ଅର୍ଥ ପାଇବେ। ପଡ଼ିରହିଥିବା କାମଟି ବିଳମ୍ବରେ ହେଲେ ମଧ୍ୟ ସମ୍ପନ୍ନ ହେବ। ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ** ଆଜି କର୍ମ ସମ୍ପାଦନ ଓ ଅର୍ଥ ଲାଭର ଯୋଜନା କରିବାରେ ନିୟୋଜିତ ରହିପାରନ୍ତି। ଅନ୍ୟମନସ୍କତାରୁ ବିଭିନ୍ନ ଚିନ୍ତା ଧରି କଳ୍ପନା ରାଇଜରେ ଘୂରି ବୁଲିବା ସକାଶେ ଇଚ୍ଛା ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କୁ ଆପ୍ୟାୟିତ କରିବା ସକାଶେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହିପାରନ୍ତି।

**ସିଂହ** ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଆଲୋଚନା କାଳରେ କିଛି କହିବା ଅପେକ୍ଷା ନୀରବ ରହିପାରିଲେ ଭଲ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଶ୍ଚିନ୍ତାର କାରଣ ହୋଇପାରେ। ସାମାଜିକ ସ୍ତରରେ, ଗଠନମୂଳକ କାମରେ, ସଭାସମିତିରେ ବନ୍ଧୁମାନଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**କନ୍ୟା** କାର୍ଯ୍ୟ କ୍ଷେତ୍ରରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁ ମିଳନ ଓ ଆମୋଦ ପ୍ରମୋଦ ସକାଶେ ନୂତନ ଯୋଜନା କରିବେ।

**ତୁଳା** ସମସ୍ୟା ମଧ୍ୟରେ ବୁଡ଼ି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବ। ତଥାପି ଆଜି ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ସମ୍ଭାବନା ରହିଛି। ବନ୍ଧୁ ଗହଣରେ ମଉଜିଆ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ବିଛା** ଏକ ଭିନ୍ନ ପରିସ୍ଥିତିରେ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ମନର ଭାବପ୍ରବଣତାରେ ଭରି ଅବଶ୍ୟ ଅନ୍ୟମାନଙ୍କୁ ଆପଣେଇ ନେବେ। ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ, ମାତ୍ର ଅନ୍ୟାୟ ବିରୋଧରେ ସ୍ୱର ଉଠାଇପାରନ୍ତି। ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ ହେବ।

**ଧନୁ** ଆଜି ଭୁଲ୍ ବୁଝାମଣା କାରଣରୁ ହଠାତ୍ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। କର୍ମ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ ସହ ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବ।

**ମକର** ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଅବଶ୍ୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ, କିନ୍ତୁ ଆଲୋଚନା କାଳରେ ଝଗଡ଼ା ଲାଗିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ।

**କୁମ୍ଭ** ଆଜି ଆପଣ ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭଫଳ ମିଳିବ। କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଆଜି ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ପୁରୁଣା କାମଗୁଡ଼ିକର ସମୀକ୍ଷା କରିବେ, କିନ୍ତୁ ବିବାଦୀୟ ପରିସ୍ଥିତି ସୃଷ୍ଟିର ସମ୍ଭାବନା ରହିଛି। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଚୈତ୍ର କୃଷ୍ଣ ନବମୀ ସୋମବାର, ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, (ଆଜି ରାତ୍ରି ଘ.୧୨।୨୪ମି. ସମୟରେ ବୃହସ୍ପତିଙ୍କ କୁମ୍ଭ ରାଶିକୁ ଚଳନ ହେବ) (ମେଷ, ମିଥୁନ, ସିଂହ, ତୁଳା ଓ ମକର ରାଶି ପାଇଁ ଶୁଭଫଳ) ରାଶିନକ୍ଷତ୍ର-ଦିବା ଘ.୦୮।୦୩ ମି. ଗତେ ଉତ୍ତରାଷାଢ଼ା/ମକର, ମିଥୁନ ରାଶିର ଘାତବାର, ସିଂହ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୭।୧୯ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଅମୃତବେଳା। ଦିବା ଘ.୦୩।୩୦ ଗତେ ଘ.୦୫।୦୯ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୭।୧୨ ଗତେ ଘ.୦୮।୪୫ ମଧ୍ୟେ ରାହୁକାଳ ॥


## classifieds

Everyday 0674-2580101, 2549302




**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425




**SALE**

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

**2400sqft. gharabari boundary plot NH-5 Hitech Chhaka immedate sale. 9438299931.** D-70827

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553.** D-70821

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots).** D-70816

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ଛକପାଖରେ ଘରବାରି SC Plot 5,41,000/-ରେ ବିକ୍ରି ହେବ। 9439832956.** D-70824

**ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254.** D-70826




Get good massage for your health the best therapy. 7749997224. D-70444

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Swarna SPA newly open positively health benefits with expert therapist. 9556978408. D-70576

Zen SPA positively health benefits with experts therapeutic genuinely massage. 7205084157. D-70577

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୧୬,୫୨,୪୨୩ | ୨୮,୬୨,୮୨୨ | ୧୦,୬୦,୨୨,୨୮୩ |
| ଭାରତ | ୧,୨୫,୭୪,୪୫୭ | ୧,୬୫,୦୪୪ | ୧,୧୬,୭୩,୬୦୫ |
| ଓଡ଼ିଶା | ୩,୪୨,୬୯୫ | ୧୯୨୨(+୫୩) | ୩,୩୭,୯୩୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସ୍ୱାମୀ ମୃତ୍ୟୁ ଖବର ଶୁଣି ଟଳିପଡ଼ିଲେ ସ୍ତ୍ରୀ

ଯାଜପୁର ସଦର, ୪।୪(ଡି.ଏନ୍.ଏ) ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣିବା କ୍ଷଣି ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ବରମପୁର ଗ୍ରାମରେ। ଘଟଣାରୁ ପ୍ରକାଶ ବରମପୁରର ଉଦୟନାଥ ଷଡଙ୍ଗୀ(୫୮) ନିକଟସ୍ଥ ହରିପୁର ବଜାରରୁ ଜିନିଷପତ୍ର କିଣି ଶନିବାର ରାତି ୧୦ଟାରେ ଘରକୁ ଫେରୁଥିଲେ। ବାଟରେ ହଠାତ୍ ପଦନା ଗ୍ରାମ ନିକଟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ କଟକ ଯିବା ବାଟରେ ଉଦୟନାଥଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ଘରେ ଖବର ପହଞ୍ଚିଥିଲା। ଫଳରେ ଉଦୟନାଥଙ୍କ ସ୍ତ୍ରୀ ଅମ୍ବିକା (୫୪) ଘରେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରାତି ସାଢେ ୧୧ଟାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ, ସ୍ତ୍ରୀଙ୍କ ଅକାଳ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ଯୁବକ ଅଟକ

**ଢେଙ୍କାନାଳ ଅଫିସ, ୪।୪:** ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା କଲେଜ ଛାତ୍ରୀଙ୍କ ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଶନିବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ସଦର ଥାନା ବନ୍ଧ ନୂଆଗାଁ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। ଏ ନେଇ ଥାନାରେ ନଂ. ୧୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସଠାରୁ ସୂଚନା ପାଇ ରବିବାର ରାତି ପ୍ରାୟ ୯ଟାରେ ମୃତା ଛାତ୍ରୀଙ୍କ ପରିବାର ଲୋକେ ଢେଙ୍କାନାଳରେ ପହଞ୍ଚିଛନ୍ତି। ପରିବାର ଲୋକଙ୍କ କହିବା କଥା, ନାବାଳିକା ଜଣକ ଯୁକ୍ତ ୨ ଶେଷ ବର୍ଷର ଛାତ୍ରୀ। ସେ ଗତ ୧ ତାରିଖରେ ଡାକ୍ତରଖାନାକୁ ଯାଉଥିବା କହି ଘରୁ ବାହାରି ଆସିଥିଲେ। ଏହାପରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ତାଙ୍କର ପତ୍ତା ମିଳି ନ ଥିଲା। ଏ ନେଇ ଖଇରା ଥାନାରେ ନିଖୋଜ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଯୁବକଙ୍କ ସହ ନାବାଳିକା ଛାତ୍ରୀ ପଳାଇ ଆସିଥିବା ଅନୁମାନ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅଟକ ଯୁବକଙ୍କୁ ପଚରାଉଚୁରା କରାଯାଉଛି। ତଦନ୍ତ ପରେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରବିବାର ଶ୍ରୀମନ୍ଦିର ପରିସର ସାନିଟାଇଜ୍ ନିମନ୍ତେ ସର୍ବସାଧାରଣ ଦର୍ଶନକୁ ବନ୍ଦ କରାଯାଇଥିବାରୁ ଶ୍ରଦ୍ଧାଳୁମାନେ ପତିତପାବନ ଦର୍ଶନ କରୁଛନ୍ତି।

# ବଢୁଛି ମାପ ଓଜନରେ ଜାଲିଆତି

## ୩ ବର୍ଷରେ ୬୮୦ ପେଟ୍ରୋଲ ପମ୍ପରେ ଠକେଇ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୪।୪**

ଜନସାଧାରଣ କେବଳ ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ବୃଦ୍ଧିଜନିତ ଆର୍ଥିକ ବୋଝକୁ ସହୁନାହାନ୍ତି, ପେଟ୍ରୋଲ ପମ୍ପରେ ମାପ ଠକେଇର ମଧ୍ୟ ଶିକାର ହୋଇଆସୁଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷର ଫେବୃୟାରୀ ୨୧ ସୁଦ୍ଧା ମାପ ଏବଂ ଓଜନ ଆଇନ ଖିଲାପ କରୁଥିବା ରାଜ୍ୟର ୧୩୨ ଜଣ ପମ୍ପ ମାଲିକଙ୍କ ବିରୋଧରେ କେସ୍ ରୁଜୁ କରାଯାଇ ୯ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୧୮-୧୯ରେ ୨୨୫ ଜଣଙ୍କଠାରୁ ୧୧,୭୪,୦୦୦ ଓ ୨୦୧୯-୨୦ରେ ୩୨୩ ପମ୍ପ ମାଲିକଙ୍କଠାରୁ ୧୯,୮୩,୦୦୦ ଟଙ୍କା ଅସୁଲି ହୋଇଛି। ୩ ବର୍ଷରେ ୬୮୦ ପେଟ୍ରୋଲ ପମ୍ପରେ ଏଭଳି ଠକେଇ ଯୋଗୁ ଗ୍ରାହକମାନେ ବହୁ କ୍ଷତି ସହିଛନ୍ତି। ଯେଉଁଠି ପମ୍ପ ମାଲିକ ଏବଂ ମାପ ଓଜନ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଛି, ସେଠାରେ ମାପରେ ଠକିବା ଅଣାୟତ୍ତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସୁନା ଅଳଙ୍କାର ଦୋକାନରେ ମାପରେ ଠକିବା ଭଳି ସମ୍ବେଦନଶୀଳ କାର୍ଯ୍ୟ ସାମ୍ନାକୁ ଆସିଛି। ୨୦୨୦-୨୧ ଫେବୃୟାରୀ ସୁଦ୍ଧା ୧୯୬ ଜଣ ଗହଣା ବ୍ୟବସାୟୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ୪,୪୫,୫୦୦ ଟଙ୍କା ଆଦାୟ ହୋଇଛି। ମାପ ଏବଂ ଓଜନ ଠକେଇକୁ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଦାୟିତ୍ୱରେ ଅବହେଳା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ବୈଧ ମାପବିଜ୍ଞାନ ନିର୍ଦ୍ଦେଶାଳୟ ଭୁବନେଶ୍ୱରର ଖଣ୍ଡଗିରିରେ କାର୍ଯ୍ୟ କରୁଛି। ଏହି ନିର୍ଦ୍ଦେଶାଳୟ ଅଧୀନରେ ଜିଲାସ୍ତରରେ ୩୦ ସହକାରୀ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ଖୋଲାଯାଇଛି। ଏହାସହ ଓଡ଼ିଶାରେ ୭୨ଟି ପ୍ରୟୋଗଶାଳା କାର୍ଯ୍ୟ କରୁଛି। ତେବେ ୩୦ ଜିଲା କାର୍ଯ୍ୟାଳୟରୁ ୧୪ ସହକାରୀ ନିୟନ୍ତ୍ରକ ବୈଧ ମାପବିଜ୍ଞାନ(ଏସିଏଲ୍ଏମ୍), ୮ ବରିଷ୍ଠ ନିରୀକ୍ଷକ, ୨୮ ନିରୀକ୍ଷକ ଓ ୩ କିରାଣି ପଦବୀ ଖାଲି ପଡ଼ିଛି। ଏଭଳି ସ୍ଥିତିରେ ଓଜନ ଯନ୍ତ୍ରଗୁଡ଼ିକରେ ଉପଯୁକ୍ତ ଭାବେ ସିଲ୍ ଏବଂ କ୍ରମାଙ୍କ କାର୍ଯ୍ୟ ହେଉନାହିଁ। ବର୍ଷକ ତଳେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍ର ନିରୀକ୍ଷଣରେ ଏହିସବୁ ଦୃଷ୍ଟିଗୋଚର ହୋଇଥିଲା। ଏଣୁ ଏସିଏଲ୍ଏମ୍ମାନଙ୍କୁ ଓଜନ ମାପଗୁଡିକର ପୁନଃ ନିରୀକ୍ଷଣ କରି ଆଇନ ଅନୁସାରେ ପଦକ୍ଷେପ ନେବାକୁ ବୈଧ ମାପବିଜ୍ଞାନ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ଏପର୍ଯ୍ୟନ୍ତ ଏହାର ସୁଧାର ହୋଇ ନ ଥିବାରୁ ଖାଉଟିମାନେ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବ୍ୟବସାୟିକ ଅନୁଷ୍ଠାନ, ଶିଳ୍ପାଞ୍ଚଳ ଓ ଖଣିରେ ଥିବା ୱେବ୍ରିଜ, ବଜାର, ସୁନା ଦୋକାନ, ପରିବା, ରାଶନ ଦୋକାନ, ପେଟ୍ରୋଲ ଟାଙ୍କି ଇତ୍ୟାଦିରେ ଓଜନ ଓ ମାପରେ ବ୍ୟାପକ ଅନିୟମିତତା ହେଉଛି। ପେଟ୍ରୋଲ ଟାଙ୍କିରେ ମନଇଚ୍ଛା ମାପ ବ୍ୟବସ୍ଥା କରାଯାଉଥିବା ଅଭିଯୋଗ ହେଉଛି। ଓଡ଼ିଶାରେ ୧୭୩୨ ପେଟ୍ରୋଲ ପମ୍ପ ରହିଛି। ଗତ ୩ ବର୍ଷରେ ସୁନ୍ଦରଗଡ ଜିଲାରେ ସର୍ବାଧିକ ୭୧ ପେଟ୍ରୋଲ ପମ୍ପରେ ମାପରେ ଠକେଇ ହୋଇଥିବା ଧରାପଡିଛି। ସେହିପରି ଅନୁଗୋଳ ଜିଲାରେ ୫୨, ବାଲେଶ୍ୱରରେ ୪୨, ଭଦ୍ରକରେ ୧୯, ବଲାଙ୍ଗୀରରେ ୧୫, ବରଗଡ଼ରେ ୩୧, ବୌଦ୍ଧରେ ୩, କଟକରେ ୩୭, ଦେବଗଡ଼ରେ ୧୩, ଢେଙ୍କାନାଳରେ ୨୮, ଗଜପତିରେ ୮, ଗଞ୍ଜାମରେ ୩୧, ଜଗତ୍ସିଂହପୁରରେ ୧୧, ଯାଜପୁରରେ ୩୮, ଝାରସୁଗୁଡ଼ାରେ ୧୬, କଳାହାଣ୍ଡିରେ ୨୭, କନ୍ଧମାଳରେ ୭, କେନ୍ଦ୍ରାପଡ଼ାରେ ୨୨, କେନ୍ଦୁଝରରେ ୧୭, ଖୋର୍ଦ୍ଧାରେ ୩୩, କୋରାପୁଟରେ ୯, ମାଲକାନଗିରିରେ ୬, ମୟୂରଭଞ୍ଜରେ ୪୩, ନବରଙ୍ଗପୁରରେ ୫, ନୟାଗଡ଼ରେ ୧୩, ନୂଆପଡ଼ାରେ ୬, ପୁରୀରେ ୧୫, ରାୟଗଡ଼ାରେ ୨୧, ସମ୍ବଲପୁରରେ ୧୭, ସୋନପୁରରେ ୨୪ ପେଟ୍ରୋଲ ପମ୍ପ ମାଲିକମାନେ ମାପରେ ଠକି ଧରାପଡିଛନ୍ତି। ଶନିବାର ଶେଷ ହୋଇଥିବା ବିଧାନସଭା ବଜେଟ ଅଧିବେଶନରେ ବିଧାୟକ ତାରାପ୍ରସାଦ ବାହିନୀପତି, ପ୍ରତାପ କେଶରୀ ଦେବ, ଅଙ୍ଗଦ କହଁର ଓ ସୌଭିକ ବିଶ୍ୱାଳଙ୍କ ପୃଥକ୍ ପୃଥକ୍ ପ୍ରଶ୍ନର ଉତ୍ତରରେ ବୈଧ ମାପବିଜ୍ଞାନ ଉପନିୟନ୍ତ୍ରକ ସନାତନ ବାରୀ ଉପରୋକ୍ତ ତଥ୍ୟ ଦାଖଲ କରିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ବୈଧମାପ ନିରୀକ୍ଷକମାନେ ନିୟମିତ ବ୍ୟବଧାନରେ ପେଟ୍ରୋଲ ପମ୍ପ ଓ ଗହଣା ଦୋକାନରେ ଚଢାଉ କରିଥାନ୍ତି। ମାପ ଏବଂ ଓଜନରେ ଖିଲାପ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ଜରିମାନା ଆଦାୟ କରାଯାଉଛି।

## ବନ୍ଦ ରହିଲା ଦର୍ଶନ, ସାନିଟାଇଜ ହେଲା ଶ୍ରୀମନ୍ଦିର

### ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରିଲେ ଶ୍ରଦ୍ଧାଳୁ

**ପୁରୀ ଅଫିସ,୪।୪**

କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଶାସନ ନିଷ୍ପତ୍ତି କ୍ରମେ ରବିବାର ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଛି। ବଡଦେଉଳ ଭିତର ଓ ଚତୁଃପାର୍ଶ୍ୱ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ଦର୍ଶନ ବନ୍ଦ ଥିବାରୁ ଅନେକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ସେମାନେ ବଡଦାଣ୍ଡରେ ପତିତପାବନଙ୍କୁ ଦର୍ଶନ କରି ଓ ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ ଜଣାଇ ନିରାଶରେ ଫେରିଛନ୍ତି। ସୋମବାରଠାରୁ କୋଭିଡ୍ କଟକଣା ଅନୁଯାୟୀ ଦର୍ଶନ ବ୍ୟବସ୍ଥା ହେବ। ସପ୍ତାହକୁ ୨ଥର ଦର୍ଶନ ସରିବା ପରେ ଶ୍ରୀମନ୍ଦିର ପରିସର ସାନିଟାଇଜ କରାଯିବ। ଶ୍ରୀମନ୍ଦିର ପରିସରରେ ପାନଛେପ ପକାଇଲେ ଓ ପଲିଥିନ୍ ବ୍ୟବହାର କଲେ ଶ୍ରଦ୍ଧାଳୁଙ୍କୁ ଜରିମାନା ଦେବାକୁ ପଡ଼ିବ।

ରବିବାର ସାଧାରଣ ଦର୍ଶନ ବନ୍ଦ ଥିଲେ ମଧ୍ୟ ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ହୋଇଛି। କେବଳ ନୀତିକାନ୍ତି ଦାୟିତ୍ୱରେ ଥିବା ସେବାୟତମାନେ ହିଁ ବଡଦେଉଳକୁ ଯାଇ ମହାପ୍ରଭୁଙ୍କ ନୀତି ସମ୍ପାଦନ କରିଛନ୍ତି। କଟକରୁ ଆସିଥିବା ରାଜେଶ ସେଠୀ କହିଛନ୍ତି, ଶ୍ରୀମନ୍ଦିର ବନ୍ଦ ରହିବା ବିଷୟରେ ଜାଣି ନ ଥିଲି। ତେଣୁ ଦର୍ଶନ ପାଇଁ ଚାଲି ଆସିଥିଲି। ମହାପ୍ରଭୁଙ୍କ ଦର୍ଶନ ପାଇପାରି ନ ଥିବାରୁ ମନ ଦୁଃଖ ହେଉଛି। ତେବେ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରୁଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, କରୋନା ସଂକ୍ରମଣ ବଢୁଥିବାରୁ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି। କଟକଣା ମାନି ଶ୍ରଦ୍ଧାଳୁ କିଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ତାହା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଚାରିପଟେ ଗହଳି ନିୟନ୍ତ୍ରଣ ଲାଗି ପୋଲିସ ପ୍ରଶାସନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି ମତ ପ୍ରକାଶ କରିଛନ୍ତି।

# ବିଜୁଳି କାଟି କଂଗ୍ରେସର ପ୍ରତିବାଦ

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ୩୦ ମିନିଟ୍ ବିଜୁଳି କାଟ କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଭୋକ୍ତାମାନେ ୩୦ ମିନିଟ୍ ପର୍ଯ୍ୟନ୍ତ ବିଜୁଳି ବନ୍ଦ କରି ନୀରବ ପ୍ରତିବାଦ କରିଛନ୍ତି। ଏଥିସହ କଂଗ୍ରେସର ଏହି ଆହ୍ୱାନକୁ ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ବିରୋଧରେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି କଂଗ୍ରେସ ଭବନ ସମେତ ପିସିସି ସଭାପତି ଏବଂ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ବାସଭବନରେ ସନ୍ଧ୍ୟା ୬.୩୦ରୁ ୭ଟା ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଥିଲା।

**ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ**



ସାଧାରଣ ଜନତା ଓ କଂଗ୍ରେସ କର୍ମୀ ଏହି ବନ୍ଦ ପ୍ରତିବାଦକୁ ବହୁଳ ମାତ୍ରାରେ ସମର୍ଥନ ଜଣାଇଥିବାରୁ ପିସିସି ସଭାପତି ସେମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହ ସୋମବାର ସବୁ ଜିଲା ସଦର ମହକୁମା ଓ ବ୍ଲକରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ଏବଂ ୬ ତାରିଖରେ ଭୁବନେଶ୍ୱରସ୍ଥିତ ଓଇଆର୍ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସମାବେଶ କରାଯିବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ନିରଞ୍ଜନ ରାଜ୍ୟର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ଏବଂ କଂଗ୍ରେସ କର୍ମୀଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

**ଆଜି ସବୁ ଜିଲା ସଦର ମହକୁମା, ବ୍ଲକ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ**

# ସାମ୍ପ୍ରଦାୟିକ ରାଜନୀତି କରୁଛନ୍ତି ମମତା: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ଜୟ ଶ୍ରୀରାମ ନାରାକୁ ଶୁଣି ଚିହିଁକି ଉଠୁଥିବା ମମତା ଦିଦି ସାମ୍ପ୍ରଦାୟିକ ରାଜନୀତି କରୁଛନ୍ତି ବୋଲି ରବିବାର ପଶ୍ଚିମବଙ୍ଗର କମାରହାଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ନିର୍ବାଚନ ପ୍ରଚାର ଅବସରରେ ପଶ୍ଚିମବଙ୍ଗରେ ରହୁଥିବା ଓଡ଼ିଆମାନେ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ସବ୍କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସକୁ ମୂଳମନ୍ତ୍ର କରିଛନ୍ତି। ଏହି ମନ୍ତ୍ରରେ ପ୍ରଧାନମନ୍ତ୍ରୀ ହିନ୍ଦୁ କିମ୍ବା ମୁସଲିମ ପାର୍ଥକ୍ୟ ନ ଦେଖି ପଶ୍ଚିମବଙ୍ଗବାସୀଙ୍କୁ



ଆବାସ ଯୋଜନାରେ ଘର, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, କରୋନା ମହାମାରୀ ସମୟରେ ଲୋକଙ୍କୁ ମାଗଣାରେ ମୁଣ୍ଡ ପିଛା ୫ କେଜି ଚାଉଳ, ପରିବାର ପିଛା ଡାଲି, ଗ୍ୟାସ, ଜନଧନ ଯୋଜନାରେ ମହିଳାଙ୍କୁ ଟଙ୍କା ତଥା ଅନ୍ୟାନ୍ୟ ଆର୍ଥିକ ଏବଂ ଆନୁଷଙ୍ଗିକ ସହଯୋଗ ବ୍ୟବସ୍ଥା କରିଛନ୍ତି। ଅପରପକ୍ଷରେ ମମତା ଦିଦି ଜୟ ଶ୍ରୀରାମ ନାରାକୁ ଗାଳି ଭାବୁଛନ୍ତି। ଦିଦି ସାମ୍ପ୍ରଦାୟିକତାବାଦକୁ କାହିଁକି ନୀତି କରିଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ପଶ୍ଚିମବଙ୍ଗରେ ୧୦ ବର୍ଷର ଟିଏମ୍ସି ଶାସନରେ ଦୁର୍ନୀତି, ଲୁଟ୍, ଲାଞ୍ଚ ବୃଦ୍ଧି ପାଇଛି। ଏହି କାରଣରୁ ଚଳିତ ନିର୍ବାଚନରେ ପ୍ରଧାନମନ୍ତ୍ରୀଙ୍କ ଭଳି ବିକାଶମୁଖୀ ସରକାର କରିବା ପାଇଁ ପଶ୍ଚିମବଙ୍ଗ ଜନତା ମନ ବଳାଇସାରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଦେଖି ଦିଦି ହାରିବା ଭୟରେ ଭୟଭୀତ ହୋଇଯାଇଛନ୍ତି। ଆସନ୍ତା ମେ ୨ ତାରିଖରେ ତୃଣମୂଳ କଂଗ୍ରେସର ସଭାନେତ୍ରୀଙ୍କ ପରାଜୟ ସୁନିଶ୍ଚିତ ହେବ। ପଶ୍ଚିମବଙ୍ଗରେ ଡବଲ ଇଞ୍ଜିନର ସରକାର କରିବା ପାଇଁ ଏଠାର ବାସିନ୍ଦା ପ୍ରତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସନ୍ଧ୍ୟାରେ ବର୍ଷା ଦେଲା ଆଶ୍ୱସ୍ତି

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ରାଜ୍ୟରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଦିନରେ ପ୍ରବଳ ଖରାକୁ ଝାଞ୍ଜି ପବନ ଅସ୍ତବ୍ୟସ୍ତ କରିପକାଉଛି। ହେଲେ ଅପରାହ୍ନରୁ ବର୍ଷା ଆଶ୍ୱସ୍ତି ଦେଉଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ସୋନପୁର, ସମ୍ବଲପୁର, ଦେବଗଡ଼ ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। କେତେକ ସ୍ଥାନରେ ଝଡ଼ତୋଫାନ ହୋଇଛି। ବର୍ଷା ଓ ଝଡ଼ତୋଫାନ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ୧୭ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ସୋମବାର ସକାଳ ସାଢ଼େ ୮ଟାରୁ ୨୪ ଘଣ୍ଟା ମଧ୍ୟରେ ରାୟଗଡ଼ା, କୋରାପୁଟ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ପାରଦ ୩୯ ଡିଗ୍ରୀ ଉପରେ ରହିଥିଲା। ବଲାଙ୍ଗୀରରେ ସର୍ବାଧିକ ୩୯.୯ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବାରିପଦାରେ ୩୯.୮, ଭୁବନେଶ୍ୱରରେ ୩୯.୨, ସୁନ୍ଦରଗଡ଼ ଓ ମାଲକାନଗିରିରେ ୩୯ ଡିଗ୍ରୀ ରେକର୍ଡ କରାଯାଇଛି।



ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ହୋଇଥିବା ବର୍ଷା ସମୟର ଦୃଶ୍ୟ।

# ବିମାନ, ଟ୍ରେନ୍ରୁ ସଂକ୍ରମଣ

**ଭୁବନେଶ୍ୱର,୪।୪(ବ୍ୟୁରୋ)**

ବାହାର ଦେଶ ଓ ରାଜ୍ୟରୁ କରୋନାର ନୂଆ ଷ୍ଟ୍ରେନ୍ ଏବେ ଓଡ଼ିଶାକୁ ପଶି ଆସୁଛି। ଟ୍ରେନ୍, ବିମାନ ଓ ଗାଡିମୋଟର ଦେଇ ଚାରିଆଡୁ ସଂକ୍ରମଣ ମାଡ଼ି ଆସୁଛି। ତେଣୁ ଏହି ଘାତକ ମହାମାରୀକୁ ପ୍ରତିହତ କରିବା ପାଇଁ ଏବେ କଟକଣାକୁ ବଢ଼ାଇ ଦିଆଯାଇଛି। ସୀମାନ୍ତ ଜିଲାରେ କର୍ଫ୍ୟୁ, କଣ୍ଟେନମେଣ୍ଟ ଜୋନ୍ କରାଯାଇ ପ୍ରବେଶ ପଥରେ ଯାଞ୍ଚ

- ରେଳ ଷ୍ଟେଶନରେ ପ୍ରଥମଥର ପାଇଁ ୩ ପଜିଟିଭ୍ ଚିହ୍ନଟ
- ବିମାନ ବନ୍ଦରରୁ ଧରାପଡ଼ିଲେଣି ୩୬ ସଂକ୍ରମିତ

ଚାଲିଥିବାବେଳେ ଏପଟେ ଭୁବନେଶ୍ୱର ରେଳ ଷ୍ଟେଶନ ଓ ବିମାନ ବନ୍ଦରରେ ମଧ୍ୟ ଯାତ୍ରୀ ଯାଞ୍ଚକୁ ତ୍ୱରାନ୍ୱିତ କରାଯାଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୩୮ଜଣ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ରେଳ ଷ୍ଟେଶନରୁ ୩ଜଣ ଓ ବିମାନବନ୍ଦରରୁ ୧୧ଜଣ ରହିଛନ୍ତି। ତେବେ ଯାଞ୍ଚ ସମୟରେ ଭୁବନେଶ୍ୱର ରେଳ ଷ୍ଟେଶନରୁ ପ୍ରଥମଥର ପାଇଁ ଯାତ୍ରୀ ପଜିଟିଭ ଚିହ୍ନଟ ହେବା ପରେ ଉଭୟ ଆକ୍ରାନ୍ତଙ୍କୁ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଓ ଟ୍ରାଭେଲ ହିଷ୍ଟ୍ରିର ଯାଞ୍ଚ ଚାଲିଛି। ଏଥିସହ ଷ୍ଟେଶନ ଓ ସହରରେ ଟେଷ୍ଟିଂକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଅପରପକ୍ଷେ ଚିନ୍ତା ବଢ଼ାଇଲାଣି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର। ଗତ ୩ ଦିନ ଭିତରେ ୨୫ଜଣ ଯାତ୍ରୀ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ରବିବାର ଆଉ ୧୧ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ମୁମ୍ବାଇ ଓ ପୁଣେରୁ ଆସିଥିବା ୭ ବିମାନର ୩୧୩ଜଣ ଯାତ୍ରୀଙ୍କର କୋଭିଡ୍ ଟେଷ୍ଟ ହୋଇଥିଲା। ୧୧ ଯାତ୍ରୀ ସଂକ୍ରମିତ ଥିବା ଜଣାପଡିଛି। ତେବେ ଏମାନଙ୍କୁ ମିଶାଇ ବିମାନବନ୍ଦରରୁ ମୋଟ୍ ୩୬ଜଣ ସଂକ୍ରମିତ ଚିହ୍ନଟ ହୋଇସାରିଲେଣି। ପଜିଟିଭ୍ ସମସ୍ତ ଯାତ୍ରୀଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ଦିଆଯାଇଛି। ବିମାନ ଯୋଗେ ବାହାର ଦେଶରୁ ଯାତ୍ରୀମାନେ ଆସୁଥିବାରୁ ସେମାନଙ୍କ ଟେଷ୍ଟିଂ ସହ ଷ୍ଟ୍ରେନ୍ ଚିହ୍ନଟ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି।

## ୭ କର୍ମଚାରୀ ଆକ୍ରାନ୍ତ, ଏସ୍ବିଆଇ ମୁଖ୍ୟ କାର୍ଯ୍ୟାଳୟ ସିଲ୍

ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ପରେ ସିଲ୍ ହୋଇଛି ବ୍ୟାଙ୍କ୍। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଏସ୍ବିଆଇ)ର ମୁଖ୍ୟ କାର୍ଯ୍ୟାଳୟକୁ ବିଏମ୍ସି ୪୮ଘଣ୍ଟା ପାଇଁ ସିଲ୍ କରିଛି। ବ୍ୟାଙ୍କର ୭ଜଣ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏ ନେଇ ବିଏମ୍ସି ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ୟାଙ୍କକୁ ଯଥାଶୀଘ୍ର ସାନିଟାଇଜ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ୬ ତାରିଖରେ ଏସ୍ବିଆଇ ମୁଖ୍ୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ପାଇଁ ଏକ ଆର୍ଟି-ପିସିଆର୍ ଟେଷ୍ଟିଂ କ୍ୟାମ୍ପ କରାଯିବ। ଜରୁରିକାଳୀନ ଆବଶ୍ୟକତା ପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ବିଏମ୍ସିର କଣ୍ଟ୍ରୋଲ ରୁମ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଏପଟେ ବ୍ୟାଙ୍କ୍ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିବା ପରେ ସେଠାରେ କାରବାର କରୁଥିବା ଗ୍ରାହକଙ୍କ ମଧ୍ୟରେ ଭୟ ଖେଳିଯାଇଛି। ଏହି ସମୟ ଭିତରେ ବ୍ୟାଙ୍କ୍ ଯାଇଥିବା ଗ୍ରାହକ ଓ ଅନ୍ୟମାନଙ୍କର ଟେଷ୍ଟ କରାଯିବାକୁ ଦାବି ହେଉଛି।



ସ୍ୱାର୍ଥପରତା ହିଁ ଏକମାତ୍ର ପାପ । ନୀଚତା ହିଁ ଏକମାତ୍ର କୁବୃତ୍ତି । ଘୃଣା ହିଁ ଏକମାତ୍ର ଅପକର୍ମ । ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ । କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ । **–ଶ୍ରୀଅରବିନ୍ଦ**



# ସଂଖ୍ୟାରେ ମିଛ

ଏକ ଦେଶ ପାଇଁ ଆଭ୍ୟନ୍ତରୀଣ ନିରାପତ୍ତା ଅଧିକ ଗୁରୁତ୍ୱ ବହନ କରିବା କଥା । ଯଦି ଦେଶ ଭିତରେ ହିଂସା ଘଟେ ତାହା ନାଗରିକଙ୍କ ପାଇଁ ବାହ୍ୟ ଆକ୍ରମଣଠାରୁ ଅଧିକ ବିପଦ ସୃଷ୍ଟି କରେ । ଛତିଶଗଡ଼ ବିଜାପୁର ଜିଲାରେ ୩ ଏପ୍ରିଲରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିବାରୁ ୫ ଯବାନଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଯାଇଥିଲା । ୪ ଏପ୍ରିଲରେ ନିରାପତ୍ତା ବାହିନୀର ୨୨ ଯବାନଙ୍କ ପ୍ରାଣ ଯିବା ସହ ୩୨ ଜଣ ଆହତ ହୋଇଛନ୍ତି ଏବଂ କେତେ ଜଣ ନିଖୋଜ ହୋଇଥିବା ଖବର ପ୍ରକାଶ ପାଇଛି । ସରକାରୀ ଭାବେ ଯେଉଁ ସଂଖ୍ୟା ଘୋଷଣା କରାଯାଇଛି, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି । ଏହା ଜଣାଶୁଣା ଯେ, ଭାରତରେ କୌଣସି ବିପର୍ଯ୍ୟୟ, ଦୁର୍ଘଟଣା ବା ବଡ଼ ଧରଣର ହିଂସା ଘଟିଲେ ସତ୍ୟ ତଥ୍ୟ ଦିଆଯାଇ ନ ଥାଏ । କାରଣ ସତ ସଂଖ୍ୟା ପ୍ରକାଶ ପାଇଗଲେ ସରକାର ଓ ପ୍ରଶାସନ ଅପାରଗ ବୋଲି ଚିତ୍ରିତ ହୋଇ ନିନ୍ଦିତ ହେବେ ବୋଲି ଭୟ ରହିଆସିଛି । କିନ୍ତୁ ଯେଉଁ ଅଞ୍ଚଳରେ ଏସବୁ ଘଟେ ସେଠାକାର ବାସିନ୍ଦା ବା ପ୍ରତ୍ୟକ୍ଷଦର୍ଶୀ ସତ୍ୟ ଜାଣିପାରିଥାଆନ୍ତି ।

ବିଜାପୁରରେ ଅସଂଖ୍ୟ ମାଓବାଦୀ ସୁରକ୍ଷାକର୍ମୀଙ୍କୁ ଚାରିପଟୁ ଘେରି ଆକ୍ରମଣ କରିବା ନୂଆ ନୁହେଁ । ଅତୀତରେ ଦେଶର ବିଭିନ୍ନ ପ୍ରାନ୍ତରେ ଯେତେବେଳେ ବହୁସଂଖ୍ୟକ ଯବାନଙ୍କୁ ଏଭଳି ହତ୍ୟା କରାଯାଇଛି, ସେହି ସମାନ ପ୍ରକାର କୌଶଳ ମାଓବାଦୀମାନେ ପ୍ରୟୋଗ କରିଛନ୍ତି । ମନେପଡ଼େ ୨୦୧୦ ଏପ୍ରିଲ ୬ରେ ଛତିଶଗଡ଼ର ଦାନ୍ତେୱାଡାରେ ୭୬ ଜଣ ଯବାନଙ୍କୁ ମାଓବାଦୀଙ୍କ ହତ୍ୟା ଘଟଣା । ସେତେବେଳେ କୁହାଯାଇଥିଲା ଯେ, ନିରାପତ୍ତା ବାହିନୀର ଯବାନମାନେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁସରଣ କରି ନ ଥିଲେ । ଦୀର୍ଘ ୧୦ ବର୍ଷ ପରେ ମଧ୍ୟ ଏ ଦେଶର ଯବାନ ସେଭଳି ସତର୍କ ଓ ଜାଗତିଆର ହୋଇପାରି ନ ଥିବାରୁ ସଶସ୍ତ୍ର ସେନାକୁ କ୍ଷତି ପହଞ୍ଚିଛି ।

ଭାରତରେ ମାଓବାଦୀମାନେ ପୁଣି ସକ୍ରିୟ ହେବା ସଙ୍କେତ ଦେଉଛି ଯେ, କେନ୍ଦ୍ରୀୟ ନେତୃତ୍ୱ ଦେଶର ନିରାପତ୍ତା ପ୍ରତି ଗୁରୁତ୍ୱ ଦେଉନାହାନ୍ତି । ମାଓବାଦୀ ସଙ୍ଗଠନ ଦୁର୍ବଳ ହୋଇପଡ଼ିଥିବା ସଂକ୍ରାନ୍ତ କିଛି ରିପୋର୍ଟ ନିକଟ ଅତୀତରେ ପ୍ରକାଶ ପାଇବା ପରେ ସରକାର ଧରିନେଲେ ଯେ, ସେମାନଙ୍କ ସଂଖ୍ୟା କମିଯାଇଛି । କିନ୍ତୁ ଏହି ପ୍ରଚାର ଖୋଦ୍ ମାଓବାଦୀ ସଙ୍ଗଠନଦ୍ୱାରା ପ୍ରସାରିତ ହୋଇଥାଇପାରେ । ଏହାର ସତ୍ୟାସତ୍ୟ ଜାଣିବାରେ ସରକାର କୌଣସି ଅନୁସନ୍ଧାନ କରିଥିବାର ପ୍ରମାଣ ନାହିଁ । ହୁଏତ ଆଭ୍ୟନ୍ତରୀଣ ଗୋଇନ୍ଦା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ବିଫଳତା ଯୋଗୁ କେନ୍ଦ୍ର ସରକାର ପାଖରେ ତଥ୍ୟ ପହଞ୍ଚିପାରୁ ନାହିଁ । ସେଥିପାଇଁ ଉପର ମହଲର ଦାୟିତ୍ୱହୀନତାରୁ ସାଧାରଣ ଯବାନଙ୍କ ପ୍ରାଣହାନି ଘଟୁଛି । ସେହିପରି ମାଓବାଦୀ ସଙ୍ଗଠନ ଦୁର୍ବଳ ହୋଇଥିବା ପ୍ରଚାରକୁ ଦେଖି ସମ୍ଭବତଃ ସରକାର ସେହି ଆଡ଼େ ଦୃଷ୍ଟି ଦେଲେ ନାହିଁ । କିନ୍ତୁ ଯେତେବେଳେ ମାଓବାଦୀ ଆକ୍ରମଣରେ ଯବାନଙ୍କ ମୃତ୍ୟୁ ଘଟିଲା ତତ୍ପରତା ଦେଖାଉଛନ୍ତି । ଏବେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ସେଥିଲାଗି ସିଆର୍‌ପିଏଫ୍ ଭଳି ଅର୍ଦ୍ଧସାମରିକ ବାହିନୀକୁ ସେହିସବୁ ରାଜ୍ୟରେ ଅଧିକ ମୁତୟନ କରାଯାଇଛି । ଦେଶର ନେତୃତ୍ୱ ନିର୍ବାଚନ ପ୍ରଚାରରେ ବିହ୍ୱଳ ହୋଇଯାଇଥିବାରୁ ମାଓବାଦୀମାନେ ଏହି ଦୁର୍ବଳତାର ସୁଯୋଗ ହୁଏତ ନେଇଥାଇପାରନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରମୁଖ ଦାୟିତ୍ୱ ହେଉଛି ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ସୁଦୃଢ଼ କରିବା, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଶାସନକୁ ସୁଗମ କରିବା ଲାଗି ପଦକ୍ଷେପ ନେବା ଏବଂ ବିପର୍ଯ୍ୟୟ ପରିଚାଳନା କରିବା । ଆଜିର ସ୍ଥିତି ଦେଖିଲେ କେବଳ ଭୋଟ୍ ରାଜନୀତି କରି ନିର୍ବାଚନ ଜିତିବା ବ୍ୟତୀତ ମୌଳିକ ପ୍ରଶାସନିକ କାର୍ଯ୍ୟରୁ ଦୂରେଇ ଯାଉଛନ୍ତି । ଗୋଇନ୍ଦା କ୍ଷେତ୍ର ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଇଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେବାକୁ କାହାରି ସମୟ ନ ଥିଲା ଭଳି ମନେହେଉଛି । ଭାଷଣରେ ବଡ଼ବଡ଼ କଥା କୁହାଯାଉଛି ଯେ, ଭାରତୀୟ ସେନା ବାହ୍ୟ ଶତ୍ରୁଙ୍କ ମୁକାବିଲା ପାଇଁ ଯଥେଷ୍ଟ ଶକ୍ତିଶାଳୀ ଅଛି । ଅଥଚ ଯେତେବେଳେ ବାସ୍ତବ ଯୁଦ୍ଧ ବା ସେଭଳି ସ୍ଥିତି ଉପୁଜୁଛି ସେତେବେଳେ ଅନେକ ଯବାନ ଶହୀଦ ଭାବେ ଗଣା ହେଉଛନ୍ତି । ଏହାର ମୁଖ୍ୟ କାରଣ ହେଉଛି, ଦେଶର ନେତୃତ୍ୱ ଏହାର ସେନାକୁ ଶୃଙ୍ଖଳିତ ତଥା ଆକ୍ରମଣାତ୍ମକ ଭାବେ ଗଢ଼ି ତୋଳୁ ନାହିଁ । କେବଳ ପୂର୍ବ ସ୍ଥିତିକୁ ଦୋଷ ଦେଇ ଏବେକାର ଶାସକମାନେ ନିଜ ଦାୟିତ୍ୱହୀନତାର ପରିଚୟ ଦେଉଛନ୍ତି । ମିଳିଥିବା ଖବର ଅନୁଯାୟୀ, ଏପ୍ରିଲ ୩ରେ ହୋଇଥିବା ଆକ୍ରମଣ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କର୍ମକର୍ତ୍ତାଙ୍କୁ ସବୁ ଖବର ମିଳିଥିଲା । କିନ୍ତୁ ମଧ୍ୟରାତ୍ର ପର୍ଯ୍ୟନ୍ତ କୁହାଗଲା ଯେ, କେବଳ ୫ ଯବାନ ମରିଛନ୍ତି । ଏଭଳି ଗୌଣ କରି ପରିସ୍ଥିତିକୁ ଦର୍ଶାଇବା ପଛରେ ଏକ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି କହିହେବ । ଉଭୟ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ଲାଗିପଡ଼ିଥିବା ହେତୁ ବିନା ଅନୁମତିରେ ଅଧିକ ସଂଖ୍ୟକ ମୃତକ ବୋଲି କହିବାର ସତ୍‌ସାହସ କାହାର ରହିଲା ନାହିଁ । ଅର୍ଥାତ୍ ଆରମ୍ଭରେ ଏହି ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଜାଣିଶୁଣି ଦେଶବାସୀଙ୍କୁ ମିଛ କହିଲା । ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ସତ୍ୟ କହୁଛନ୍ତି ବୋଲି ଦାବି କରୁଥିଲେ ମଧ୍ୟ ବିଶ୍ୱାସଯୋଗ୍ୟ ହୋଇପାରୁ ନାହିଁ ।

## ସାପ୍ତାହିକ ପଞ୍ଜିକା

**ମାର୍ଚ୍ଚ ୩୦:** ଦେଶରେ ୨୪ ଘଣ୍ଟାରେ ୫୬.୨୧୧ କରୋନା ସଂକ୍ରମିତ ।
➢ଇଜିପ୍ଟର ୧୯୨ କିମି ପରିବ୍ୟାପ୍ତ ସାମୁଦ୍ରିକ ପଥ ସୁଏଜ କେନାଲ ଖୋଲିଲା ।
**ମାର୍ଚ୍ଚ ୩୧:** ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ୩ ଜଣିଆ ବିଶେଷଜ୍ଞ କମିଟି କୃଷି ଆଇନ ଉପରେ ସର୍ବୋଚ୍ଚ ନ୍ୟାୟାଳୟରେ ରିପୋର୍ଟ ଦାଖଲ କରିଛି ।
**ଏପ୍ରିଲ୍ ୧:** ରାଜ୍ୟରେ ୩୪ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ୬୯୩.୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି ।
**ଏପ୍ରିଲ୍ ୨:** ଦିନକରେ ଭାରତରେ ୮୧,୪୬୬ କରୋନା ପଜିଟିଭ । ଆମେରିକାକୁ ଟପିଲା ଭାରତ ।

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | | | | 2 | |
| | | | 9 | | | | | 1 |
| 1 | | | 8 | 2 | | | | 3 |
| 8 | | | | | | | | |
| | 3 | 4 | | 9 | | | | |
| | | 5 | 3 | | 7 | | | |
| | 2 | | | | | | 4 | |
| 7 | | | | | 6 | 2 | 3 | |
| | 8 | 1 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 8 | 4 | 3 | 6 | 2 | 1 |
| 8 | 3 | 6 | 2 | 1 | 9 | 5 | 7 | 4 |
| 2 | 1 | 4 | 5 | 7 | 6 | 3 | 9 | 8 |
| 1 | 2 | 3 | 6 | 8 | 7 | 9 | 4 | 5 |
| 7 | 9 | 5 | 3 | 2 | 4 | 8 | 1 | 6 |
| 4 | 6 | 8 | 9 | 5 | 1 | 2 | 3 | 7 |
| 3 | 7 | 9 | 1 | 6 | 5 | 4 | 8 | 2 |
| 5 | 8 | 1 | 4 | 9 | 2 | 7 | 6 | 3 |
| 6 | 4 | 2 | 7 | 3 | 8 | 1 | 5 | 9 |

ଗତକାଲିର ଉତ୍ତର

# ମହାମାରୀର କାରଣ ଜାଗତିକ ଉଷ୍ଣତା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ମାତ୍ର ୦.୧୨୫ ମାଇକ୍ରନ ବ୍ୟାସ ବିଶିଷ୍ଟ କ୍ଷୁଦ୍ରାତି କ୍ଷୁଦ୍ର ଭୂତାଣୁଟିଏ ଏବେ ସୃଷ୍ଟି କରିଛି ମାନବ ଜାତି ପାଇଁ ନୂତନ ଇତିହାସ । ଏଣିକି ହୁଏତ ଏହାକୁ ବିଭାଜିତ କରାଯିବ ପ୍ରାକ୍ -କୋଭିଡ୍ -୧୯ ଯୁଗ ଏବଂ ଏହା ପରବର୍ତ୍ତୀ ଯୁଗ ରୂପେ । ସମଗ୍ର ବିଶ୍ୱର ପ୍ରାୟ ୨୧୯ ଦେଶରେ ଏହା ଘଟାଇଥିବା ବିଭୀଷିକା ଫଳରେ ମୃତ୍ୟୁବରଣ କଲେଣି ଲକ୍ଷାଧିକ ଲୋକ ଏବଂ କୋଟି କୋଟି ଲୋକ ସଂକ୍ରମିତ ହୋଇଛନ୍ତି । ତା'ର ଧ୍ୱଂସର ତାଣ୍ଡବ କେବେ ଯେ ଶେଷ ହେବ ତାହା କହିହେଉ ନାହିଁ । ଏବେ ଏହା ପୁଣି ସାରାବିଶ୍ୱରେ ତା'ର କାୟା ମେଲାଇବାରେ ଲାଗିଛି । ଭରତରେ ମଧ୍ୟ ଦ୍ୱିତୀୟ ଲହର ଜାରି ରହିଛି । ଏହାର ପ୍ରତିଷେଧକ ଟିକାଗୁଡ଼ିକ ଉଦ୍ଭାବନ କରାଯାଇ ଟିକାକରଣ ବି ଜାରି ରହିଛି । ଫଳରେ ଏଥିରୁ ମୁକ୍ତି ଲାଗି ମନରେ କିଛିଟା ଆଶା ସଞ୍ଚାର କରିଛି ।

ଏହି ପ୍ରଳୟଙ୍କରୀ ଭୂତାଣୁଟି ପ୍ରଥମେ ଚିହ୍ନଟ ହୋଇଥିଲା ଚାଇନାର ଉହାନ୍ ପ୍ରଦେଶରେ ୨୦୧୯ ନଭେମ୍ବର-ଡିସେମ୍ବର ମାସରେ । ଏହା ଯେ କିପରି ସୃଷ୍ଟି ହେଲା ଏବଂ ମଣିଷକୁ ସଂକ୍ରମିତ କଲା ତାହା ଏବେ ବି ଏକ ପ୍ରଶ୍ନବାଚୀ ହୋଇରହିଛି । ବୈଜ୍ଞାନିକମାନେ ଏହାର ଗୋଟିକ ପରେ ଗୋଟିଏ ସମ୍ଭାବନାକୁ ବିଶ୍ଳେଷଣ କରି ଚାଲିଛନ୍ତି । ତେବେ ବର୍ତ୍ତମାନ ସବୁଠାରୁ ଜନପ୍ରିୟ ଏବଂ ବ୍ୟାପକ ରୂପେ ଗ୍ରହଣୀୟ ହୋଇଥିବା ମତବାଦ ଅନୁସାରେ ଏହା ବାଦୁଡିଠାରୁ ମଣିଷକୁ ସଂକ୍ରମଣ କଲା । କେତେକ ଗବେଷକଙ୍କ ମତରେ ସମ୍ଭବତଃ ଏହା ମୂଳରେ ରହିଛି ଜାଗତିକ ଉଷ୍ଣତା ହେତୁ ଏମାନଙ୍କର ବଂଶବୃଦ୍ଧି ।

ଏହି ମତବାଦର ପ୍ରବକ୍ତା ହେଲେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଏବଂ ହାୱାଇ ବିଶ୍ୱବିଦ୍ୟାଳୟର କିଛି ବୈଜ୍ଞାନିକ । ସାଇନ୍ସ ଅଫ୍ ଦି ଟୋଟାଲ୍ ଏନ୍‌ଭାଇରନ୍‌ମେଣ୍ଟ (୫ ଫେବୃୟାରୀ ୨୦୨୧) ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ସେମାନେ ସୂଚନା ଦେଇଛନ୍ତି ଯେ, ବିଗତ ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଚାଇନାର ଉହାନ୍ ପ୍ରଦେଶ ଏବଂ ଏହା ଆଖପାଖର ବହୁ ଅଞ୍ଚଳ ତୃଣ ଓ ଗୁଳ୍ମରେ ଭରି ରହିଥିଲା । କିନ୍ତୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭଳି ସବୁଜ ଗୃହ ବାଷ୍ପର ମାତ୍ରା ବୃଦ୍ଧି ଘଟିବା ସହିତ ତାପମାତ୍ରା ଏବଂ ସୂର୍ଯ୍ୟାଲୋକ ବୃଦ୍ଧି ହେବା ଯୋଗୁ ଏହି ଭୂଭାଗର ଦୃଶ୍ୟପଟ ବଦଳିବାକୁ ଲାଗିଲା । ଏଠାରେ ବିଷୁବୀୟ ପର୍ଣ୍ଣମୋଚୀ ବୃକ୍ଷର ଜଙ୍ଗଲ ସୃଷ୍ଟି ହେଲା, ଯାହା କି ବାଦୁଡ଼ିଙ୍କୁ ଅଧିକରୁ ଅଧିକ ଆବାସ ଯୋଗାଇଲା । ସମ୍ଭବତଃ ତାହା କୋଭିଡ୍–୧୯ ଭୂତାଣୁ ସୃଷ୍ଟି ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲା ।

ସେମାନଙ୍କ ଅଧ୍ୟୟନ ଅନୁସାରେ ୧୯୦୦ମସିହାଠାରୁ ୨୦୧୯ ମସିହା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୪୦ ପ୍ରଜାତିର ବାଦୁଡ଼ିଙ୍କ ଅଭିବୃଦ୍ଧି ଏବଂ ପ୍ରାୟ ୧୦୦ ପର୍ଯ୍ୟନ୍ତ ବାଦୁଡ଼ି ବାହିତ କରୋନା ଭୂତାଣୁଗୁଡ଼ିକର ସୃଷ୍ଟି ହେଲା । ଅତଏବ ତନ୍ମଧ୍ୟରୁ ଅନ୍ୟତମ ହୋଇଥିବା ଭାଇରସ୍ ବା କୋଭିଡ୍ -୧୯ ଭୂତାଣୁର ମଧ୍ୟ ଏହିଠାରେ ଉଦ୍ଭବ ହେଲା ବୋଲି ମନେକରାଯାଏ । ସେମାନେ ହିଁ ଏ ଭୂତାଣୁକୁ ତାଙ୍କଠାରୁ ମଣିଷ ଦେହକୁ ପ୍ରେରିତ ହେବାରେ ମଧ୍ୟବର୍ତ୍ତୀ କାରକ ରୂପେ କାର୍ଯ୍ୟ କରିଥିବା ଅନୁମାନ ।

ଏହା କିପରି ଘଟିଲା ତାହା ବୁଝିବା ପାଇଁ ଉପରୋକ୍ତ ବୈଜ୍ଞାନିକଗଣ ୧୯୦୧ରୁ ୨୦୧୯ ମଧ୍ୟରେ ସ୍ଥାନଟିର ଜଳବାୟୁ ସମ୍ପର୍କିତ ତଥ୍ୟାବଳୀ ସହିତ ଉଦ୍ଭିଦ ଜଗତର ମାନଚିତ୍ରଟିଏ ପ୍ରସ୍ତୁତ କଲେ । ତତ୍ ପରେ ତାହା କିପରି ବାଦୁଡ଼ିଙ୍କ ସଂଖ୍ୟା ଏବଂ ବସତି ବିସ୍ତାରକୁ ପ୍ରଭାବିତ କଲା ତାହା ନିର୍ଦ୍ଧାରଣ କରେ । ଏହି ଜୀବଗୁଡ଼ିକ ଖୋଲା ସ୍ଥାନରେ ରହିପାରନ୍ତି ନାହିଁ । କିନ୍ତୁ ଗଭୀର ଆର୍ଦ୍ର ଜଙ୍ଗଲକୁ ପସନ୍ଦ କରନ୍ତି । ଏହି ଅଞ୍ଚଳରେ ୧୯୦୦ ମସିହା ବେଳକୁ ବ୍ୟାପକ ତୃଣ ଏବଂ ଗୁଳ୍ମ ଥିଲା ; ଯହିଁରେ ବି ଖୁବ୍ କମ ସଂଖ୍ୟକ ବାଦୁଡ଼ି ବାସ କରିପାରିବେ । କିନ୍ତୁ, ଯେତେବେଳେ ଏହା ବିଷୁବ ମଣ୍ଡଳୀୟ ସାଭାନା ବା ବନଭୂମିକୁ ରୂପାନ୍ତରିତ ହେଲା, ଏ ବସତି ବହୁସଂଖ୍ୟକ ବାଦୁଡ଼ିଙ୍କ ପାଇଁ ବାସୋପଯୋଗୀ ହୋଇପାରିଲା ।

ବୈଜ୍ଞାନିକମାନଙ୍କ ମତରେ ଏକ ରୋଗ ସୃଷ୍ଟିକାରୀ ତତ୍ତ୍ୱବାହୀ ପ୍ରଜାତିଟିଏ ଗୋଟିଏ ନୂତନ ପରିବେଶ ମଧ୍ୟକୁ ଗଲେ ସେଠାରେ କିପରି ତାହାର ବିସ୍ତାର ଘଟିବ ସେଥିପାଇଁ ନୂଆ ନୂଆ ବାଟ ତିଆରି କରିପାରେ । ପୂର୍ବ ସୂଚିତ ଗବେଷଣା ପତ୍ରଟିର ଅନ୍ୟତମ ମୁଖ୍ୟ ଲେଖକ ଡକ୍ଟର ରବର୍ଟ ବେୟରଙ୍କ କହିବା ଅନୁସାରେ ପ୍ରଜାତିମାନଙ୍କର ନୂତନ ପରିବେଶ ମଧ୍ୟକୁ ବିସ୍ତାରିତ ହେବା 'ନୂତନ ଭୂତାଣୁ ଭାଗୀଦାରି ବଣ୍ଟନ' ବ୍ୟବସ୍ଥା ସୃଷ୍ଟି କରେ । ଉଦାହରଣ ସ୍ୱରୂପ ଏକ ବାଦୁଡ଼ି ଦ୍ୱାରା ବାହିତ ଭୂତାଣୁ ହୁଏତ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କୌଣସି ପ୍ରଜାତିକୁ ସଂକ୍ରମିତ କରି ନ ପାରେ । କିନ୍ତୁ ଏକ ଭିନ୍ନ ଅଞ୍ଚଳକୁ ଏହାର ବସତି ପରବର୍ତ୍ତନ ହେଲେ ସେଠାରେ ତାହା ସେଠାର ନୂତନ ପ୍ରଜାତିକୁ ଡେଇଁବାର ସମ୍ଭାବନା ଅଛି ।

ଏହି ନୂତନ ପ୍ରଜାତିଠାରେ ଭୂତାଣୁଟିର ଅଭିନବ ଆତିଥ୍ୟ ପ୍ରଦାନକାରୀ ପରିବେଶରେ ଖାପ୍ ଖୁଆଇବା ଲାଗି କିଛି ମାତ୍ରାରେ ପରିବର୍ତ୍ତନ ଆସେ । ପକ୍ଷାନ୍ତରେ ତାହା ହୁଏତ ଏହାକୁ ଅନ୍ୟ ଏକ ପ୍ରଜାତିକୁ (ଯେପରି କି ମଣିଷ) ସଂକ୍ରମିତ କରିବାର କ୍ଷମତା ପ୍ରଦାନ କରେ । ବେୟରଙ୍କ ମତରେ ଜାଗତିକ ଉଷ୍ଣତା ହେତୁ ପରିବର୍ଦ୍ଧିତ ତାପମାତ୍ରା ବାଦୁଡ଼ିଙ୍କୁ 'ଭୂତାଣୁଭାର' ବଢ଼ାଇବା ଏବଂ କୋଭିଡ୍–୧୯ ଭୂତାଣୁର ତାପ ସହନକାରୀ ଶକ୍ତି ବୃଦ୍ଧି କରିବାରେ ସହାୟକ ହେଲା, ଯାହା କି ଏହି ସଂକ୍ରମଣ ଏତେ ବ୍ୟାପକ ହେବାର କାରଣ ହୋଇପାରେ ।

ଜୀବଜଗତର ସୃଷ୍ଟି ପରଠାରୁ ଅଦ୍ୟାବଧି ପୃଥିବୀରେ ପାଞ୍ଚୋଟି ମହାପ୍ରଳୟ ଘଟିଯାଇଛି– ପ୍ରାୟ ୬୦ରୁ ୯୦ ନିୟୁତ ବର୍ଷ ବ୍ୟବଧାନରେ । ତନ୍ମଧ୍ୟରୁ ଶେଷୋକ୍ତଟି ଘଟିଥିଲା ଆଜକୁ ପ୍ରାୟ ୬୦ରୁ ୬୫ ନିୟୁତ ବର୍ଷ ତଳେ । ସେତେବେଳେ ଧରାପୃଷ୍ଠରେ ବିଚରଣ କରୁଥିବା ଭୀମକାୟ ଡାଇନୋସରଙ୍କ ସମେତ ପ୍ରାୟ ୮୦ ଶତାଂଶ ଜୀବଜାତିର ବିଲୁପ୍ତି ଘଟିଥିଲା । ଅତଏବ ଏବେ ଷଷ୍ଠ ବିଲୁପ୍ତି ଆରମ୍ଭ ହୋଇଯିବା କଥା । କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରଗତି ଏହାକୁ ବିଳମ୍ବିତ କରିଛି । ଅନ୍ୟପକ୍ଷରେ, ବର୍ତ୍ତମାନ ପ୍ରଗତି ନାମରେ ଧୀରେ ଧୀରେ ଅଧିକରୁ ଅଧିକ ଲାଳସାଗ୍ରସ୍ତ ହୋଇପଡୁଥିବା ମଣିଷ ବିବିଧ କ୍ରିୟା କର୍ମ ମାଧ୍ୟମରେ ଏ ବିଦ୍ୟାର ଅତ୍ୟଧିକ କିମ୍ବା ଅପବ୍ୟବହାର କରି ପ୍ରକୃତି ଉପରେ ଚାପ ମଧ୍ୟ ବୃଦ୍ଧି କରିବାରେ ଲାଗିଛି । ଏହାର ଅନ୍ୟତମ ଭୟାବହ ପରିଣାମ ରୂପେ ଉଭା ହୋଇଛି ଜାଗତିକ ଉଷ୍ଣତା ଭଳି ଭୟଙ୍କର ସମସ୍ୟା ; ଯାହାକି ପ୍ରକଟିତ ହେଉଛି ଘନ ଘନ ବନ୍ୟା ଓ ବାତ୍ୟା, ଅନାବୃଷ୍ଟି ଓ ଅତିବୃଷ୍ଟିଠାରୁ ଆରମ୍ଭ କରି ହିମବାହ ଚାଳନ, ସମୁଦ୍ର–ମହାସମୁଦ୍ରରେ ଜଳସ୍ତର ବୃଦ୍ଧି ଇତ୍ୟାଦି ମାଧ୍ୟମରେ । ନିକଟରେ (୭ ଫେବୃୟାରୀ, ୨୦୨୧) ଗାରୱାଲ ହିମାଳୟର ତପୋବନ ଅଞ୍ଚଳରେ ନନ୍ଦାଦେବୀ ହିମବାହର ବିଗଳନ ହେତୁ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଘଟଣା ଏହାର ଏକ ସଦ୍ୟତମ ଉଦାହରଣ । ଏସବୁ ସହିତ ଏବେ ଯୋଡ଼ି ହେଲାଣି ଭୂତାଣୁଜନିତ ମହାମାରୀ କୋଭିଡ୍–୧୯ । ଏପରିସ୍ଥଳେ, ମଣିଷ ସଚେତନ ହୋଇ ଏହାର ନିରାକରଣ ଲାଗି ପଦକ୍ଷେପ ଗ୍ରହଣ ନ କଲେ ଏବଂ ବର୍ତ୍ତମାନର ଧାରା ଅବ୍ୟାହତ ରହିଲେ ଆଗାମୀ ସମୟରେ ଏହା ହୁଏତଃ ଆଉ ଯେ କେତେକ ଅଜଣା ମହାମାରୀର କାରଣ ନ ହେବ ସେ କଥା କିଏ କହିବ । ଅତଏବ ଷଷ୍ଠ ମହାବିଲୁପ୍ତିର ଆଗମନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ଭବତଃ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭

# ମାଗଣା ସୁନା



ଡ.ସତ୍ୟନାରାୟଣ ମିଶ୍ର

ପ୍ରକୃତି ମଣିଷକୁ ଜଳ, ସ୍ଥଳ, ଆକାଶ ଓ ଭୂତଳ ଆଦି ସବୁ କିଛି ବ୍ୟବହାର କରିବା ପାଇଁ ଦେଇଛି ଓ ସେଥି ମଧ୍ୟରୁ ଉତ୍କୃଷ୍ଟ ଉପାଦାନଗୁଡ଼ିକୁ ବ୍ୟବହାର କରି ମଣିଷ ସୁଖ ଶାନ୍ତିରେ ଜୀବନ ନିର୍ବାହ କରିଥାଏ । ପ୍ରକୃତି ଯେତେଗୁଡ଼ିଏ ଉପାଦାନ ଦେଇଅଛି ତନ୍ମଧ୍ୟରୁ ଭୂତଳରେ ଥିବା ଧାତୁଗୁଡ଼ିକ ହେଉଛି ଅଧିକ ମୂଲ୍ୟବାନ, ଯାହା ମଣିଷ ଉକ୍ତ ଧାତୁଗୁଡ଼ିକୁ ଉତ୍ତୋଳନ କରି ସେଥିରୁ ପର୍ଯ୍ୟାପ୍ତ ଅର୍ଥ ରୋଜଗାର କରିଥାଏ । କିନ୍ତୁ ଉକ୍ତ ଧାତୁଗୁଡ଼ିକ ମଣିଷ ତିଆରି କରି ନ ଥାଏ ବା ଏହା ମଣିଷର ଅର୍ଜିତ ସମ୍ପତ୍ତି ନୁହେଁ, ଏହା ପ୍ରକୃତି ଦ୍ୱାରା ମାଗଣାରେ ମଣିଷକୁ ଅର୍ପଣ କରାଯାଇଥାଏ, ମାତ୍ର ଏହାର ବିନିଯୋଗ ଓ ସୁ–ବିନିଯୋଗ ମଣିଷର ପ୍ରକୃତି ବା ବିବେକ ଉପରେ ନିର୍ଭର କରିଥାଏ । ଭୂଗର୍ଭରେ ଅନେକଗୁଡ଼ିଏ ଧାତୁଙ୍କ ମଧ୍ୟରୁ ସୁନା ହେଉଛି ଏକ କଠିନ ଚମକପ୍ରଦ ତଥା ମୂଲ୍ୟବାନ ଧାତୁ, ଯାହା ଅନ୍ୟ ସମସ୍ତ ଧାତୁଗୁଡ଼ିକଠାରୁ ଭିନ୍ନ ଓ ଏହାର ଉପଯୋଗିତା ଏବଂ ଉପାଦେୟତା ଅନ୍ୟ ଧାତୁଠାରୁ ଭିନ୍ନ । ହିନ୍ଦୁ ଶାସ୍ତ୍ରରେ ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁନାର ଆବଶ୍ୟକତା ଅଳ୍ପ ବହୁତ ରହିଥାଏ । ସ୍ୱାସ୍ଥ୍ୟ ରକ୍ଷା ନିମିତ୍ତ ଔଷଧ ପ୍ରସ୍ତୁତି ନିମନ୍ତେ ସ୍ୱର୍ଣ୍ଣର ଆବଶ୍ୟକତା ହୋଇଥାଏ । ଜ୍ୟୋତିଷ ଶାସ୍ତ୍ରର ବିଧି ଅନୁଯାୟୀ ସୁନାକୁ ଶରୀରରେ ଧାରଣ କରି ଗ୍ରହମାନଙ୍କର ଅବସ୍ଥିତିରେ ନିଜର ସ୍ଥିତିର ପରିବର୍ତ୍ତନ ହୋଇଥାଏ ବୋଲି କେତେକଙ୍କର ବିଶ୍ୱାସ ଥାଏ । ଧର୍ମ କାର୍ଯ୍ୟରେ ସୁନା ଦାନ କରି ଅଭୀଷ୍ଟ ସିଦ୍ଧି ବା ରିଷ୍ଟ ଖଣ୍ଡନ କରି ଉଦ୍ଦେଶ୍ୟ ସାଧନ ହୋଇଥାଏ । ଏତଦ୍‌ଭିନ୍ନ ସୁନାକୁ ମୁଖ୍ୟତଃ ଅଳଙ୍କାର ନିମିତ୍ତ ବ୍ୟବହାର କରାଯାଇଥାଏ ଓ ପୂଜା ପଦ୍ଧତି ଆଦି ମାଙ୍ଗଳିକ କାର୍ଯ୍ୟରେ ମଧ୍ୟ ସୁନାର ଆବଶ୍ୟକତା ହୋଇଥାଏ । ଦେଶର ଅର୍ଥନୀତି କ୍ଷେତ୍ରରେ ସୁନା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଓ ସୁନା ବିନିମୟ ମୁଦ୍ରାର ପ୍ରତୀକ ହୋଇ ଦେଶର ଅର୍ଥନୀତିକୁ ଦୃଢୀଭୂତ କରିଥାଏ । ତେବେ ଏସବୁ ପ୍ରକୃତିର ମାଗଣା ଦାନରେ ସମ୍ଭବ ହୋଇଥାଏ, ଯାହା ମଣିଷ ହିଁ କେବଳ ଭୋଗ କରିଥାଏ ।

ଖ୍ରୀଷ୍ଟପୂର୍ବ ୨୬୦୦ ବର୍ଷ ପୂର୍ବେ ମେସୋପଟାମିଆଁରେ ପ୍ରଥମେ ସୁନାର ସନ୍ଧାନ ମଣିଷ ଉପଲବ୍ଧ କରିଥିଲା ବୋଲି ଜଣାଯାଏ ଓ ଖ୍ରୀଷ୍ଟପୂର୍ବ ୭୦୦ ବର୍ଷ ପୂର୍ବେ ସୁନାର ମୁଦ୍ରାକୁ ବିନିମୟର ମୁଦ୍ରା ରୂପେ ଗ୍ରହଣ କରାଯାଇଥିଲା । ସୁନା ହେଉଛି ଭୂତଳ ଧାତୁ ମଧ୍ୟରେ ଏକ ମାତ୍ର ଧାତୁ ; ଯାହାର ନିଜର ରଙ୍ଗ, ଆକର୍ଷଣ ଓ ସ୍ୱଚ୍ଛତାରେ ନିଜେ ବିକଶିତ ହୋଇଥାଏ । ଅନ୍ୟ ଧାତୁଗୁଡ଼ିକର ପୂର୍ବ ରୂପାନ୍ତର ଥିବା ବେଳେ ସୁନାର ପୂର୍ବ ରୂପାନ୍ତର କିଛି ନ ଥାଏ । ଏହା ସଦାସର୍ବଦା ନିଜର ଗୁଣରେ ବିକଶିତ । ଗ୍ରୀସ୍‌ରେ ସୁନାକୁ ମୁଦ୍ରା ହିସାବରେ ବ୍ୟବହାର କରାଯାଉଥିଲା ; ଯାହା ପ୍ଲାଟୋ ଓ ଆରିଷ୍ଟଟଲ ସୁନା ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି । ଭାରତରେ ଖ୍ରୀଷ୍ଟପୂର୍ବ ୧୦୦ ବର୍ଷ ପୂର୍ବେ ସୁନା ପ୍ରଥମେ ଦୃଶ୍ୟମାନ ହୋଇଥିଲା ଓ ଏହାର ବ୍ୟବହାର ବିଭିନ୍ନ ପଦ୍ଧତିରେ ବିଭିନ୍ନ ପରିପ୍ରେକ୍ଷୀରେ ହୋଇଥିଲା ବୋଲି ଅନୁମାନ କରାଯାଏ ।

ସୁନା ସହ ପାଣିର ସମ୍ପର୍କ ଅତି ଘନିଷ୍ଠ ଓ ନିବିଡ଼ । ସେଥିପାଇଁ ପାଣି ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ସୁନା ଅଧିକ ଗଚ୍ଛିତ ଥାଏ ଓ ସୁନା ଅଧିକ ଉପଲବ୍ଧ ହୋଇଥାଏ । ପୌରାଣିକ ଦୃଷ୍ଟିକୋଣରୁ ବିଶ୍ୱାସ କରାଯାଏ ଯେ, ସୂର୍ଯ୍ୟକିରଣ ଓ ପାଣିର ସମଷ୍ଟିରେ ସୁନାର ଉତ୍ପତ୍ତି ହୋଇଥାଏ ଓ ସୁନା ହେଉଛି ସୂର୍ଯ୍ୟଙ୍କର ସ୍ୱେଦ ଓ ରୁପା ହେଉଛି ଚନ୍ଦ୍ରଙ୍କର ଚକ୍ଷୁର ଲୋତକ । ପୌରାଣିକ ଦୃଷ୍ଟିକୋଣର ପରୀକ୍ଷାମୂଳକ ସିଦ୍ଧାନ୍ତ ନ ହୋଇପାରିଲେ ମଧ୍ୟ ସୁନା ଓ ପାଣିର ସମ୍ପର୍କ ଅତି ନିବିଡ଼ ବୋଲି ପରୀକ୍ଷାଗାରରେ ସିଦ୍ଧାନ୍ତ । ତେଣୁ ବିଶ୍ୱାସ କରାଯାଏ ଯେ, ସୂର୍ଯ୍ୟ ଦେବତାଙ୍କର ପ୍ରତୀକ ହେଉଛି ସୁନା ; ଯାହାକୁ ପୁରାଣ ଶାସ୍ତ୍ରରେ ହିରଣ୍ୟଗର୍ଭ ବୋଲି କୁହାଯାଏ । ଅନ୍ୟପକ୍ଷରେ ସୁନାରେ ପ୍ରକୃତିର ମାଗଣା ଉପହାର ନିହିତ ଥାଏ ଓ ଏହା ସର୍ବଜନରେ ସ୍ୱୀକାର୍ଯ୍ୟ ତେଣୁ ଏହା ବର୍ତ୍ତମାନ, ଭୂତ ଓ ଭବିଷ୍ୟତ ସହ ଜଡ଼ିତ । ପୂର୍ବେ ରାଜାମାନେ ସୁନା ଦାନ କରି ନିଜର ଅଭୀଷ୍ଟ ସିଦ୍ଧି କରୁଥିଲେ ଓ ଏଥିପାଇଁ ସ୍ୱର୍ଣ୍ଣ ଭଣ୍ଡାର ମଧ୍ୟ ପ୍ରସ୍ତୁତ କରୁଥିଲେ । ବର୍ତ୍ତମାନ ପୃଥିବୀରେ ପ୍ରମୁଖ ଦଶଟି ଦେଶ ନିକଟରେ ଗଚ୍ଛିତ ଥିବା ସୁନାର ପରିମାଣକୁ ଦୃଷ୍ଟି ଗୋଚର କଲେ ବର୍ତ୍ତମାନ ଯୁଗରେ ସୁନାର ଆବଶ୍ୟକତାକୁ ବେଶ୍ ଅନୁମାନ କରିହୋଇଥାଏ । ଉକ୍ତ କ୍ରମରେ ଇଟାଲି ନିକଟରେ ସର୍ବାଗ୍ରେ ୨,୪୫୧.୮ ଟନ ସୁନା ଥିବାବେଳେ ନେଦରଲାଣ୍ଡ ନିକଟରେ ୬୧୨.୫ ଟନ ସୁନା ରହିଅଛି । ସେହିପରି ଭାରତ ନିକଟରେ ୬୫୭.୭ ଟନ ସୁନା ମହଜୁଦ ରହିଅଛି ; ଯାହା ହେଉଛି ପ୍ରକୃତିର ଦାନ । ଭାରତକୁ ବାହ୍ୟ ଆକ୍ରମଣ ତଥା ମୋଗଲ ଶାସନର ଉଦ୍ଦେଶ୍ୟ ଥିଲା ଭାରତରେ ଗଚ୍ଛିତ ଥିବା ସୁନାର ଲୋଭ ଓ ଏହାର ଅଧିକାର ସାବ୍ୟସ୍ତ । ବାବରଙ୍କର 'ବାବର ପତ୍ରିକା' ସୂଚନା ଦେଇଥାଏ ଯେ, ଭାରତକୁ ମୋଗଲ ଆକ୍ରମଣ କେବଳ ଭାରତରେ ଗଚ୍ଛିତ ଥିବା ସୁନା ପାଇଁ ହିଁ ହୋଇଥିଲା । ପ୍ରକୃତିର ମାଗଣା ଧାତୁ ଉପରେ ମଣିଷର ଆଧିପତ୍ୟ ସୂଚନା ଦେଇଥାଏ ଯେ ମଣିଷ କେତେ ତଳସ୍ତରକୁ ଯାଇ ନିଜର ସ୍ଥିତିକୁ ହୃଦୟଙ୍ଗମ ନ କରି ପାରି ଲୁଣ୍ଠନରେ ବ୍ୟସ୍ତ ଥାଏ । ସୁନାକୁ ଚାରୋଟି ମାଧ୍ୟମରେ ପରୀକ୍ଷା କରାଯାଏ – ଘର୍ଷଣ, ଛେଦନ, ଦହନ ଓ ଶବ୍ଦ ଘ୍ରାଣ ବା ସୁନାକୁ ଅନ୍ୟଧାତୁ ଦ୍ୱାରା ଆଘାତ କରି ଅନୁମାନ କରାଯାଏ ଓ ପରୀକ୍ଷିତ କରାଯାଏ ତାହାର ସ୍ଥିତିର ପରିଚୟ । ଠିକ୍ ସେହିପରି ମଣିଷର ମାନବିକ ମୂଲ୍ୟବୋଧକୁ ମଧ୍ୟ ଚାରୋଟି ସ୍ତରରେ ମପା ଯାଇପାରେ ତାହା ହେଲା ତ୍ୟାଗ, ଚରିତ୍ର, ଗୁଣ ଓ କର୍ମ । ସୁନାର ଜ୍ୟୋତି ବା ଚମକ କେବଳ ଚକ୍ଷୁକୁ ଆକର୍ଷିତ କରିଥାଏ, ମାତ୍ର ମଣିଷର ଚାରୋଟି ଗୁଣ ସଂପୂର୍ଣ୍ଣ ମଣିଷ ସମାଜକୁ ଚମକ କରିଥାଏ । ବର୍ତ୍ତମାନର ସଭ୍ୟ ସମାଜ କୌଣସି ମଣିଷର ତେଜ ବା ଗୁଣ ପରିବର୍ତ୍ତେ ବାହ୍ୟ ଶରୀରର ଆକୃତି, ପୋଷାକରୁ ମାନ୍ୟତା ପାଉଛି । ଅନ୍ତର୍ନିହିତ ଶକ୍ତିର ମାନ୍ୟତା ନାହିଁ । ପୋଷାକ, ଗାଡି, ଘର, ଅଳଙ୍କାର ଆଦି ଭୂଷଣ ଆଭୂଷଣ ଦ୍ୱାରା ମଣିଷ ବର୍ତ୍ତମାନ ଏକ ପ୍ରହେଳିକା ମଧ୍ୟରେ ଭାସମାନ । ସ୍ୱାର୍ଥାନ୍ୱେଷୀ ମଣିଷ ବର୍ତ୍ତମାନ ସ୍ୱାର୍ଥ ପାଇଁ ଏତେ ବ୍ୟସ୍ତ ଯେ ନିଜର ସ୍ଥିତି ଉପସ୍ଥିତିକୁ ମଧ୍ୟ ମୂଲ୍ୟାଙ୍କନ କରିବା ପାଇଁ ନିଜେ ଅସମର୍ଥ । କାରଣ ମାୟାଜାଲରେ ମଣିଷ କେବଳ ସ୍ୱଳ୍ପ ପରିଶ୍ରମରେ ଅଧିକ ପାଇବା ଉପଲବ୍ଧିକୁ ଶ୍ରେୟଃ ମନେକରୁଛି ଓ ମାଗଣାରେ ଉପଲବ୍ଧ ବସ୍ତୁ ପ୍ରତି ଅଧିକ ଆକର୍ଷଣ ନିହିତ ଥାଏ । କୁହାଯାଏ, ଅର୍ଥ ହେଉଛି ଅନର୍ଥର ମୂଳ କାରଣ । ତେଣୁ ବର୍ତ୍ତମାନର ଆଭିଜାତ୍ୟ ପ୍ରତିଯୋଗିତାରେ ଧାବମାନ ମଣିଷ କିଏ କେତେ ସୁନା ଗଚ୍ଛିତ କରିପାରୁଛି ସେଥିପ୍ରତି ପ୍ରବଳ ପ୍ରତିଯୋଗିତା ହୋଇଥାଏ । ସାମାଜିକ, ଭୌଗୋଳିକ, ପରିବେଶ, ଧାର୍ମିକ ତଥା ଆର୍ଥିକ ସ୍ଥିତିକୁ ତୁଳନାତ୍ମକ ଭାବେ ବିଶ୍ଳେଷଣ କଲେ ଜଣାଯାଏ ଯେ ଯେଉଁ ବ୍ୟକ୍ତି ସମୂହ ରିକ୍ସା ଚାଳକ, ଅଟୋଚାଳକ, ପରିବା ବିକ୍ରେତା, ଆବଶ୍ୟକୀୟ ଖାଦ୍ୟ ବିକ୍ରେତା ଆଦି ଛୋଟ ଛୋଟ ବିକ୍ରେତା ଯେଉଁମାନେ ପରିବାର ପୋଷଣ ନିମିତ୍ତ ସ୍ୱଳ୍ପ ପୁଞ୍ଜିରେ ବ୍ୟବସାୟ କରିଥାନ୍ତି ସେମାନଙ୍କ ନିକଟରୁ ଉକ୍ତ ଆଭିଜାତ୍ୟ ପ୍ରତିଯୋଗୀମାନେ ସେମାନଙ୍କର ଦ୍ରବ୍ୟର ପ୍ରାପ୍ୟ ମୂଲ୍ୟଠାରୁ କମ ଦେବା ପାଇଁ ଝଗଡ଼ା ବା ଅନୁନୟ ବିନୟ କରିଥାନ୍ତି । ମାତ୍ର ସେହି ଆଭିଜାତ୍ୟ ପ୍ରତିଯୋଗୀ ବ୍ୟକ୍ତିମାନେ ଯେତେବେଳେ ସୁନା କ୍ରୟ ପାଇଁ ଯାଇଥାନ୍ତି, ସେତେବେଳେ ଶୀତତାପ ନିୟନ୍ତ୍ରିତ ସୁରମ୍ୟ ଅଟ୍ଟାଳିକା ଭିତରେ ସୁନାର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟ ସହ ଅନ୍ୟାନ୍ୟ ଟିକସ ପ୍ରଦାନ କରି ନିଜର ଆଭିମୁଖ୍ୟକୁ ସମର୍ପଣ କରିଥାନ୍ତି ଓ ମାଗଣା ଆକର୍ଷଣୀୟ ପ୍ରଲୋଭନ ଦ୍ୱାରା ବିମୋହିତ ହୋଇଥାନ୍ତି । ଟଙ୍କାଏ, ଦୁଇଟଙ୍କା ବା ପାଞ୍ଚ ଟଙ୍କା ଲାଭ ଅନ୍ୱେଷଣରେ ଥିବା ଛୋଟ ଛୋଟ ବିକ୍ରେତାମାନେ ଜୀବନ ସଂଗ୍ରାମ ସହ ଜଡିତ ତଥା ତାହା ଲହୁଲୁହର ସମଷ୍ଟିରେ ଉତ୍ପତ୍ତି ହୋଇଥିବା ବେଳେ ମାଗଣାରେ ପ୍ରକୃତିର ଉପଲବ୍ଧ ସୁନା ପାଇଁ ମଣିଷ ଯାହାର ଆବଶ୍ୟକତା କେବଳ ଭୂଷଣ ବା ଅଭିଜାତ୍ୟରେ ସୀମିତ ଥାଏ, ସେଥିପ୍ରତି ଅହେତୁକ ଆଗ୍ରହ କରିଥାନ୍ତି । ସ୍ୱୀକୃତିପ୍ରାପ୍ତ ପ୍ରଗତିଶୀଳ ପରିବର୍ତ୍ତନକୁ ସ୍ୱାଗତ କରିବା ଆବଶ୍ୟକ । ମଣିଷ ମାଗଣା ପ୍ରଲୋଭନ ଦ୍ୱାରା ପ୍ରଭାବିତ ନ ହୋଇ ସୁନାକୁ ପରୀକ୍ଷା କରିବା ପାଇଁ ଯେପରି ଅନେକଗୁଡ଼ିଏ ମାଧ୍ୟମ ଓ ସତର୍କତାକୁ ମଣିଷ ଅନୁଗମନ କରିଥାଏ, ସେହିପରି ବାସ୍ତବତାର କଷଟି ପଥରରେ ମଣିଷ ମଣିଷକୁ ଚିହ୍ନି ପାରୁ, ବିଭେଦ ସୃଷ୍ଟି ନ କରି ଆଦର୍ଶ ସୃଷ୍ଟି କରୁ ଏହା ହିଁ ସୁନା ଅଳଙ୍କାର ।

ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର,
ମୋ –୯୯୩୭୩୪୫୯୦୦

## ଏଇ ଭାରତରେ

ଚାକିରିରୁ ଅବସର ନେବା ପରେ ଗଛର ମୋହରେ ପଡ଼ିଯାଇଛନ୍ତି ବେଙ୍ଗାଲୁରୁର ଇଞ୍ଜିନିୟର ନଟରାଜ ଉପାଧ୍ୟାୟ । ସେ ତାଙ୍କ ଘରର ୧୫୦୦ ବର୍ଗଫୁଟ ଅଗଣାରେ ୩୦୦ ପ୍ରକାରର ୧୭୦୦ ଗଛ ଲଗାଇଛନ୍ତି । କମ୍ ଜାଗାରେ ଏତେ ଅଧିକ ଗଛ କିପରି ଲଗାଯାଇଛି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ହେଲେ ଏଭଳି ଜଙ୍ଗଲ ସୃଷ୍ଟି କରିବା ଲାଗି ନଟରାଜ ଭିନ୍ନ ଉପାୟ ଆପଣାଇଛନ୍ତି । ସେ ଡ୍ରମ୍‌ରେ କେବଳ ଖତ ଭର୍ତ୍ତିକରି ଗଛ ଲଗାଇଛନ୍ତି । ଏହାଦ୍ୱାରା ଗଛ ମଧ୍ୟ ୧୫ ଫୁଟ ଉଚ୍ଚତା ଯାଏ ବଢ଼ିପାରିଛି । ଘର ଚାରିପାଖ ଅଗଣାରେ ଜଙ୍ଗଲ ସୃଷ୍ଟି କରିବା ଦ୍ୱାରା ସେଠାରେ ଏବେ ୫୦ ପ୍ରକାରର ପ୍ରଜାପତି ରହିଛନ୍ତି । ଏହାବାଦ୍ ପାଖାପାଖି ୨୦ ପ୍ରଜାତିର ପକ୍ଷୀ ବସା ବାନ୍ଧିଛନ୍ତି । ଉଡୁପିର ପରମପାଲିରେ ଜନ୍ମିତ ନଟରାଜଙ୍କ କୃଷି ପ୍ରତି ପିଲାବେଳୁ ଆଗ୍ରହ ଥିଲା । ଏଣୁ ଇଞ୍ଜିନିୟର ବୃତ୍ତିରୁ ଅବସର ନେବାପରେ ସେ ୨୦୧୨ରେ ବେଙ୍ଗାଲୁରୁର ବିବେକାନନ୍ଦନଗରସ୍ଥିତ ତାଙ୍କ ଘରେ ମିନି ଜଙ୍ଗଲ ସୃଷ୍ଟି କରିବା ଲାଗି ଡ୍ରମରେ ଗଛ ଲଗାଇବା ଆରମ୍ଭ କରିଥିଲେ । ସେ ୫୫ ଲିଟର ଡ୍ରମରେ ଏହିସବୁ ଗଛ ବଢ଼ାଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୫ ଏପ୍ରିଲ ୧୯୯୬**

- ତଲାସୀ ଅଭିଯାନ ଚଳାଇଥିବା ଶ୍ରୀଲଙ୍କା ସୈନ୍ୟମାନେ ଉତ୍ତର ଜାଫ୍‌ନା ଉପଦ୍ୱୀପରେ ୩୬ ଜଣ ତାମିଲ ଗେରିଲାଙ୍କୁ ହତ୍ୟା କରିଛନ୍ତି ।
- ଆମେରିକାର ବାଣିଜ୍ୟ ସଚିବ ରନ୍ ବ୍ରାଉନ୍ କ୍ରୋଏସିଆରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ।
- ତୈଳ କମ୍ପାନୀ ପେଟ୍ରୋପେରୁ ଏସ୍.ଏ. ମୁଖ୍ୟ ଆଲବର୍ଟୋ ପାଣ୍ଡୁଲଫି ଆର୍ବୁଲୁଙ୍କୁ ରାଷ୍ଟ୍ରପତି ଆଲବର୍ଟୋ ଫୁଜିମୋରୀ ପେରୁର ନୂଆ ପ୍ରଧାନମନ୍ତ୍ରୀ ମନୋନୀତ କରିଛନ୍ତି ।
- +୨ ପରୀକ୍ଷା ପ୍ରଶ୍ନପତ୍ର ବିକ୍ରି ଘଟଣାରେ ପ୍ରଶାସନିକ ତଦନ୍ତ ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ !
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସଙ୍କଟରେ ଶିମିଳିପାଳ

ମହାଶୟ,

ଗ୍ରୀଷ୍ମଋତୁରେ ପ୍ରତ୍ୟେକ ବର୍ଷ ଆମ ରାଜ୍ୟରେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ନୂଆ କଥା ନୁହେଁ । କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନରୁ ଜଙ୍ଗଲ ଜଳିବା ପଛରେ ପ୍ରାୟତଃ ନବେ ପ୍ରତିଶତ ହେଉଛି କେବଳ ମଣିଷକୃତ । ଜଙ୍ଗଲରେ ଥରେ ନିଆଁ ବ୍ୟାପକ ହୋଇଗଲେ ତାକୁ ଲିଭାଇବା ଅତ୍ୟନ୍ତ କଷ୍ଟକର । ଖାଲି ବନବିଭାଗ ଉପରେ ଦୋଷ ବା ଦାୟିତ୍ୱ ଲଦିଦେଲେ ଚଳିବ ନାହିଁ । ଜଙ୍ଗଲ ନିଆଁର ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ ବିଭାଗର କର୍ମଚାରୀଙ୍କର ଗୁରୁଦାୟିତ୍ୱ ବୋଲି ସରକାର ବିବେଚନା କରିବା ଉଚିତ । ଜନସାଧାରଣଙ୍କ ସଚେତନତା ପାଇଁ ସମସ୍ତଙ୍କର ସାହାଯ୍ୟ ଲୋଡା । ଜୀବ ଜଗତର ସୁରକ୍ଷା ପାଇଁ ଜଙ୍ଗଲର ଭୂମିକାକୁ ଆଖି ଆଗରେ ରଖି ମୁଖ୍ୟତଃ ରାଜନେତାମାନେ ଆଗଭର ହେବା ଉଚିତ । ଏହି ବୈଚିତ୍ର୍ୟମୟ ପ୍ରାକୃତିକ ସର୍ଜନାରେ ଉଭୟ ଉଦ୍ଭିଦ ଓ ପ୍ରାଣୀ ଜଗତ ପରସ୍ପର ସହିତ ସମ୍ବନ୍ଧ ସ୍ଥାପନ କରି ତିଷ୍ଠି ପାରିଛନ୍ତି । ଦେଖିବାକୁ ଗଲେ ଜଙ୍ଗଲର ଅବଦାନ ପ୍ରାଣୀ ଜଗତଠାରୁ ମହତ୍ତ୍ୱପୂର୍ଣ୍ଣ ।

–ସନ୍ତୋଷ କୁମାର ପଟ୍ଟନାୟକ,
ଶଙ୍ଖପୁର, ବନ୍ତଳା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୁଟୁରା ମାଂସ ଜବତ: ୬ ଶିକାରୀ ଗିରଫ



ଗିରଫ ଶିକାରୀଙ୍କ ସହ ବନ କର୍ମଚାରୀମାନେ।

**ଠାକୁରମୁଣ୍ଡା,୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କେନ୍ଦୁମୁଣ୍ଡି ସଂରକ୍ଷିତ ଜଙ୍ଗଲ(୨)ରୁ କୁଟୁରା ଶିକାର ଅଭିଯୋଗରେ ବନ ବିଭାଗ ୬ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨ କିଲୋ କୁଟୁରା ମାଂସ ଓ ଶିକାରରେ ବ୍ୟବହୃତ ଧନୁ ଏବଂ ତୀର ଜବତ ହୋଇଛି। ଗିରଫ ଶିକାରୀମାନେ ହେଲେ ଡୁମୁରିଆ ଗ୍ରାମର ନରସିଂହ ପାତ୍ର, ମଙ୍ଗସା ହୋ, ଅନଙ୍ଗ ହୋ, ମଣିକରାମ ଜମୁଦା, ଲକ୍ଷ୍ମଣ ହୋ ଓ କାନୁ ହୋ। ଶନିବାର ରାତି ୯ଟାରେ ଶିକାରୀମାନେ ଏକ କୁଟୁରା ଶିକାର କରି ମାଂସ ଭାଗବଣ୍ଟା କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଫରେଷ୍ଟର ନଳିନୀ ମହାନ୍ତଙ୍କ ସମେତ ବନ କର୍ମଚାରୀମାନେ ଚଢ଼ାଉ କରି ସେମାନଙ୍କୁ ଧରିଥିଲେ।

# ଜାତିର ଗୌରବମୟ ଐତିହ୍ୟକୁ ଛଡ଼ାଇ ନେବାର ଉପକ୍ରମ

ସୁରେନ୍ଦ୍ର କୁମାର ମିଶ୍ର




କୋଣାର୍କ ମନ୍ଦିର ଉପରେ କଲମଚାଳନା କରିବାକୁ ଧାଇଁ ଆସିଥିବା ପଣ୍ଡିତମାନେ ମୂଳ ମନ୍ଦିରର ନାମକୁ ଏଡ଼େଇଗଲେ। ମୂଳ ମନ୍ଦିରର ଶବ୍ଦ ଭିତରେ ଥିବା ରହସ୍ୟ ବୁଝିବା ତ ଦୂରକଥା, ଶିଳ୍ପୀଙ୍କର ଦକ୍ଷତା ଉପରେ ସନ୍ଦେହ ପ୍ରକାଶ କରି କୁହେଳିକା ସୃଷ୍ଟି କଲେ। ସଂକ୍ରାମକ ରୋଗ ପରି ଏହା ଅନ୍ୟମାନଙ୍କୁ ବି ସଂକ୍ରମିତ କଲା। ଏ ଜାତିର ଗୌରବମୟ ଐତିହ୍ୟକୁ ଆଙ୍ଗୁଠି ଦେଖାଇ ହୀନମନ୍ୟତା ସୃଷ୍ଟି କରିବାର ମାନସିକତାରେ ଅବତରଣିକା ଆରମ୍ଭ କଲେ। ୟୁରୋପ ପଣ୍ଡିତଙ୍କୁ ଉତ୍ତର ଦେବାରେ ଡ. ରାଜଗୁରୁ ପଛେଇ ଯାଇ ନ ଥିଲେ। ଐତିହାସିକ ଭିତ୍ତିଭୂମିର ସୂଚନା ଦେବା ସହିତ ପଣ୍ଡିତଙ୍କୁ କହିଥିଲେ- x x x ସ୍ୱୟଂ ଗଜପତି ମହାରାଜା ନରସିଂହ ଦେବ ତାଙ୍କ ମନ୍ତ୍ରୀ, ଅମାତ୍ୟ ଓ ପରିବାର ସଙ୍ଗେ ଯେଉଁଠାରେ ଅବସ୍ଥାନ କରିଥିଲେ, ସେଠାରେ ତାଙ୍କ ରାଜ୍ୟର ଶ୍ରେଷ୍ଠ ପଣ୍ଡିତ, କବି, କଳାକାର, ଶିଳ୍ପୀ, ସଙ୍ଗୀତଜ୍ଞ ଓ ନର୍ତ୍ତକୀମାନଙ୍କର ସମାବେଶ ହୋଇଥିବ ଏଥିରେ ଆଦୌ ସନ୍ଦେହ ନାହିଁ। ଓଡ଼ିଶା ଇତିହାସର ସେହି ଗୌରବମୟ ଉଜ୍ଜ୍ୱଳ ଯୁଗର ସାମାଜିକ ଚିତ୍ର ହିଁ କୋଣାର୍କ ମନ୍ଦିରର ପ୍ରତି ପ୍ରସ୍ତର ଫଳକରେ ଆତ୍ମପ୍ରକାଶ କରିଛି। ଏପରି ଏକ ମନ୍ଦିର ସୃଷ୍ଟି କରିଥିବା ଶିଳ୍ପୀମାନେ ସେତେବେଳେ ଯେଉଁ ବଳିଷ୍ଠ ଯୁଦ୍ଧ-ସଜ୍ଜା ଦେଖିଥିଲେ, ସେ ସବୁ ଜୀବନ୍ତ କରି ପ୍ରସ୍ତର ଗାତ୍ରରେ ଫୁଟାଇ ରାଜାଙ୍କଠାରୁ ପ୍ରଶଂସା ଓ ପୁରସ୍କାର ପାଉଥିଲେ। x x x ଓଡ଼ିଆ ଶିଳ୍ପୀ ହିଁ ସ୍ୱୀୟ କୃତିତ୍ୱର ପରାକାଷ୍ଠା ରୂପେ କୋଣାର୍କ ମନ୍ଦିର ଗାତ୍ରରେ ଦର୍ଶାଇ ଅଛନ୍ତି। (ତତ୍ରୈବ)।

ଓଡ଼ିଶା ଇତିହାସର ସେଇ ସୁବର୍ଣ୍ଣଯୁଗ ବିଷୟରେ ରାଜଗୁରୁ ମହାଶୟ ୟୁରୋପ ପଣ୍ଡିତଙ୍କୁ କହିବା ପରେ ତାଙ୍କର ଅନୁସନ୍ଧାନର ମାନସିକତା ବଦଳିବାକୁ ଆରମ୍ଭ କରିଥିଲା। କିନ୍ତୁ ରାଜଗୁରୁଙ୍କ ଶେଷ କଥାଟି ଆଜି ବି ରୂପ ନେଇପାରି ନାହିଁ।

ସେ ଲେଖିଥିଲେ-ଓଡ଼ିଶା ଇତିହାସରେ ଓଡ଼ିଆଙ୍କ ଜାତୀୟ ଗୌରବ ଅଦ୍ୟାପି ଅଧିକାଂଶ କ୍ଷେତ୍ରରେ ପ୍ରକାଶ ହୋଇପାରି ନାହିଁ। ଆମେ ସାଧାରଣତଃ



ଲାଙ୍ଗୁଳା ନରସିଂହ ଦେବଙ୍କ ଯୁଦ୍ଧଯାତ୍ରାର ଶୋଭାଯାତ୍ରା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ରାଜନୈତିକ ଇତିହାସକୁ ଉଚ୍ଚ ସ୍ଥାନ ଦେଇଥାଉ। ବ୍ରିଟିଶ୍ ଶାସନ ବେଳେ ରାଜା ଓ ରାଜକୀୟ କାର୍ଯ୍ୟକଳାପକୁ ଆଧାର କରି ଇତିହାସ ଲେଖା ଯାଉଥିଲା। ତାହା ହିଁ ସ୍କୁଲ କଲେଜର ଛାତ୍ରମାନେ ଘୋଷି ଘୋଷି ପରୀକ୍ଷା ଦେଉଥିଲେ। କିନ୍ତୁ କୌଣସି ଦେଶ ବା ଜାତିକୁ ଚିହ୍ନିବାକୁ ହେଲେ ଯେଉଁ ସବୁ ସାମାଜିକ, ଅର୍ଥନୈତିକ, ସାହିତ୍ୟ, କଳା ଓ ବିଜ୍ଞାନ ସମ୍ପର୍କୀୟ ତଥ୍ୟଗୁଡ଼ିକ ଯୁଗ ଯୁଗ ଧରି ଦେଶ ଓ ଜାତିକୁ ବଞ୍ଚାଇ ରଖିଥିଲା, ତାହା ସର୍ବପ୍ରଥମେ ଅନୁଧ୍ୟାନ କରିବା ଆବଶ୍ୟକ। x x x କିନ୍ତୁ ଓଡ଼ିଶା ପରି ଏକ ରାଜ୍ୟ, ଯେଉଁଠାରେ ଭାରତର ବିଭିନ୍ନ ସଭ୍ୟତାର ସମାବେଶ ଘଟି ଯୁଗ ଯୁଗ ଧରି ଭାରତୀୟ ଧର୍ମ ଓ ସଭ୍ୟତାର ମହନୀୟ ସଂଯୋଗ ସୃଷ୍ଟି ହୋଇଥିଲା-ସେଇ ପବିତ୍ର ଉତ୍କଳର କଳା ଓ ସଂସ୍କୃତି ସଙ୍ଗେ ଇତିହାସ, ଧର୍ମ ଓ ସାହିତ୍ୟର ଗବେଷଣାତ୍ମକ ତଥ୍ୟଗୁଡ଼ିକ ସଂଯତ ଓ ସମନ୍ୱିତ ପଦ୍ଧତିରେ ଯଦି ଲେଖା ହୋଇପାରନ୍ତା ; ତା'ହେଲେ ପୃଥିବୀରେ ଏ ଜାତି ଯେ ଯଥେଷ୍ଟ ସମ୍ମାନିତ ଆସନ ପାଇପାରନ୍ତା ଏଥିରେ ଆଦୌ ସନ୍ଦେହ ନାହିଁ।

ରାଜଗୁରୁ ଆପଣେ ଏଇ ଯେଉଁ ମନର କଥା ଲେଖିଛନ୍ତି, ତାହା କେତେ ଫଳପ୍ରଦ ହୋଇଛି ତାକୁ ବୁଝାଇବା ଆବଶ୍ୟକ ପଡ଼ିବ ନାହିଁ ବୋଲି ଆମେ ଭାବୁଛୁ। ପାଠକେ ତଉଲେଇ ପରଖିବାରେ ପଛୁଆ ନାହାନ୍ତି।

'ସଂଯତ' ଓ 'ସମନ୍ୱିତ ପଦ୍ଧତି' ତ ବହୁ ଦୂରର କଥା, ବାହାରିଆ ଇତିହାସକାର ଓ ଆଲୋଚକମାନେ ଆମର କଳା ନୈପୁଣ୍ୟ ଓ ଲାବଣ୍ୟମୟ ଲଳନାମାନଙ୍କୁ ଦେଖି ଯେଉଁ ନକାରାତ୍ମକ ଦୃଷ୍ଟିକୋଣ ନେଇ ବୁଲେଇ ବଙ୍କେଇ ଗୋଟାଏ ଜାତିର ଗୌରବମୟ ଐତିହ୍ୟକୁ ଆମଠାରୁ ଛଡ଼େଇ ନେବାର ଉପକ୍ରମ ଆରମ୍ଭ କରିଥିଲେ, ତାହାର ଉତ୍ତର ସମ୍ପୂର୍ଣ୍ଣ ଭାବରେ ଦେଇପାରିନେ। ଓଲଟି ଆମର କିଛି ଆଲୋଚକ କେଉଁଠି କେମିତି କେଞ୍ଚାଟିଏ ଦେବାରେ ଆଜି ବି କାର୍ପଣ୍ୟ କରୁନାହାନ୍ତି।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପଛରେ ଐତିହ୍ୟର ଅଭାବ ନାହିଁ। ଲୋକକଥା, ଲୋକଗୀତ, କିମ୍ବଦନ୍ତୀ, ଜନଶ୍ରୁତିଗୁଡ଼ିକ ଏବେ ବି କୋଣାର୍କକୁ ଘେରି ରହିଥିବା ଗଙ୍ଗବଂଶୀ ଷୋଳଗଡ଼ ମଧ୍ୟରେ ବଞ୍ଚି ରହିଛି। ପ୍ରତ୍ୟେକ ଐତିହ୍ୟ ପଛରେ କିଛି ନା କିଛି ରହସ୍ୟ ଅଛି। ସେଇ ରହସ୍ୟକୁ ଲିଖିତ ଇତିହାସ ସହିତ ମିଳାଇବା ପରେ ଆମେ ନିର୍ଦ୍ଦିଷ୍ଟ ମତରେ ପହଞ୍ଚିବା ସମ୍ଭବ ହେବ। ଏବେ ତ ଦକ୍ଷତା ବଳରେ ଶୀର୍ଷସ୍ତରରେ ପହଞ୍ଚିଥିବା ବ୍ୟକ୍ତି, ଯେ କି ବଞ୍ଚିଛନ୍ତି, ଭାରତର ସର୍ବୋଚ୍ଚ ସମ୍ମାନ ମିଳିଛି ତାଙ୍କୁ, ଆମେ କହୁଛୁ କିମ୍ବଦନ୍ତୀ ପୁରୁଷ, କିମ୍ବଦନ୍ତୀ ପ୍ରତିଭା ଇତ୍ୟାଦି ଇତ୍ୟାଦି। ଭାରତର ବହୁ ପ୍ରାଚୀନ ଶାସ୍ତ୍ରରେ 'କିମ୍ବଦନ୍ତୀ' ଶବ୍ଦ ଶୁଣାକଥା, ଜନଶ୍ରୁତି ଅର୍ଥରେ ବ୍ୟବହୃତ ହୋଇଛି। ଆଖିରେ ଦେଖୁଥିବା ପ୍ରତିଭାଟିକୁ ଏବଂ ପ୍ରତିଭାଙ୍କର ଦକ୍ଷତାକୁ କିମ୍ବଦନ୍ତୀ ଶବ୍ଦ ପ୍ରୟୋଗ କରି କିପରି କୁହେଳିକା ଭିତରକୁ ଠେଲିଦେବା!

# ୧୬ ଘଣ୍ଟା ପରେ ଧାରଣା ଭାଙ୍ଗିଲେ ବିଧାୟକ

- ଖବରଦାତା ସମ୍ମିଳନୀ କରି ବାଚସ୍ପତିଙ୍କୁ ଟାର୍ଗେଟ
- ରାଜ୍ୟପାଳଙ୍କୁ ଭେଟି ବିଧାନସଭାରେ ପାରିତ ବିଲ୍ ଫେରାଇବାକୁ ଦାବି କଲେ
- ସମୟ ପୂର୍ବରୁ ବିଧାନସଭା ସାଇନ ଏ ଡାଏ ଘୋଷଣାକୁ ବିରୋଧ



ଭୁବନେଶ୍ୱର, ୪।୪(ବ୍ୟୁରୋ)

ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡ଼ି ଭାଜପାର ୩ ବିଧାୟକ ଜୟନାରାୟଣ ମିଶ୍ର, ମୋହନ ଚରଣ ମାଝୀ ଏବଂ ବିଷ୍ଣୁ ସେଠୀଙ୍କୁ ବିଧାନସଭା ଅଧିବେଶନରୁ ନିଲମ୍ବନ କରାଯାଇଛି। ଏହି ଘଟଣାକୁ ବିରୋଧ କରି ୩ ବିଧାୟକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଭାଜପା ବିଧାୟକମାନେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରୁ ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ୧୬ ଘଣ୍ଟା ଧରି ଧାରଣାରେ ବସି ରହିଥିଲେ। ରବିବାର ସକାଳେ ପ୍ରଥମେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ପରେ ଭାଜପାର ରାଜ୍ୟ ସହପ୍ରଭାରୀ ବିଜୟ ପାଲ ସିଂ ତୋମାର ଯାଇ ବିଧାୟକମାନଙ୍କୁ ବୁଝାଶୁଝା କରିବାପରେ ସେମାନେ ପୂର୍ବାହ୍ନ ୧୦ଟାରେ ଧାରଣାରୁ ଉଠିଥିଲେ। ସେଠାରୁ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ଏକ ଖବରଦାତା ସମ୍ମିଳନୀରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଟାର୍ଗେଟ କରିଛନ୍ତି।

ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ବିଧାନସଭାରେ କୌଣସି ବିଧେୟକ ପାରିତ ହେବା ସମୟରେ ପ୍ରତ୍ୟେକ ବିଧାୟକଙ୍କ କହିବାର ଅଧିକାର ରହିଛି। କିନ୍ତୁ ଶନିବାର ୨ଟି ବିଲ୍ ପାରିତ ସମୟରେ ବିରୋଧୀ ଦଳ ନେତା ବିଧାନସଭା ଗୃହରେ ଛିଡ଼ା ହେବାପରେ ମଧ୍ୟ ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଲେ ନାହିଁ। ଏଥିପାଇଁ ଭାଜପା ବିଧାୟକମାନେ ମର୍ମାହତ ହୋଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଉଦ୍ୟମ କରିଥିଲେ। ଶାସକ ଦଳ ଇଙ୍ଗିତରେ ବାଚସ୍ପତି ନିଜେ ଭୁଲ୍ କରିବା ପରେ ଭାଜପାର ୩ ବିଧାୟକଙ୍କୁ ନିଲମ୍ବନ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ବାଚସ୍ପତି ବିଜେଡି ପ୍ରରୋଚନାରେ ବିରୋଧୀଙ୍କୁ ଖେଳନା ବୋଲି ଭାବୁଛନ୍ତି। ବିନା ବିରୋଧୀ ଦଳ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରୁଥିବା ସମୟରେ ଭାଜପା ରାଜ୍ୟବାସୀଙ୍କ ହିତରେ ପ୍ରତିବାଦ କରିଥିଲା। ଚଳିତ ବିଧାନସଭା ଅଧିବେଶନରେ ବାଚସ୍ପତି ନିରପେକ୍ଷତା ନୁହେଁ ବରଂ ଶାସକ ଦଳର ସଦସ୍ୟ ଭଳି ବ୍ୟବହାର ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିଧାନସଭାକୁ ନ ଆସି ଦଳୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। ନିଜ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଶାସକ ଦଳ ବିଧାୟକମାନେ ୫ ଦିନ ଧରି ବିଧାନସଭାକୁ ଅଚଳ କରିଦେଲେ ବୋଲି ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ଏହାପରେ ଭାଜପା ବିଧାୟକଙ୍କ ଏକ ଟିମ୍ ଖବରଦାତା ସମ୍ମିଳନୀ ଶେଷକରି ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ବାଚସ୍ପତି ବିଭିନ୍ନ ସମୟରେ ଶାସକ ଦଳ ଇଙ୍ଗିତରେ କାମ କରିବା ନେଇ ଅଭିଯୋଗ କରିଛନ୍ତି। ଏହାସହ ବିଲ୍ ପାସ୍ କରିବା ସମୟରେ ବିରୋଧୀ ଦଳ ନେତାଙ୍କୁ କହିବାର ସୁଯୋଗ ନ ଦେବା ନିୟମ ବିରୋଧୀ। ତେଣୁ ଉକ୍ତ ବିଲ୍ ପୁଣିଥରେ ବିଧାନସଭାରେ ଆଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ରାଜ୍ୟପାଳଙ୍କ ନିକଟରେ ଭାଜପା ଦାବି କରିଥିବା ବିଧାୟକ ମୋହନ ମାଝୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ନ କରି ସମୟ ପୂର୍ବରୁ ବିଧାନସଭା ସାଇନ ଏ ଡାଏ କରିଦେବା ନେଇ ମଧ୍ୟ ଶାସକ ଦଳକୁ ଭାଜପା ଟାର୍ଗେଟ କରିଛି।

## ଭାଜପା ବିଧାୟକଙ୍କ କାମ ସଇତାନର ବେଦପାଠ ସଦୃଶ: ବିଜେଡି

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଭାଜପା ବାଚସ୍ପତିଙ୍କ ବିରୋଧରେ ଆଣିଥିବା ଅଭିଯୋଗ, ଧାରଣା ଏବଂ ରାଜ୍ୟପାଳଙ୍କୁ ଭେଟିବା ଘଟଣାକୁ ନେଇ ବିଜେଡି ପାଲଟା ଟାର୍ଗେଟ କରିଛି। ଗଣତନ୍ତ୍ରର ପବିତ୍ର ମନ୍ଦିରରେ ବାଚସ୍ପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଭଳି ଅଶୋଭନୀୟ ଓ ଲଜ୍ଜାଜନକ ଘଟଣା ଘଟାଇବା ପରେ ଭାଜପା ବିଧାୟକମାନେ ରାତି ସାରା ଗାନ୍ଧୀମୂର୍ତ୍ତି ତଳେ ବସିବା ସଇତାନର ବେଦପାଠ ସଦୃଶ ବୋଲି ବିଜେଡି ଅଭିଯୋଗ କରିଛି।

ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ରାଜ୍ୟବାସୀ ଭାଜପା ନେତାଙ୍କ ଏଭଳି ସଇତାନୀ କାରବାରକୁ ଦେଖୁଛନ୍ତି ଓ ତାଙ୍କ ବିଧାୟକମାନଙ୍କୁ କେବେ ହେଲେ କ୍ଷମତା ଦେବେନାହିଁ। ଭାଜପା ବିଧାୟକମାନେ ବିଧାନସଭାରେ ଯେଉଁଳି ଲଜ୍ଜାଜନକ କାଣ୍ଡ ଘଟାଇଲେ ଏବଂ ପରେ ଏହାର ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ବସିଲେ ସେଥିରୁ ଆମେ ଆଶା କରିଥିଲୁ ସେମାନଙ୍କୁ ସଦ୍‌ବୁଦ୍ଧି ମିଳିବା ସହିତ ଜ୍ଞାନଚକ୍ଷୁ ଖୋଲିଥିବ। ହେଲେ ସେଭଳି କିଛି ହୋଇ ନ ଥିବା ସେମାନଙ୍କ ଖବରଦାତା ସମ୍ମିଳନୀରୁ ପ୍ରତୀୟମାନ ହେଉଛି। ରାତି ସାରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସିଲାପରେ ମଧ୍ୟ ନିଜର ଅଶୋଭନୀୟ ଲଜ୍ଜାଜନକ କାର୍ଯ୍ୟ ପାଇଁ ପ୍ରାୟଶ୍ଚିତ୍ତ କରିନାହାନ୍ତି। ଏଥିରୁ ଗୋଟିଏ କଥା ଜଳ ଜଳ ହୋଇ ଦିଶୁଛି ସେମାନେ ଆନ୍ତରିକତାର ସହ ସେଠାରେ ବସି ନ ଥିବାରୁ ନିଜର ହିଂସା ଆଚରଣ ଲାଗି ମହାତ୍ମାଙ୍କୁ କ୍ଷମା ମାଗି ନିଜ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିନାହାନ୍ତି। ବିଧାନସଭା ଭିତରେ ଭାଜପା ବିଧାୟକଙ୍କ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ ଓ ଚପଲ ଫିଙ୍ଗା କାର୍ଯ୍ୟକୁ ନେଇ ସାଢ଼େ ଚାରିକୋଟି ରାଜ୍ୟବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହିତ ଦୃଢ଼ ନିନ୍ଦା କରିଛନ୍ତି। ଆମେ ଆଶା କରୁଛୁ, ଏବେ ମଧ୍ୟ ସମୟ ଅଛି, ଆନ୍ତରିକତାର ସହ ନିଜର ଭୁଲ୍ ପାଇଁ ଭାଜପା ବିଧାୟକମାନେ ରାଜ୍ୟବାସୀଙ୍କ ନିକଟରେ କ୍ଷମା ମାଗନ୍ତୁ। ଏହା ନ ହେଲେ ସାଢ଼େ ଚାରିକୋଟି ଓଡ଼ିଶାବାସୀ ଭାଜପା ବିଧାୟକଙ୍କୁ କ୍ଷମା କରିବେ ନାହିଁ। ଭାଜପା ନେତାମାନେ ପୂର୍ବରୁ ବିଧାନସଭା ବାହାରେ ହିଂସା ଆଚରଣ କରିବାର ବହୁ ନଜିର ଥିବାବେଳେ ସେମାନେ ଏବେ ତାହା ଭିତରକୁ ଆଣିଛନ୍ତି। ଏହା କେବଳ ବିଧାନସଭା ଇତିହାସରେ କଳାଦାଗ ଲଗାଇନାହିଁ, ବରଂ ପରପିଢ଼ି ପାଇଁ ଖରାପ ବାର୍ତ୍ତା ଦେଇଛି। ଭାଜପା ବିଧାୟକମାନେ ରାଜ୍ୟବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ ବୋଲି ପ୍ରମିଳା କହିଛନ୍ତି।

# ୯ ପାସେଞ୍ଜର ଟ୍ରେନ ପାଇଁ ଏକ୍ସପ୍ରେସ୍ ଟିକେଟ୍

## ଶୋଷିତ ହେବେ ଗରିବ ଲୋକ

ଯାଜପୁର ଅଫିସ,୪।୪

ଇଷ୍ଟକୋଷ୍ଟ ରେଲୱେ ଅନ୍ତର୍ଗତ ୯ ପାସେଞ୍ଜର ଓ ମେମୁ ଟ୍ରେନ୍‌କୁ ସ୍ପେଶାଲ ଟ୍ରେନ ଭାବେ ଘୋଷଣା କରାଯାଇଛି। ଏହାସହ ଏହି ଟ୍ରେନ୍‌ଗୁଡ଼ିକ ନିମନ୍ତେ ଅଣସଂରକ୍ଷିତ ମେଲ୍ କିମ୍ବା ଏକ୍ସପ୍ରେସ୍ ଟିକେଟ୍ ବ୍ୟବସ୍ଥା କରାଯାଇଛି। ୩୧।୩।୨୦୨୧ରେ ରେଲୱେ ବୋର୍ଡର ନିଷ୍ପତ୍ତିକ୍ରମେ ଇଷ୍ଟକୋଷ୍ଟ ରେଲୱେର ଉପମୁଖ୍ୟ ପରିଚାଳନା ପ୍ରବନ୍ଧକ ଡି.ଆର. ପାଲ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ଭୁବନେଶ୍ୱର-କେନ୍ଦୁଝର, ପୁରୀ-ଅନୁଗୋଳ, ଭୁବନେଶ୍ୱର-ଭଦ୍ରକ, ପୁରୀ-କଟକ, କଟକ-ଭଦ୍ରକ, କଟକ-ପାରାଦୀପ, କଟକ-ଭଦ୍ରକ(ସନ୍ଧ୍ୟା), ବିଶାଖାପାଟଣା-ଗୁଣୁପୁର ଓ ବିଶାଖାପାଟଣା-ରାୟପୁର (୫୮୫୨୮)କୁ ସାମିଲ କରାଯାଇଛି। କୋଭିଡ-୧୯ କଟକଣା ମଧ୍ୟରେ ସାଧାରଣ ଜନତାଙ୍କ ଆର୍ଥିକ ମାନଦଣ୍ଡ ଦୁର୍ବଳ ହୋଇ ପଡ଼ିଥିବାବେଳେ କେନ୍ଦ୍ର ସରକାରଙ୍କ ଅଧୀନ ରେଲୱେ ବୋର୍ଡ ସେବା ନାମରେ ସାଧାରଣ ଜନତାଙ୍କୁ ଶୋଷଣ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଯେ, ପୂର୍ବତଟ ରେଳପଥ ୨୩।୩।୨୦୨୧ରେ ୧୬ଟି ପାସେଞ୍ଜର/ଏକ୍ସପ୍ରେସ ଟ୍ରେନ୍ ଏପ୍ରିଲରେ ଚଳାଚଳ କରିବାକୁ ନୋଟିସ ଜାରି କରିଥିଲେ। କରୋନା କଟକଣା ପରେ ଏହି ନିଷ୍ପତ୍ତି ସାଧାରଣ ଲୋକଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଥିଲା। କିନ୍ତୁ ରେଲୱେ ବୋର୍ଡର ଏକପାଖିଆ ନିଷ୍ପତ୍ତି କ୍ରମେ ସମସ୍ତ ମେମୁ/ପାସେଞ୍ଜର ଟ୍ରେନ ପାଇଁ ଉପରୋକ୍ତ ବ୍ୟବସ୍ଥା କରାଯାଇଛି। ଫଳରେ ସାଧାରଣ ଯାତ୍ରୀଙ୍କୁ ଅଣସଂରକ୍ଷିତ ଏକ୍ସପ୍ରେସ୍ ଟ୍ରେନ୍‌ର ଟିକେଟ୍ ମୂଲ୍ୟ ଦେବାକୁ ପଡ଼ିବ।

# ଥାନାରେ ଦମ୍ପତିଙ୍କୁ ମାଡ଼ ଅଭିଯୋଗ

## ଏଏସ୍‌ପିଙ୍କ ପାଖରେ ଫେରାଦ

ବ୍ରହ୍ମପୁର ଅଫିସ,୪।୪



ବ୍ରହ୍ମପୁର ପୋଲିସ ବିରୋଧରେ ଏକ ଗୁରୁତର ଅଭିଯୋଗ ହୋଇଛି। ପୁରୁଣା ବ୍ରହ୍ମପୁର ଅଞ୍ଚଳର ଏକ ଦମ୍ପତିଙ୍କୁ ଥାନାକୁ ଡାକି ସେମାନଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ସମ୍ପୃକ୍ତ ମହିଳା। ସୂଚନାନୁସାରେ ପୁରୁଣା ବ୍ରହ୍ମପୁର ପାଣ୍ଡବନଗରର କବୀର ନାୟକ ତାଙ୍କ ସ୍ତ୍ରୀ ଦୁଃଖୀ ଓ ବାପା, ମା' ଏକାଠି ରହୁଛନ୍ତି। ବିଭିନ୍ନ କାରଣକୁ ନେଇ ଶ୍ୱଶୁରଙ୍କ ସହିତ ଝଗଡ଼ା ଲାଗି ରହୁଥିଲା ବୋଲି ଦୁଃଖୀ କହିଛନ୍ତି। ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ନଣନ୍ଦେଇ ମଧ୍ୟ ଘରେ ନାନା ଅଶାନ୍ତି ସୃଷ୍ଟି କରୁଥିଲେ। ପ୍ରତିବାଦ କଲେ ବିଭିନ୍ନ ଧମକ ମିଳୁଥିଲା। ସେପଟେ ଶାଶୁ, ଶ୍ୱଶୁର ନାନା କାରଣକୁ କେନ୍ଦ୍ରକରି ହଇରାଣ କରୁଥିଲେ ବୋଲି ଦୁଃଖୀ କହିଛନ୍ତି। ସବୁକିଛି ସହି ଘରେ ରହୁଥିଲୁ। କିନ୍ତୁ ଶନିବାର ଶ୍ୱଶୁରଘର ଲୋକ ବଡ଼ବଜାର ଥାନାରେ ପୁଅ, ବୋହୂ ମାଡ଼ ମାରୁଥିବା ନେଇ ମିଥ୍ୟା ଅଭିଯୋଗ କରିଥିଲେ। ଫଳରେ ପୋଲିସ ଶନିବାର ସନ୍ଧ୍ୟାରେ ସ୍ୱାମୀ କବୀର ଓ ମୋତେ ଥାନାକୁ ଡାକି ନେଇଥିଲା। ରାତିରେ ପୋଲିସ ବିଭିନ୍ନ ବିଷୟରେ ପଚରାଉଚରା କରି ମାଡ଼ ମାରିଥିଲା ବୋଲି ଦୁଃଖୀ କହିଛନ୍ତି। ଏପରି କି ଦୁଇଜଣ ମହିଳା ପୋଲିସ ବାଡ଼ିରେ ପିଟିଥିବା ନେଇ ଦୁଃଖୀ ଏଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଏସ୍‌ପି ପ୍ରଭାତ ଚନ୍ଦ୍ର ରାଉତରାୟ ଅଭିଯୋଗକାରୀଙ୍କଠାରୁ ସମସ୍ତ ବିଷୟ ଶୁଣିବା ପରେ ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏଏସ୍‌ପି ରାଉତରାୟ ସୂଚନା ଦେଇଛନ୍ତି।

ଶନିବାର ରାତିରେ ଦୁଃଖୀଙ୍କୁ ପୋଲିସ ଛାଡ଼ି ଦେଇଥିବା ବେଳେ ସ୍ୱାମୀ କବୀରଙ୍କୁ ଥାନାରେ ଅଟକ ରଖାଯାଇଥିବା ସେ କହିଛନ୍ତି। ରବିବାର ସେହି ଅଞ୍ଚଳର ଏକ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହଯୋଗରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ବିନା କାରଣରେ ପୋଲିସ ନାନା ହଇରାଣ କରି ମାଡ଼ ମାରିଥିବା ନେଇ ଦୁଃଖୀ କହିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ନ୍ୟାୟ ଦେବା ସହିତ ଥାନାରେ ଅଟକ ଥିବା ସ୍ୱାମୀଙ୍କୁ ଛାଡ଼ିବା ପାଇଁ ସେ ନିବେଦନ କରିଛନ୍ତି।

# ଟ୍ରକ୍ ମାଡ଼ିଯାଇ ଶିଶୁ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପୁରୁଷୋତ୍ତମପୁର,୪।୪(ଡି.ଏନ.ଏ.)



ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରର କୁମାରୀଠାରେ ରବିବାର ଟ୍ରକ୍ ମାଡ଼ିଯିବାରୁ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ଗଙ୍ଗାଧର ପାଣିଗ୍ରାହୀଙ୍କ ୫ ବର୍ଷର ପୁଅ ଗୋପାଳ। ଗୋପାଳ ସକାଳେ ଘର ସମ୍ମୁଖ ପଡ଼ିଶାଘରକୁ ଯାଇଥିଲେ। କିଛି ସମୟ ପରେ ଫେରିବା ବେଳେ ଦାଣ୍ଡରେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ (ଓଆର୦୭ଏଲ୩୦୮୭) ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଗୋପାଳଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ପୁରୁଷୋତ୍ତମପୁର-ହୁମ୍ମା ମୁଖ୍ୟ ରାସ୍ତା ଅବରୋଧ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବାରୁ ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁନୀଲ କୁମାର ଗୁନ୍ତୁ, ଏସ୍‌ଡିପିଓ ସୀମା ସ୍ୱାଇଁ, ଆଇଆଇସି ଜଗନ୍ନାଥ ମଲ୍ଲିକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ମାଲିକଙ୍କ ସହ ଆଲୋଚନା କରି କ୍ଷତିପୂରଣ ପ୍ରଦାନ ଲାଗି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ନଂ.୧୩୪/୨୧ରେ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଛି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସା/ପୋ.: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଆଲୋକ ଦାସ ଏବଂ ୨) ଶ୍ରୀ କ୍ଷତିନ ଦାସ, ପିତା: ଶ୍ରୀ ରାଧେଶ୍ୟାମ ଦାସ, ପ୍ଲଟ୍ ନଂ.: ୩୬୭, ଶାସ୍ତ୍ରୀ ନଗର, ୟୁନିଟ୍-୪, ପୋ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ସମ୍ପତ୍ତି ମାଲିକ: ଶ୍ରୀ ଆଲୋକ ଦାସ | ୧) ଶ୍ରୀ ଆଲୋକ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କେଶରା, ଥାନା: ସହୀଦ ନଗର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୫୧୪/୧୨୨୭, ପ୍ଲଟ୍ ନଂ.: ୭୪୩/୧୮୯୬, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରୀ, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ସବ୍ ପ୍ଲଟ୍ ନଂ.: ୬/ସି, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୬/ଇ, ଉତ୍ତର: ବିକ୍ରେତା ଏବଂ କୁଞ୍ଜ ସ୍ୱାଇଁ, ଦକ୍ଷିଣ: ୧୫ଫୁଟିଆ ରାସ୍ତା, ୨) ଶ୍ରୀ ଆଲୋକ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଥୁଆ, ଥାନା: ବେଗୁନିଆ, ତହସିଲ: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୯୦/୫, ପ୍ଲଟ୍ ନଂ.: ୨୨୯/୩୭୨, କ୍ଷେତ୍ର: ଏକର୧.୩୦୦ଡିସିମିଲି, ପ୍ଲଟ୍ ନଂ.: ୪୧/୩୬୯, କ୍ଷେତ୍ର: ଏକର ୨.୦୧୩ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୩.୩୧୩ ଡିସିମିଲି,** କିସମ: ବଗାୟତ-୨ | ୧୯.୦୧.୨୦୨୧ | ୩୧.୦୩.୨୦୨୧ | ୧୮.୦୧.୨୦୨୧ ସୁଦ୍ଧା ଟ.୩୯,୧୪,୮୯୩/- + ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୩.୦୪.୨୦୨୧, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ଦୁର୍ଘଟଣାରେ ଡ୍ରାଇଭର ମୃତ

ଠାକୁରମୁଣ୍ଡା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଚାଇଁବାଇଁଣି ପେଟ୍ରୋଲ ପମ୍ପ ନିକଟରେ ରବିବାର ସକାଳେ ଏକ କୁକୁଡ଼ା ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଶାଳ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଭ୍ୟାନ୍ ଡ୍ରାଇଭର କେନ୍ଦୁଝର ଅଞ୍ଚଳର ବିଜୟ ଲୋହାରଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର କରଞ୍ଜିଆ ନିକଟ କଙ୍କଡ଼ା ଗ୍ରାମର ପାଣ୍ଡୁ ଲୋହାର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି।



## ଆଜି କ'ଣ କେଉଁଠି

ଭଦ୍ରକ

- ସଜିଲା କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ପ୍ରତିବାଦ ସଭା। ସ୍ଥାନ: ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ଭଦ୍ରକ। ସମୟ: ପୂର୍ବାହ୍ନ ୧୧ଟା।

କେନ୍ଦୁଝର

- 'କେନ୍ଦୁଝର ଚାଲ' ବିଶାଳ ରାଲି। ସ୍ଥାନ: କାଳିପଡ଼ିଆ। ସମୟ: ୧୦ଟା।

## ହୋଟେଲରେ ପଶି କର୍ମଚାରୀଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

**ବାଲେଶ୍ୱର ଅଫିସ, ୪।୪:** ବାଲେଶ୍ୱର ସହରର ସହଦେବଖୁଣ୍ଟାଠାରେ ଥିବା ସ୍ୱର୍ଣ୍ଣଚୁଡ଼ ହୋଟେଲକୁ ପଶି ଜଣେ କର୍ମଚାରୀଙ୍କୁ ଛୁରାମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସହରର ଭାସ୍କରଗଞ୍ଜ-ବି ର ବାସୁଦେବ ବେହେରା। ତାଙ୍କଠାରୁ ବ୍ୟବହୃତ ହୋଇଥିବା ଛୁରି ଜବତ କରାଯାଇଛି।

ଗତ ମାର୍ଚ୍ଚ ୨୧ତାରିଖରେ ବାସୁଦେବ ହୋଟେଲରେ ଜବରଦସ୍ତି ପଶି ଜଣେ କର୍ମଚାରୀଙ୍କ ପେଟକୁ ଛୁରାମାଡ଼ କରିଥିଲେ। ତାଙ୍କର ଭୀଷଣ ରକ୍ତସ୍ରାବ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ହୋଟେଲ ମାଲିକ ସତ୍ୟନାରାୟଣ ମହାପାତ୍ର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର ଏହି ମାମଲାରେ ପୋଲିସ ବାସୁଦେବଙ୍କୁ ଗିରଫ କରିବା ସହିତ ଆକ୍ରମଣରେ ବ୍ୟବହୃତ ହୋଇଥିବା ଛୁରିକୁ ଜବତ କରିଥିଲା। ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

## ପେଟ୍ରୋଲ ପମ୍ପରୁ ଲୁଟ୍

**ରାଇରଙ୍ଗପୁର,୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଭାଲୁବସା ସ୍ଥିତ ଶାକାମ୍ବରୀ ପେଟ୍ରୋଲ ପମ୍ପରୁ ରବିବାର ସନ୍ଧ୍ୟାରେ ଲକ୍ଷାଧିକ ଟଙ୍କା ଲୁଟ ହୋଇଛି। ମୁଖାପିନ୍ଧା ୮ ଦୁର୍ବୃତ୍ତ ବାଇକ୍‌ରେ ଆସି ପେଟ୍ରୋଲ ପମ୍ପ କର୍ମଚାରୀମାନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ କ୍ୟାଶ କାଉଣ୍ଟରରେ ପଶି ଲୁଟ୍ କରିଥିଲେ। ଦୁର୍ବୃତ୍ତମାନେ ସେଠାରେ ଥିବା ସିସି କ୍ୟାମେରାକୁ ଭାଙ୍ଗି ଦେଇଥିବା ସୂଚନା ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି। ସହରର ବିଭିନ୍ନ ରାସ୍ତାକୁ ସିଲ୍ କରି ଯାଞ୍ଚ କରାଯାଉଥିବା ପୋଲିସ କହିଛି।

## ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

**ବାଲିଆପାଳ, ୪।୪(ଡି.ଏନ.ଏ.):** ବାଲିଆପାଳ ଥାନା ଅନ୍ତର୍ଗତ ଚୌମୁଖ ଗ୍ରାମରେ ରବିବାର ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଗନ୍ନାଥ ସାହୁଙ୍କ ୭ବର୍ଷର ପୁଅ ଆୟୁଷ। ରବିବାର ଅପରାହ୍ନରେ ଆୟୁଷ ନିଜ ଘର ପାଖ ନଳକୂପ ନିକଟରେ ଖେଳୁଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଘର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଥିଲା। ଆୟୁଷ ଧୀରେ ଧୀରେ ନିସ୍ତେଜ ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହଜରତ୍ ଦିୱାନ ଅବୁତାଲିବ ବାବାଙ୍କ ବାର୍ଷିକୋତ୍ସବ

**ଭଦ୍ରକ ଅଫିସ,୪।୪:** ଭଦ୍ରକ ପୁରୁଣାବଜାର ସ୍ଥିତ କାଜି ମହଲା ଗାଁରେ ହଜରତ୍ ଦିୱାନ ଅବୁତାଲିବ ବାବାଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାବାଙ୍କ ଗୋସଲଖାନୀ ସରିବା ପରେ କମିଟି ପକ୍ଷରୁ ଚାଦର ଶୋଭାଯାତ୍ରା ପରିକ୍ରମା କରି ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା। ବାବାଙ୍କ ଭକ୍ତମାନେ ନିଜର ମାନସିକ ଚାଦର ଚଢ଼ାଇଥିଲେ। ଲଙ୍ଗର ବଣ୍ଟନ ସହ ରାତିରେ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ମୁସଲିମ ଜମାତ୍‌ର ସଭାପତି ହାଜୀ ମହମ୍ମଦ ଅବଦୁଲ ବାରୀ ଧର୍ମସଭାର ଶୁଭାରମ୍ଭ କରିଥିଲେ। କବି, ଶିକ୍ଷକ ମୁସ୍ତାକ ଗୌହର ସଞ୍ଚାଳନ ଦାୟିତ୍ୱ ତୁଲାଇଥିଲେ। ଭାରତର ସୁପ୍ରସିଦ୍ଧ ମୌଲାନା (ପଣ୍ଡିତ) ସୈୟଦ ସାଘିଲ ଇମାମ କାଦରୀ ହାଇଦ୍ରାବାଦରୁ ଆସି ଯୋଗଦେଇ ବାବାଙ୍କ ନୀତିବାଣୀ ଉପରେ କହିଥିଲେ। କବି ଅଫଜଲ ଓଫା ନୁରୀ, ସାହିଦ ରଜା, ରିଜୱାନ କାଦରୀ, ଶାହାବାଜ କାଦରୀ, ଗୁଲଫାମ କାଦରୀ ପ୍ରମୁଖ ଯୋଗଦେଇଥିଲେ।

# ଜାମଶୋଳରେ ରେଳରୋକୋ

### ସୁପରଫାଷ୍ଟ ଟ୍ରେନ ରହଣି ଦାବି

ବାରିପଦା ଅଫିସ,୪।୪

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଜାମଶୋଳ ଷ୍ଟେଶନରେ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ ରହଣି ଦାବି ନେଇ ରବିବାର ରେଳରୋକୋ କରାଯାଇଥିଲା। ସ୍ଥାନୀୟ ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱତନ୍ତ୍ର ସୁପରଫାଷ୍ଟ ଟ୍ରେନକୁ ୩ଘଣ୍ଟା ଧରି ଅଟକ ରଖାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ସଭାପତି ବାସୁଦେବ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଟ୍ରେନ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋରଡ଼ା ବିଧାୟକ ରାଜକିଶୋର ଦାସ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ପ୍ରାକ୍ତନ ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, କୃଷିନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଖବରପାଇ ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନର ଏସିଏମ୍ ଆଶୁତୋଷ କୁମାର ସିଂ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ପରେ ଏସିଏମ୍ ସିଂଙ୍କ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରେଳରୋକ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ବାଙ୍ଗିରିପୋଷି-ରୂପ୍‌ସା ମଧ୍ୟରେ ଥିବା ଜାମଶୋଳ ଷ୍ଟେଶନ ଉପରେ ମୋରଡ଼ା ଏବଂ ବାରପଦା ସଦର ବ୍ଲକ ଅଧୀନ ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ଏହି ଷ୍ଟେଶନ ବ୍ୟତୀତ ଅନ୍ୟ ସମସ୍ତ ଷ୍ଟେଶନରେ ସୁପରଫାଷ୍ଟ ଟ୍ରେନ ଅଟକୁଛି। ସ୍ଥାନୀୟ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରୁ ଏଠାରେ ସୁପରଫାଷ୍ଟ ଟ୍ରେନ ରହଣି ନେଇ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ସ୍ଥାନରେ ଟ୍ରେନ ରହଣୀ ନେଇ ସ୍ଥାନୀୟ ରେଳକ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳବିଭାଗ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ଓ ଜିଲାପାଳଙ୍କ ସହିତ ବାରମ୍ବାର ଆଲୋଚନା କରାଯାଇଛି। ଏନେଇ ପୂର୍ବରୁ ୪-୫ଥର ରେଳରୋକ ଭଳି ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଆସନ୍ତା ୮ତାରିଖରେ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ରାଜ୍ୟସଭା ସଦସ୍ୟା ମହାନ୍ତଙ୍କ ସହିତ ଖଡଗପୁର ଯାଇ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ରେଳ ବିଭାଗର ଆର୍‌ପିଏଫ୍ ଅଧିକାରୀ ଜେ.ଏନ ମହାପାତ୍ରଙ୍କ ସମେତ ବେତନଟୀ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।



ରେଳ ଧାରଣାରେ ବସିରହିଥିବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

## ବିଜୁଳି କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

ବାରିପଦା ଅଫିସ,୪।୪

ଓଏସଇବି ବିଜୁଳି କର୍ମଚାରୀ ସଂଘର ଏକ ବୈଠକ ରବିବାର ବାଘଡାରୋଡସ୍ଥିତ ଅବସରପ୍ରାପ୍ତ ବିଦ୍ୟୁତ୍‌କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ଜୋନାଲ ସମ୍ପାଦକ ନିମାଇଁ ଚରଣ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ନେସ୍କୋ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ୨୭ ଦଫା ସମ୍ବଳିତ ଦାବିପତ୍ର ବାବଦରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦାବିଗୁଡିକ କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଆହ୍ୱାନ ଦିଆଯାଇଥିଲା। ସଂଘର ସୁପରିଚାଳନା ପାଇଁ ସାଧାରଣ ସମ୍ପାଦକଙ୍କ ନିର୍ଦ୍ଦେଶରେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଆଇନ ପରାମର୍ଶଦାତା ଭାବେ ବିଜୟ କୁମାର ଦାସ, ଯୁଗ୍ମସମ୍ପାଦକ ସାକ୍ଷୀଗୋପାଳ ଦାଶ, ସହକାରୀ ଯୁଗ୍ମସମ୍ପାଦକ ବିଶେଶ୍ୱର ଖିଲାର, ବାରିପଦା ସର୍କଲ ସମ୍ପାଦକ ଉପେନ୍ଦ୍ର ନାଥ ବାରିକ, ଡିଭିଜିନାଲ କାର୍ଯ୍ୟକାରୀ ସମ୍ପାଦକ ରାଜେନ୍ଦ୍ର ନାଥ ଗିରି, ସର୍କଲ କାର୍ଯ୍ୟକାରୀ ସମ୍ପାଦକ ପ୍ରତାପ ଚନ୍ଦ୍ର ଲେଙ୍କା, ମିଡିଆ କୋ ଅର୍ଡିନେଟର ଶିବାନୀ ଶଙ୍କର ନାୟକ, ବାରିପଦା ଡିଭିଜିନାଲ ସମ୍ପାଦକ ପଙ୍କଜ ମହାନ୍ତି, ବାରିପଦା ସବଡିଭିଜିନାଲ ଅର୍ଗାନାଇଜିଂ ସମ୍ପାଦକ ଗୌରୀଶଙ୍କର ପତି, ବାରିପଦା ଆରଇ ସବଡିଭିଜିନାଲ ଅର୍ଗାନାଇଜିଂ ସମ୍ପାଦକ ଧ୍ରୁବଚରଣ ମହାନ୍ତ, ମୋରଡ଼ା ସବଡିଭିଜିନାଲ ଅର୍ଗାନାଇଜିଂ ସମ୍ପାଦକ ସଞ୍ଜିତ ମାଝି ଓ ବାଲେଶ୍ୱର ସର୍କଲ ସମ୍ପାଦକ ଭାବେ କେଶବ ଚନ୍ଦ୍ର ପରିଡ଼ା ମନୋନୀତ ହୋଇଛନ୍ତି।

# ଶିକୁଳିରେ ବନ୍ଧା ଜୀବନ

ଭଦ୍ରକ ଅଫିସ, ୪।୪

୩ ବର୍ଷ ହେଲା ହାତରେ ଶିକୁଳି ପଡ଼ିଛି। ଗୋଟିଏ ଘରେ ଖାଦ୍ୟପେୟ ସାଙ୍ଗକୁ ଦୈନନ୍ଦିନ କାର୍ଯ୍ୟକ୍ରମ। ଏକ କୋଠରୀରେ ବନ୍ଦୀ ଜୀବନ କାଟୁଛନ୍ତି ହରେକୃଷ୍ଣ ମଳିକ(୫୨)। ଘର ଭଦ୍ରକ ଜିଲା ସଦର ବ୍ଲକ ଗୋରାମାଟି ପଞ୍ଚାୟତ ଚକପୁର ଗ୍ରାମରେ। ସ୍ତ୍ରୀ ଅନ୍ନପୂର୍ଣ୍ଣା ଗାଁରେ ଅନ୍ୟ ଘରେ କାମ କରି ସ୍ୱାମୀଙ୍କ ଔଷଧ ଖର୍ଚ୍ଚ ତୁଲାଉଛନ୍ତି। ବଡ଼ଝିଅ କଳ୍ପନା ଯୁକ୍ତ ୩ରେ ପାଠ ପଢୁଛନ୍ତି। ମା' ବାପାଙ୍କ କଷ୍ଟ ଦେଖି ସେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସେହିପରି ୧୫ ବର୍ଷର ପୁଅ ତାମିଲନାଡୁରେ ଦୁଇବର୍ଷ ଧରି ଦାଦନ ଖଟୁଛନ୍ତି। ଅନ୍ନପୂର୍ଣ୍ଣା କୁହନ୍ତି, ହଠାତ୍ ହରେକୃଷ୍ଣଙ୍କର ମାନସିକ ବିକୃତଙ୍କ ଭଳି କାର୍ଯ୍ୟକଳାପ ଦେଖି ତାଙ୍କୁ ୩ ବର୍ଷ ଧରି ଗୋଟିଏ ଘରେ ତାଲା ପକାଇ ରଖାଯାଇଛି। ତାଙ୍କର ଚିକିତ୍ସା ପାଇଁ ଅର୍ଥ ନାହିଁ। ତେବେ ଶହୀଦ ଭଗତସେନା ପକ୍ଷରୁ ହେମନ୍ତ କୁମାର ମହାପାତ୍ର ପହଞ୍ଚି ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ସରକାରୀ ସ୍ତରରେ ହରେକୃଷ୍ଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯିବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି।


ବନ୍ଦ ଘରେ ହରେକୃଷ୍ଣ ମଳିକ।

# ମେଳି ବାନ୍ଧିଲେ ଅସନ୍ତୁଷ୍ଟ ହିତାଧିକାରୀ

### ଆବାସ ଯୋଜନାରେ ଦୁର୍ନୀତି

ସଜନାଗଡ଼, ୪।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଦେଶର ଥିବା ସମସ୍ତ କଚ୍ଚା ଘରକୁ ପକ୍କା ଘର କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହି ସୁବିଧା ପହଞ୍ଚିପାରୁନି। ନୀଳଗିରି ବ୍ଲକର କୁଳଡିହା ପାଦଦେଶରେ ଥିବା କେ.ସି.ପୁର ପଞ୍ଚାୟତରେ ୯୫ଭାଗ ଆଦିବାସୀ ଓ ହରିଜନ ପରିବାର ବସବାସ କରୁଥିବା ବେଳେ ଏମାନଙ୍କର ସରଳତାର ସୁଯୋଗ ନେଇ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣରେ ବ୍ୟାପକ ହେରଫେର କରାଯାଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ଜମି ପଟ୍ଟା ନ ପାଇବା, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କ୍ଷେତ୍ରରେ ଅଣଦେଖା କରାଯାଉଥିବାରୁ ପଞ୍ଚାୟତବାସୀ ଆନ୍ଦୋଳନ ପାଇଁ ମେଳି କରି ଅସନ୍ତୋଷ ଜାହିର କରିଛନ୍ତି।

ଆଦିବାସୀ ହରିଜନମାନଙ୍କର ଆବାସ ନିର୍ମାଣ କରିଦେବା ଆଳରେ କେତେଜଣ ଠିକାଦାର ସରଳତାର ସୁଯୋଗ ନେଇ ପ୍ରଥମ କିସ୍ତି, ଦ୍ୱିତୀୟ କିସ୍ତି ଓ ତୃତୀୟ କିସ୍ତିର ସରକାରୀ ଅର୍ଥ ପାଖାପାଖି ୯୦ହଜାର ଟଙ୍କା ହିତାଧିକାରୀମାନଙ୍କ ନାଁରେ ବ୍ୟାଙ୍କରୁ ଉଠାଇନେଇଛନ୍ତି। ସମସ୍ତ ଟଙ୍କା ଉଠାଇ କାହା ଘରର ଗ୍ରେଡବିମ୍ ପଡ଼ିଛି ତ କାହା ଘରର ନିମିଟାଲ ପଡ଼ିଛି। ଆଉ କାହା ଘରେ କବାଟ ଝରକା ଲାଗି ନ ଥିବାବେଳେ ଆଉ କାହା ଘରର ଛାତ ମଧ୍ୟ ପଡ଼ିନାହିଁ। ସମସ୍ତ ଟଙ୍କା ଉଠାଣ କରି ବର୍ଷ ବର୍ଷ ଧରି ଠିକାଦାର ଘର କରୁ ନ ଥିବା ବେଳେ ନୀରିହ ଆଦିବାସୀ ଓ ହରିଜନ ହିତାଧିକାରୀମାନେ ଏ ଅଫିସରୁ ସେ ଅଫିସ ଧାଇଁ ଧାଇଁ ନୟାନ୍ତ ହୋଇ ପଡ଼ିଲେଣି। ବାରୁଡ଼ିଗାଁର ଠୁକୁରୀ ସରେନ, ନନ କିସ୍କୁ, ସରସ୍ୱତୀ କିସ୍କୁ, ରିଷିଆ ଗାଁର ରୁକ୍ମଣୀ ସିଂ, ସରୁପିଙ୍କା ଗାଁର ପ୍ରଭାକର ବିନ୍ଧାଣୀ, ହରିହର ନାୟକ, ହାତୀକୁଟ ଗ୍ରାମର ରାଙ୍କାନୀ ସିଂ, ମଙ୍ଗଳା ସିଂ, ଶାଗନାଳ ଗାଁର ମଣ୍ଡଳ ସରେନ, ସନିଆ ମୁର୍ମୁଙ୍କ ସମେତ ଅନେକ ହିତାଧିକାରୀଙ୍କ ଘରର ସମସ୍ତ ଟଙ୍କା ଉଠାଇ ନେଇ ଘର ନିର୍ମାଣ କରିବାରେ ଠିକାଦାରମାନେ ନାଁ ଧରୁ ନ ଥିବାରୁ ହିତାଧିକାରୀମାନେ ନିରାଶ ହୋଇପଡିଛନ୍ତି। ଏନେଇ ପଞ୍ଚାୟତବାସୀ ସମସ୍ତ ଘଟଣା ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କୁ ଜଣାଇବା ପରେ ସେ ରବିବାର ଉକ୍ତ ପଞ୍ଚାୟତର ଜଙ୍ଗିଆଠାରେ ଶତାଧିକ ହିତାଧିକାରୀଙ୍କୁ ନେଇ ଏକ ବୈଠକ ଡାକିଥିଲେ। ଆବାସ ଯୋଜନାରେ ନୀରିହ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବା ଷଡ଼ଙ୍ଗୀ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହାକୁ କେନ୍ଦ୍ର କରି ବ୍ଲକ ଅଫିସ ଘେରାଉ କରାଯିବ ବୋଲି ସେ କହିଛନ୍ତି।


ହିତାଧିକାରୀଙ୍କ ଗହଣରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ।

## ବିକାଶମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ବିଧାୟକ ସ୍ୱରୂପ ଦାସ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ,୪।୪

ବାଲେଶ୍ୱର ସହରରେ ରବିବାର ବିଭିନ୍ନ ପ୍ରକାର ଜନକଲ୍ୟାଣକାରୀ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ସରଜମିନ ସମୀକ୍ଷା କରିଛନ୍ତି ବିଧାୟକ ସ୍ୱରୂପ କୁମାର ଦାସ। ୨୫ଲକ୍ଷ ୪୨ହଜାର ଟଙ୍କା ବ୍ୟୟରେ କ୍ୟାଥାଲିକ ଖ୍ରୀଷ୍ଟଧର୍ମୀ ବାସିନ୍ଦାଙ୍କ ପାଇଁ ଏକ ଶ୍ମଶାନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ସମୟରେ ଖ୍ରୀଷ୍ଟଧର୍ମୀ ଧର୍ମଯାଜକ ଯଦୁ ମାରାଣ୍ଡି ଓ ଉପ-ଧର୍ମଯାଜକ ଫାଦର ସୋରେଙ୍ଗ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଗୁଡ଼ିପଦାଠାରେ ନାଳ ଓ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସ୍ଥାନୀୟ ବାସିନ୍ଦାମାନଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ନଗରପାଳ ମନୋଜ କୁମାର ରାଉତ, ଟାଉନ ବିଜେଡି ସଭାପତି ସନତ ଦାସ, ଜୟପ୍ରକାଶ ଦାସ ଓ ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାଳବୈଶାଖୀ ବିପ୍ରାତ: ବଜ୍ରପାତରେ ଯୁବକ ମୃତ

ଖଇରା, ୪।୪(ଡି.ଏନ.ଏ.)

କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ ଓ ବଜ୍ରପାତ ହୋଇ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ଗ୍ରାମରେ ଜୀବନହାନି ସାଙ୍ଗକୁ କ୍ଷୟକ୍ଷତି ଘଟିଛି। ଗଣ୍ଡିବେଡ ଗ୍ରାମସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିବା ପବିତ୍ର ହାତୀ(୨୦) ନାମକ ଯୁବକ ବଜ୍ରପାତରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାଛଡା କୁଆପଥର ମାଡରେ ଉଗରପଡା ପଞ୍ଚାୟତ ଦିଗିତେନ୍ତୁଳୀ ଗ୍ରାମର ବହୁ ଲୋକଙ୍କ ଆଜବେଷ୍ଟସ ଉଡିଯାଇଛି।

## ପଞ୍ଚାଗଡ଼-ଦିଖାପଦା ରାସ୍ତା ଶୁଭାରମ୍ଭ

ରେମୁଣା, ୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀକୁ ବିକଶିତ ଅଞ୍ଚଳ ଭାବରେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରକାଶ କରିଛନ୍ତି। ଜାତୀୟ ରାଜପଥର ପଞ୍ଚାଗଡ଼ଠାରୁ ନୂଆଗାଁ ପଞ୍ଚାୟତର ଦିଖାପଦା ପର୍ଯ୍ୟନ୍ତ ୬କି.ମି. ୮୦୦ମିଟର ଦୈର୍ଘ୍ୟ ଆର୍‌ଡି ରାସ୍ତାର ପଞ୍ଚାଗଡ଼ ଛକଠାରେ ରବିବାର ଭୂମିପୂଜା ଅନୁଷ୍ଠିତ ହୋଇଥିଲା। ବିଧାୟକ ପରିଡ଼ା ୪କୋଟି ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରି ବର୍ଷକ ମଧ୍ୟରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶେରଗଡ଼ ବିଜେଡି ସଭାପତି ମହେଶ୍ୱର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଶେରଗଡ଼ ସରପଞ୍ଚ ଟିଙ୍କିନା ସିଂ, ଆର୍‌ଡିର ସହକାରୀ ନିର୍ବାହୀଯନ୍ତ୍ରୀ ଅଶ୍ୱିନୀ କୁମାର ଦଣ୍ଡପାଟ, ସର୍ଭେୟର ତୁଷାରକାନ୍ତି ଜେନା, ଠିକାଦାର ଧନଞ୍ଜୟ ମହାନ୍ତି, ୱାର୍ଡ଼ସଭ୍ୟ ମନୋଜ ରାଉତ, ବାପି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ବିଭିନ୍ନ ଦାବି ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

# ନିଶା କାରବାର ରୋକିବାକୁ ଗୁରୁତ୍ୱ

### 'ମୋନା'ର ପଞ୍ଚମ ବାର୍ଷିକ ସମ୍ମିଳନୀ

ବାଲେଶ୍ୱର ଅଫିସ, ୪।୪

ବାଲେଶ୍ୱର ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)'ର ପଞ୍ଚମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ବେଆଇନ ନିଶା କାରବାର ରୋକାଯାଇ ପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରି ମିଳିମିଶି ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନିଲୁ ମହାପାତ୍ର ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତିଗତ ସ୍ତରରେ ନିଶା ବିରୋଧରେ ସଚେତନତା ସୃଷ୍ଟି କରିପାରିଲେ ନିଶାକୁ ବିରୋଧ କରାଯାଇପାରିବ ବୋଲି ମତ ରଖିଥିଲେ। ଅନୁଷ୍ଠାନ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର 'ମୋନା'ର ୨୦୧୯-୨୦ ଓ ୨୦-୨୧ର ବାର୍ଷିକ ବିବରଣୀ ପାଠ କରି ଜିଲାପାଳଙ୍କ ନିକଟରେ ନିଶା ନିବୃତ୍ତ କେନ୍ଦ୍ର ପାଇଁ ଏକ କାର୍ଯ୍ୟାଳୟ, ମୁଖ୍ୟ ଚିକିତ୍ସାଳୟରେ ନିଶା ନିବୃତ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ସହ ବାଲେଶ୍ୱରରେ ୪ଟି ଅତ୍ୟନ୍ତ ନିଶାପ୍ରବଣ ଇଲାକା ପୁରୁଣା ବାଲେଶ୍ୱର, ଅରଡ଼ବଜାର, ଗଳାପୋଲ ଓ ଜଳେଶ୍ୱରର ଆମ୍ବୁଲିଅଠା ଉପରେ ନଜର ଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ମୋନା ମୁଖପତ୍ର-୨୦୨୧' ଏବଂ 'ମୋନା'ର ରାଜ୍ୟ ସଭାପତି ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଉପରେ ଲିଖିତ ପୁସ୍ତକ 'ଏମିତି ଜଣେ ମୁଖ୍ୟମନ୍ତ୍ରୀ ଥିଲେ' ଲୋକାର୍ପିତ ହୋଇଥିଲା। ସେହିପରି ନିଶା ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ୬ଟି ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଡା. ଶ୍ରୀଶ କୁମାର ଦାଶ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଉପଦେଷ୍ଟା ସୁବ୍ରତ କର, ଉପସଭାପତି ଅର୍ଚ୍ଚନା ନନ୍ଦୀ ଅତିଥି ଓ ଡ. କେଶବ ଚରଣ ପଣ୍ଡା, ସହକୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମୋନାର ବାର୍ଷିକ ସମ୍ମିଳନୀରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ବୋଧନ ଦେଉଛନ୍ତି।

## ପୋଖରୀରେ ବୁଡି ଶିଶୁ ମୃତ

ଖଇରା, ୪।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ ରଘୁନାଥପୁର ଗ୍ରାମର ଶମ୍ଭୁନାଥ ପ୍ରଧାନଙ୍କ ଦେଢବର୍ଷର ଶିଶୁପୁତ୍ର ଶନିବାର ଅପରାହ୍ନରେ ବାଡିରେ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ପୁଅଟି ଅଗଣାରେ ଖେଳୁଥିଲା। ପରିବାର ଲୋକଙ୍କ ଅଜାଣତରେ ସେ ବାଡି ପୋଖରୀକୁ ଚାଲିଯିବା ପରେ ଗୋଡ ଖସିଯିବାରୁ ବୁଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକୀର୍ତ୍ତନରୁ ଗଣ୍ଡଗୋଳ, ଥାନାରେ ୨ ମାମଲା

ଭଣ୍ଡାରିପୋଖରୀ, ୪।୪ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଫତେପୁର ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଗ୍ରାମରେ ସଂକୀର୍ତ୍ତନ ଚାଲୁଥିବା ବେଳେ କେତେଜଣ ଲୋକଙ୍କ ମଧ୍ୟରେ ମତାନ୍ତରରୁ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ବଂଶୀଧର ପରିଡ଼ାଙ୍କୁ ସନ୍ତୋଷ ଜେନା ଓ ଅନ୍ୟମାନେ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ତାଙ୍କ ସ୍ତ୍ରୀ ଅହଲ୍ୟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୭/୨୧) ରୁଜୁ କରିଛି। ଅପରପକ୍ଷେ ସଂକୀର୍ତ୍ତନ ଭୋଜି ଖାଇବାକୁ ନ ଯିବାରୁ ସନ୍ତୋଷଙ୍କ ବାପା ନାରାୟଣଙ୍କୁ ବଂଶୀଧର ଓ ଅନ୍ୟମାନେ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ନାରାୟଣ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଅନ୍ୟ ଏକ ମାମଲା (ନଂ.୧୧୮/୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

**ମନ୍ଦିରରୁ ଚୋରି ଉଦ୍ୟମ**

**ରାଇରଙ୍ଗପୁର,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ କୁଚେଇବୁଢ଼ୀ ବସ୍ତି ଅଞ୍ଚଳର ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହନୁମାନ ମନ୍ଦିରରୁ ଚୋରି ଉଦ୍ୟମ ହୋଇଛି। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିବା ସୂଚନା ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ଭାଲୁ ମୃତଦେହ ଜବତ



**କେନ୍ଦୁଝର, ୪।୪ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ସଦର ରେଞ୍ଜ୍ ବନ ବିଭାଗ ରବିବାର ସକାଳେ ଜଡିଖୁଣ୍ଟା ଗ୍ରାମ ନିକଟ ରାସ୍ତାରୁ ଏକ ବଣୁଆ ଭାଲୁର ମୃତଦେହ ଜବତ କରିଛି। ଉକ୍ତ ମାଈ ଭାଲୁର ବୟସ ୧୫ ବର୍ଷ ହେବ। ମୃତ୍ୟୁର କାରଣ ଜଣାପଡି ନ ଥିଲେ ହେଁ ଭାଲୁ ଗୋଡ଼ରେ କ୍ଷତ ଚିହ୍ନ ରହିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାୟକ କହିଛନ୍ତି। ତେବେ ଜଙ୍ଗଲରେ ନିଆଁ ଲାଗୁଥିବାରୁ ବନ୍ୟ ଜନ୍ତୁ ଭୟଭୀତ ହୋଇ ପଳାଉଥିବାରୁ ଅନେକ ସମୟରେ ଲୋକଙ୍କ ଆକ୍ରମଣର ଶିକାର ହୋଇଥାନ୍ତି। ସେହିପରି ଅନେକ ସମୟରେ ରାସ୍ତା ପାର ହେବା ସମୟରେ ଗାଡି ଦୁର୍ଘଟଣାର ଶୀକାର ହୋଇଥାନ୍ତି। କିଛି ଦିନ ତଳେ ସଦରପଡା ଗ୍ରାମକୁ ଏଭଳି ପଳାଇ ଆସିଥିବା ଏକ ବାର୍‌ହାକୁ ଗ୍ରାମବାସୀ ପିଟିପିଟି ମାରିଦେବା ପରେ ବନ ବିଭାଗ ଉକ୍ତ ଗ୍ରାମରୁ ବାର୍‌ହା ମୃତଦେହ ଜବତ କରିଥିଲା।

### ଜଳିଗଲା ଘର

**ଯୋଡ଼ା,୪।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡା ସହରର ବାଂଶପାଣିସ୍ଥିତ ଅଟାଚକି ନିକଟରେ ଅଗ୍ନିକାଣ୍ଡ ଘଟି ବାବୁଲା କୁମାର ପାତ୍ରଙ୍କ ଘର ଜଳିଯାଇଛି। ତାଙ୍କ ସ୍ତ୍ରୀ ଓ ତାଙ୍କ ୫ ବର୍ଷର ପୁଅ ସେହି ଘରେ ଥିଲେ। କିନ୍ତୁ ସେମାନେ ସୁରକ୍ଷିତ ଅଛନ୍ତି। ରବିବାର ୧୧ ଟାରେ କୌଣସି କାରଣରୁ ଘରେ ନିଆ ଲାଗି ଯାଇଥିଲା। ନିଆଁ ଏତେ ମାତ୍ରାରେ ଲାଗିଥିଲା ଯେ ଘରର ଆସବାବପତ୍ର ଓ ଅନ୍ୟାନ୍ୟ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ବାବୁଲାଙ୍କ ସ୍ତ୍ରୀ କୁନିରାଣୀ ପୁଅକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏନେଇ ଘର ମାଲିକ ବିଲେଇପଦା ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଘଟଣାସ୍ଥଳକୁ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନାହିଁ।

### ଆଇନଜୀବୀଙ୍କୁ ଟିକାକରଣ

**ଭଦ୍ରକ ଅଫିସ,୪।୪:** ଭଦ୍ରକ କୋର୍ଟରେ କାର୍ଯ୍ୟରତ ଆଇନଜୀବୀମାନଙ୍କୁ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ଓକିଲ ସଂଘର ସଭାପତି ଦିଲୀପ କୁମାର ମହାପାତ୍ର, ଉପସଭାପତି କରୁଣାକର ଦାସ, ସମ୍ପାଦକ ଜିତେନ୍ଦ୍ର କୁମାର ପଣ୍ଡା, ଦିବ୍ୟସିଂହ ନାୟକ, ତୁଷାରକାନ୍ତି ମହାନ୍ତି, ପବନ ଶର୍ମା, ଗିରିଧାରୀ ନାଥ, ଅତିସ୍ ବେହେରା, ପୂର୍ବତନ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ସହସମ୍ପାଦକ ଅଭୟ ସେଠୀ, ଲାଇବ୍ରେରୀ ସମ୍ପାଦକ ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ତିରିଂ ଥାନା ପୋଲିସ ବୁଧିଗଡ଼ିଆ ଗ୍ରାମରେ ଚଢ଼ାଉ କରି ଜଣେ ମଦବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଶଙ୍କର ମହାଲି। ବିନା ଲାଇସେନ୍ସରେ ସେ ମଦ ବିକୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ତାଙ୍କଠାରୁ ୬୦ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୨/୨୧) ରୁଜୁ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କଟକଣାରେ ହେବ ମା’ ତାରିଣୀଙ୍କ ଚଇତି ପର୍ବ

**କେନ୍ଦୁଝର/ଘଟଗାଁ,୪।୪ (ସ୍ୱ.ପ୍ର./ଡି.ଏନ.ଏ.)**

■ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ

■୧୩, ୧୪ ତାରିଖରେ ଦର୍ଶନ ବନ୍ଦ

ଚଳିତ ବର୍ଷ କେନ୍ଦୁଝର ଜିଲା ଘଟଗାଁ ସ୍ଥିତ ମା’ ତାରିଣୀ ଠାକୁରାଣୀଙ୍କ ପୀଠରେ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରସିଦ୍ଧ ଚଇତି ପର୍ବ କରୋନା କଟକଣା ମଧ୍ୟରେ ପାଳନ କରିବାକୁ ସ୍ଥିରୀକୃତ ହୋଇଛି। ଏଥିପାଇଁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯିବା ସହ ୧୩ ଓ ୧୪ ତାରିଖରେ ଦେବୀଙ୍କ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପରିଚାଳନା ବୋର୍ଡ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ୯ରୁ ୧୨ ତାରିଖ ଏବଂ ୧୫ ତାରିଖ ଦିନ ଭକ୍ତ କେବଳ ଦେବୀ ଦର୍ଶନ କରିପାରିବେ ବୋଲି ସେ କହିଛନ୍ତି।

ମା ତାରିଣୀଙ୍କ ବଡ଼ ପର୍ବ ଚଇତି ପର୍ବ ଅବସରରେ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତ୍ୟେକ ମା’ଙ୍କ ସୁନାବେଶ, ହୋମ ଯଜ୍ଞ, ଚଣ୍ଡୀପାଠ, ସତ୍ୟନାରାୟଣ ପୂଜା,ସମସ୍ତ ନୀତିକାନ୍ତି ସୁରୁଖୁରୁରେ କିପରି ଚାଲିବ ସେ ନେଇ ପ୍ରସ୍ତୁତି ଚାଲିଛି। ତେବେ କରୋନା ମହାମାରୀ ଦ୍ୱିତୀୟ ଥର ରାଜ୍ୟରେ ମାଡ଼ି ଆସୁଥିବା ଏବଂ ରାଜ୍ୟରେ ୧୦ ଜିଲାରେ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହୋଇଥିବାରୁ ଜିଲାପାଳ ଆଶୀଷ ଠାକରେ ଚିଠି (ନଂ. ୭୦୨/୩୧।୩।୨୦୨୧)ରେ ଜାରି କରିଥିବା ଗାଇଡ୍‌ଲାଇନକୁ ମାନି ଏଭଳି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଶ୍ରଦ୍ଧାଳୁ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧ୍ୟତା ମୂଳକ କରାଯାଇଛି। ଏଣୁ ପୂର୍ବରୁ ବୋର୍ଡ ପକ୍ଷରୁ ମନ୍ଦିର ପରିସରକୁ ବିଶୋଧନ କରିବା ସହ ପୂର୍ବରୁ ହୋଇ ଆସୁଥିବା ବାଦୀପାଲା, ଭଜନ, ଛଉ ନୃତ୍ୟ, ଦଣ୍ଡନାଚ, ସମ୍ବଲପୁରୀ ନାଚ, ଯୋଡ଼ିଶଙ୍ଖ ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ଭକ୍ତଙ୍କ ଦ୍ୱାରା କୌଣସି ଭୋଗ ଓ ନୈବେଦ୍ୟ ଅର୍ପଣ କରାଯିବ ନାହିଁ । କେବଳ ୯ ରୁ ୧୨ ଓ ୧୫ ତାରିଖ ମା’ଙ୍କ ଦର୍ଶନ ପାଇଁ ଖୋଲାଯିବ। ଏଥିପାଇଁ ଏକ ମାଗଦର୍ଶିକା ପ୍ରସ୍ତୁତ କରାଯାଇଛି। ସେହିପରି ପୂଜକମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ହେବ ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟବୋର୍ଡ ସଦସ୍ୟ ଦୟାନିଧି ମହାନ୍ତ, ଆନନ୍ଦ ଚନ୍ଦ୍ର ସିଂହ, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଦେବୋତ୍ତର ନୀରିକ୍ଷକ ତ୍ରିଲୋଚନ ନାଏକ, ବଳଭଦ୍ର ନନ୍ଦ, ରୁଦ୍ର ନାରାୟଣ ମହାନ୍ତ, କ୍ଷୀରୋଦ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡର ସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ସହ ଅନ୍ୟମାନେ।

# ଚୋରା କାଠ ବୋଝେଇ ବୋଲେରୋ ଜବତ



ଜବତ ବୋଲେରୋ।

**ଭଦ୍ରକ ଅଫିସ, ୪।୪**

ଭଦ୍ରକ ନଳାଙ୍ଗ ସାଇମନ୍ଦିର ନିକଟରୁ ରବିବାର ପୂର୍ବାହ୍ନରେ ଏକ ଚୋରାକାଠ ବୋଝେଇ ବୋଲେରୋ ଜବତ କରିଛି ବନବିଭାଗ। ଗାଡ଼ି ଭିତରୁ ପ୍ରାୟ ୭୧ ସିଫ୍ଟ ଶାଳ କାଠ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ହେବ ବୋଲି ସୂଚନା ଦିଆଯାଇଛି। ବୋଲେରୋଟି ଏକ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଇ ଦ୍ରୁତଗତିରେ ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାମାଞ୍ଚଳ ଥାନା ପୋଲିସ ହାବୁଡ଼ରେ ପଡ଼ିଥିଲା। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏହି ଗାଡ଼ିକୁ ପିଛା କରି ନଳାଙ୍ଗ ସାଇମନ୍ଦିର ନିକଟରେ କାବୁ କରିଥିଲା। ଡ୍ରାଇଭର ଗାଡ଼ିକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ବନ ବିଭାଗ ପକ୍ଷରୁ ଫରେଷ୍ଟର ବସନ୍ତ କୁମାର ମାଝୀ ପହଞ୍ଚି ବୋଲେରୋକୁ ଜବତ କରିଥିଲେ। ଗାଡ଼ିଟି ଭଦ୍ରକ ଆଡୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ବୋଲି ଜଣାପଡ଼ିଛି।

# ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଜଳେଶ୍ୱର, ୪।୪(ଡି.ଏନ.ଏ.)**

**ଜଙ୍ଗଲକୁ କାଠ ଆଣିବାକୁ ଯାଇ ଆଉ ଫେରିଲେନି**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ବରଡିହା ପଞ୍ଚାୟତ କୁସୁମସାହି ଗାଁର ଜଣେ ମହିଳା ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ପ୍ରାଣ ହରାଇଛନ୍ତି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତା ମହିଳା ହେଲେ ଅଜୟ ସିଂଙ୍କ ସ୍ତ୍ରୀ ଜୟନ୍ତୀ(୫୪)।

ସବୁଦିନ ପରି ଜୟନ୍ତୀ ରବିବାର ସକାଳେ ପାଖ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ହେଲେ ଅପରାହ୍ନ ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଜଙ୍ଗଲ ମଧ୍ୟରେ ଏକ ସ୍ଥାନରେ କାଠଗୋଛା ପଡିଥିବା ବେଳେ ସେ ସେଠାରେ ମରିପଡିଥିବାର ଦେଖିବାକୁ ପାଇଥିଲେ। କୁଶଗଡ଼ ଫାଣ୍ଡି ଜମାଦାର ଭଗବାନ ଦାସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ମଣିଷ କଙ୍କାଳ ଜବତ

**ବାଙ୍ଗିରିପୋଷି,୪।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଭୂଆଶୁଣି ଫୁଟବଲ୍ ଖେଳପଡ଼ିଆ ପଛ ଜଙ୍ଗଲରୁ ରବିବାର ମଣିଷ କଙ୍କାଳ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଥାନା ଅଧିକାରୀ ଦୟାନିଧି ଦାସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

**ଯୋଡ଼ା,୪।୪(ଡି.ଏନ୍.ଏ.)**

**କ୍ରେନ୍ ଧକ୍କାରେ ଜଣେ ମୃତ**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଛକ ନିକଟରେ ରବିବାର ଏକ ହାଇଡ୍ରା କ୍ରେନ୍ ଧକ୍କାରେ ସ୍ଥାନୀୟ ଅଞ୍ଚଳର ଦୁଃଖୀ ପାତ୍ରଙ୍କର ମୃତ୍ୟୁ ଘଟିଛି। କେଏମ୍‌ସି ହଟିଂରେ ରହୁଥିବା ଦୁଃଖୀ ଜୁରୁଡି ଛକରୁ ବ୍ୟାଙ୍କ ଅଭିମୁଖେ ଆସୁଥିବା ବେଳେ ପୋଲ ନିକଟରେ ପଛ ପାର୍ଶ୍ୱରୁ ଆସୁଥିବା ଏକ କ୍ରେନ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଦୁଃଖୀ ପାତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ କ୍ରେନ୍‌ଟି ପଳାଇଯିବାକୁ ଉଦ୍ୟମ କରୁଥିବା ସମୟରେ ସ୍ଥାନୀୟ କେତେକ ଯୁବକ ସମ୍ପୃକ୍ତ ଡ୍ରାଇଭରଙ୍କୁ କାବୁ କରି ନେଇଥିବା ବେଳେ ହେଲପର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉକ୍ତ ଡ୍ରାଇଭରଙ୍କୁ ପୋଲିସ ଜିମା ଦେଇଥିଲେ। ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ ହେଁ ଅବରୋଧକାରୀମାନେ ସେମାନଙ୍କ ଦାବିରେ ଅଟଳ ରହିଥିଲେ ଏବଂ ଅବରୋଧକୁ ଜାରି ରଖିଥିଲେ। ଏହା ଫଳରେ ରାସ୍ତାର ଦୁଇପାର୍ଶ୍ୱରେ ଛୋଟବଡ ଯାନବାହନ, ବସ, କମାଣ୍ଡର ଅଟକି ରହିଥିଲା। ଏହା ଦ୍ୱାରା ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ଲେଖା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଥିଲା।

# ବରିଷ୍ଠଙ୍କୁ ସମ୍ମାନ ପ୍ରଦର୍ଶନ ଉପରେ ଗୁରୁତ୍ୱ



ସମାରୋହରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୪।୪**

ଭଦ୍ରକ ବାଇପାସ୍ ଜଗନ୍ନାଥ ମନ୍ଦିର ସଭାଗୃହରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ୨ୟ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଜିଲା ସଦର ମହକୁମା ଡାକ୍ତରଖାନାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା, ରେଳ ଷ୍ଟେଶନରେ ସ୍ୱତନ୍ତ୍ର ଟିକଟ କାଉଣ୍ଟର, ଲିଫ୍ଟ କାର୍ଯ୍ୟକ୍ଷମ ଓ ସଂଘ କାର୍ଯ୍ୟାଳୟ ନିମନ୍ତେ ଜମି ଯୋଗାଇବା ପାଇଁ ସେ ଦାବି ରଖିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବରେଣ୍ୟ ଅତିଥି ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଦାବି ପୂରଣ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ବରିଷ୍ଠମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା ବର୍ତ୍ତମାନ ପିଢ଼ିର ମୁଖ୍ୟ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। ସଂଘ କାର୍ଯ୍ୟକାରୀ ସଦସ୍ୟ ଶଶୀକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, ବିଜୟ ସେନାପତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ଜିଲା ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ଓ ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରଙ୍ଗ୍ ନମ୍ବର ପ୍ରେମରୁ ବ୍ଲାକମେଲିଂ, ଯୁବକ ଗିରଫ

**ପଦ୍ମପୁର, ୪।୪(ଡି.ଏନ.ଏ.)**

ଯୁବତୀଙ୍କୁ ବ୍ଲାକମେଲିଂ କରିବା ଅଭିଯୋଗରେ ଭଦ୍ରକ ବ୍ଲକ ସାବରଙ୍ଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବନ୍ତ ଥାନା ଅଧୀନ ବଗଡ଼ା, କାଶିପୁର ଗ୍ରାମର ରମେଶ ଚନ୍ଦ୍ର ନାୟକ। ରବିବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୮୦/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରମେଶଙ୍କର ସାବରଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ରଙ୍ଗନମ୍ବର ଲାଗି ଯାଇଥିଲା। ପରେ ସେ ବିଭିନ୍ନ ସମୟରେ ତାଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ଜଣଙ୍କ ଏହା ଏକପାଖିଆ ପ୍ରେମ ବୋଲି କହିବାରୁ ରମେଶ ବିଭିନ୍ନ ନମ୍ବରରୁ ତାଙ୍କୁ ଫୋନ କଲ୍ କରି ବ୍ଲାକମେଲିଂ କରୁଥିବା ସେ ଏତଲାରେ ଦର୍ଶାଇଥିଲେ। ସାବରଙ୍ଗ ଥାନାଧିକାରୀ ମମତା ସାହୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଶନିବାର ରମେଶଙ୍କୁ ଗିରଫ କରିଥିଲା।

# ଗୋଁଣ୍ଡୱାନା ପାରମ୍ପରିକ ଯୁଦ୍ଧକଳା ବାଦ୍ୟଯନ୍ତ୍ର କର୍ମଶାଳା

**କେନ୍ଦୁଝର, ୪।୪(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶଙ୍କିରୀ ପଞ୍ଚାୟତର ଜଡିପଦାଠାରେ ଗୋଁଣ୍ଡୱାନା ସୋଡ୍ ଡ୍ୟାନ୍ସ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଗୋଁଣ୍ଡୱାନା ଯୁଦ୍ଧକଳା ବାଦ୍ୟଯନ୍ତ୍ର ସଙ୍ଗୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଗୋଁଣ୍ଡ ସାଂସ୍କୃତିକ ସମାଜର ଚକ୍ରଧର ନାୟକ, ଦୟାନିଧି ଖଣ୍ଡା, ଦିଗାମ୍ବର ଦଣ୍ଡପାଟ, ଫକୀର ଚରଣ ଖଣ୍ଡା, ବିଶ୍ୱନାଥ ନାଏକ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ହଜି ଯାଉଥିବା ଗୋଁଣ୍ଡୱାନା ପାରମ୍ପାରିକ ଯୁଦ୍ଧକଳା ସଙ୍ଗୀତକୁ ପୁନରୁଦ୍ଧାର କରିବା ସହିତ ଏହାର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ପଲ୍ଲୀରୁ ୨୦ରୁ ଉର୍ଦ୍ଧ୍ୱ ବାଦ୍ୟକାର ଯୋଗ ଦେଇଥିଲେ। ପାରମ୍ପାରିକ ବାଦ୍ୟଯନ୍ତ୍ରର ବ୍ୟବହାର ସମ୍ପର୍କରେ ଶିବିରାର୍ଥୀଙ୍କୁ ଗୋଁଣ୍ଡୱାନା ପାରମ୍ପାରିକ ଯୁଦ୍ଧକଳା ସଙ୍ଗୀତ ନିର୍ଦ୍ଦେଶକ ତଥା ଗୁରୁ ଅର୍ଜୁନ ନାୟକ, ସହ ନିର୍ଦ୍ଦେଶକ କୁନ୍ଦନ କୁମାର ସିଂ ନିର୍ଦ୍ଦେଶନା ଦେଇଥିଲେ। ଏବେ ଏହି ବୀରବାଦ୍ୟ ବନ୍ଦ ହେବାକୁ ବସିଛି। ଯଦି ସରକାର କିଛି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତା’ହେଲେ ଏହି ଗୋଁଣ୍ଡୱାନା ବୀରବାଦ୍ୟ ସଙ୍ଗୀତ ବଞ୍ଚିପାରନ୍ତା ବୋଲି କର୍ମଶାଳାରେ ଉପସ୍ଥିତ ନୃତ୍ୟଗୁରୁମାନେ ପ୍ରକାଶ କରିଥିଲେ।

# ଭାଲୁ ଆକ୍ରମଣରେ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ

**ପାଟଣା,୪।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ କେତାଙ୍ଗ ଗ୍ରାମରେ ଭାଲୁ ଆକ୍ରମଣରେ ମାର୍ଚ୍ଚ ୨୨ରେ ଜଣେ ବୃଦ୍ଧା ଗୁରୁତର ହୋଇ ପ୍ରଥମେ କେନ୍ଦୁଝର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର ହୋଇଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚିନାବାଲିପଶି ପଞ୍ଚାୟତ କେତାଙ୍ଗ ଗ୍ରାମ ପୋଖରୀ ସାହିର ମାଣିକ ସିଂ। ସୂଚନା ଅନୁଯାୟୀ ଉକ୍ତଦିନ ସକାଳୁ ମାଣିକ ଗାଁ ନିକଟ ସୀତା ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଗାଁ ପାଖ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା।

# ଅନିୟମିତତା ପ୍ରତିବାଦରେ ପଞ୍ଚାୟତ ଅଫିସ ଘେରାଉ



ମହିଳାମାନେ ସରପଞ୍ଚଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

**ବନ୍ତ,୪।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତରେ ସିଆର୍‌ପି, ଏମ୍‌ବିକେ ଚୟନରେ ଅନିୟମିତତା ପ୍ରତିବାଦରେ ରବିବାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଏଥିସହ ବିଡିଓ ଏବଂ ବିପିଏମ୍‌ଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ଚିନ୍ତାମଣି ଘଡ଼େଇଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବାବା ଅନନ୍ତ ଗୋପାଳ, ମା’ ମଙ୍ଗଳା, ମାତୃଶକ୍ତି, ଶନିଦେବ, ବଜରଙ୍ଗବାଲୀ, ଶ୍ରୀକିଷ୍ଣା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ମଞ୍ଜୁଲତା ସାହୁ, ଲିଜା ସେଠୀ, ତୁଳସୀ ଜେନା, କାଦମ୍ବିନୀ ସାହୁ, ପୁଷ୍ପା ସାହୁ, ଗୀତାଞ୍ଜଳି ରାଉତ, ତପସ୍ୱିନୀ ଜେନା, ଶାନ୍ତି ନାଥ, ରଞ୍ଜୁଲତା ସାହୁ, ମଞ୍ଜୁଲତା ନାୟକ ପ୍ରମୁଖ ଘେରାଉରେ ସାମିଲ ଥିଲେ। ଅନିୟମିତତାରେ ସଂଘର ସମ୍ପାଦକଙ୍କ ସମ୍ପୃକ୍ତି ଥିବା, ଗୋଟିଏ ପରିବାରରୁ ୨ ଜଣଙ୍କୁ ଚୟନ କରାଯିବା, ଚୟନ ପ୍ରକ୍ରିୟାରେ ଅର୍ଥ କାରବାର, ଚୟନ ପ୍ରକ୍ରିୟା ଫାଇଲରୁ କାଗଜପତ୍ର ଗାଏବ ଆଦି ବିଭିନ୍ନ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରି ପୁନଃ ଚୟନ କରା ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରୋଗ ସହ ସଂଘର୍ଷ କରୁଛନ୍ତି ନାବାଳକ

**ଜଳେଶ୍ୱର, ୪।୪(ଡି.ଏନ.ଏ.)**

**ଥାଲାସେମିଆ ସାଙ୍ଗକୁ ଟ୍ୟୁମର**

ବୟସ ୧୧। ହେଲେ ଏକାସଙ୍ଗେ ଦୁଇଟି ରୋଗ। ଥାଲାସେମିଆ ରୋଗ ପାଇଁ ମାସକୁ ୨ଥର ରକ୍ତ ଦେବାକୁ ପଡୁଥିବା ବେଳେ ଏବେ ଟ୍ୟୁମର ରୋଗ ହୋଇଥିବା ଜଣାପଡିବା ପରେ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି। ଏଭଳି ରୋଗ ସହ ସଂଘର୍ଷ କରୁଛନ୍ତି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଶ୍ୟାମନଗର ପଞ୍ଚାୟତ ଗରୁଡ଼ବସା ଗାଁର ପାର୍ବତୀ ମୁର୍ମୁଙ୍କ ଏକମାତ୍ର ପୁଅ ରେଣ୍ଟା।

୧୫ବର୍ଷ ପୂର୍ବେ ପାର୍ବତୀ ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ବେଲାଝୁରୀ ଗାଁର ରାମ ମୁର୍ମୁଙ୍କୁ ବିବାହ କରିଥିଲେ। ରେଣ୍ଟା ଜନ୍ମ ହେବାର କିଛିମାସ ପରେ ଥାଲାସେମିଆ ରୋଗରେ ପୀଡ଼ିତ ହୋଇଥିଲେ। ପରବର୍ତ୍ତୀ ସମୟରେ ପାର୍ବତୀଙ୍କୁ ତାଙ୍କ ସ୍ୱାମୀ ଛାଡିଦେବା ପରେ ସେ ଅସହାୟ ହୋଇ ପୁଅର ଚିକିତ୍ସା ଲାଗି ନିବେଦନ କରି ଚାଲିଛନ୍ତି। ମୂଲ ଲାଗି ଯାହା ରୋଜଗାର ହେଉଛି ସେତିକି ନିଜ ପେଟକୁ ନିଅଣ୍ଟ। ନିଜ ପିଉସୀଙ୍କ ସହ ଚାଳିଆ ଘରେ ବାସ କରୁଥିବା ପାର୍ବତୀ ପୁଅର ଚିକିତ୍ସା ପାଇଁ କେତେବେଳେ ବାରିପଦା ସରକାରୀ ଡାକ୍ତରଖାନା ତ କେତେବେଳେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଥାଲାସେମିଆ ରୋଗ ପାଇଁ ମାସକୁ ୨ଥର ରକ୍ତ ଦେବା ସହ ପୁଣି ବିଭିନ୍ନ ଔଷଧ ଖର୍ଚ୍ଚ ତୁଲାଇବା ପାର୍ବତୀଙ୍କ ଲାଗି କାଠିକର ପାଠ ହୋଇଛି। ଜମି ନାହିଁ କି ଘରବାଡି ନାହିଁ। ଅର୍ଥ ଅଭାବରୁ ଚିକିତ୍ସାର ସବୁ ଦୁଆର ବନ୍ଦ ହୋଇଯାଇଛି। ଏବେ ରେଣ୍ଟାଙ୍କ ପେଟରେ ଏକ ବଡ ଟ୍ୟୁମର ଦ୍ରୁତଗତିରେ ବୃଦ୍ଧି ପାଉଛି। ଏକମାତ୍ର ପୁଅକୁ ବଞ୍ଚାଇବା ଲାଗି ତୁରନ୍ତ ଚିକିତ୍ସା ଆବଶ୍ୟକ ଥିବାରୁ କୌଣସି ସହୃଦୟ ବ୍ୟକ୍ତି କିମ୍ବା ସଙ୍ଗଠନ ଆଗେଇ ଆସିବାକୁ ପାର୍ବତୀ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ପିଲାର ଚିକିତ୍ସା ପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବାକୁ ସେହି ଗାଁର ଦୁଲା ମୁର୍ମୁ, ସୁକୁଲ ମୁର୍ମୁ, ଚନ୍ଦୁଲାଲ ହେମ୍ବ୍ରମ ଇ ଡାକୁଆ ହେମ୍ବ୍ରମ ପ୍ରମୁଖ ନିବେଦନ କରିଛନ୍ତି।



ପୁଅ ସହ ମା’ ପାର୍ବତୀ।

## ମମତାଙ୍କ ରୋଡ୍ ଶୋ'ରେ ଷଣ୍ଢ ପଶିଗଲା

ହାଓଡ଼ାରେ ଟିଏମ୍‌ସି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ରୋଡ୍ ଶୋ' ଭିତରକୁ ଏକ ଷଣ୍ଢ ମାଡ଼ି ଆସିଥିଲା। ମମତା ହ୍ୱିଲ ଚେୟାରରେ ହାଓଡ଼ା କାଜିପରାରୁ ସମ୍ମିଳନୀ ପାର୍କ ଅଭିମୁଖେ ଯାଉଥିବାବେଳେ ମାରଣା ଷଣ୍ଢଟି ତାଙ୍କ ସୁରକ୍ଷା ବଳୟ ନିକଟରେ ପହଞ୍ଚିଥିଲା। ସୁରକ୍ଷାକର୍ମୀମାନେ ଷଣ୍ଢକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଲୋକଙ୍କୁ ଗୋଡ଼ାଇଥିଲା। ଫଳରେ ରୋଡ୍ ଶୋ ବାଧାପ୍ରାପ୍ତ ହୋଇଥିଲା।

### ସଂକ୍ଷେପରେ

## ଏୟାର ଷ୍ଟ୍ରାଇକ୍‌ରେ ୮୨ ଆତଙ୍କବାଦୀ ନିହତ

**କାବୁଲ, ୪।୪:** ଆଫଗାନିସ୍ତାନର କାନ୍ଦାହାର ପ୍ରଦେଶରେ ସେନାର ଏୟାର ଷ୍ଟ୍ରାଇକ୍‌ରେ ୮୨ ତାଲିବାନ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ନିହତଙ୍କ ମଧ୍ୟରେ ଜଣେ ତାଲିବାନ କମାଣ୍ଡର ରହିଛନ୍ତି। ଆତଙ୍କବାଦୀଙ୍କ ୨ଟି ଟ୍ୟାଙ୍କ ଓ ଯାନବାହନ ନଷ୍ଟ କରାଯାଇଛି। ଶନିବାରଠାରୁ ସେନାର ଏହି ଅପରେଶନ ଜାରି ରହିଛି। ସୁରକ୍ଷାକର୍ମୀଙ୍କ ମୃତାହତ ସମ୍ପର୍କରେ ସୂଚନା ମିଳିନାହିଁ। ଆତଙ୍କବାଦୀଙ୍କ ଆଡ୍ଡା ଉପରେ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ଜଣାଯାଇଛି।

## ଜୋର୍ଡାନ ଯୁବରାଜ ଗୃହବନ୍ଦୀ



**ଅମନ, ୪।୪:** ଜୋର୍ଡାନ ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ଷଡ଼ଯନ୍ତ୍ର ଚଳାଇଥିବା ଅଭିଯୋଗରେ ତାଙ୍କ ସାବତ ଭାଇ ଯୁବରାଜ ହାମ୍‌ଜା ବିନ୍ ହୁସେନଙ୍କୁ ଗୃହବନ୍ଦୀ କରାଯାଇଛି। ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସେ ତାଙ୍କ ରାଜପ୍ରାସାଦରେ ଗୃହବନ୍ଦୀ ରହିବେ ବୋଲି ମଧ୍ୟପ୍ରାଚ୍ୟର ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଦେଶର ସୁରକ୍ଷା ତଥା ସ୍ଥିରତା ଲାଗି ପୂର୍ବତନ କ୍ରାଉନ୍ ପ୍ରିନ୍ସଙ୍କ ଗତିବିଧି ଉପରେ ରୋକ୍ ଲଗାଯିବା ସହ ଜୋର୍ଡାନ କର୍ତ୍ତୃପକ୍ଷ ଶନିବାର ୨୦ ଜଣଙ୍କୁ ଗିରଫ କରିଛନ୍ତି। ପୂର୍ବତନ ରାଜା ହୁସେନ ଓ ତାଙ୍କ ଆମେରିକା ଜନ୍ମିତ ଚତୁର୍ଥ ପତ୍ନୀ ରାଣୀ ନୁର୍‌ଙ୍କ ବଡ଼ପୁଅ ହାମ୍‌ଜାଙ୍କୁ ଅମନ ପ୍ୟାଲେସରେ ଗୃହବନ୍ଦୀ ରଖାଯାଇଛି।

## କିଲ୍ ଦି ବିଲ୍ ସଂଘର୍ଷ: ୨୬ ଗିରଫ

**ଲଣ୍ଡନ, ୪।୪(ପି.ଟି.):** କେନ୍ଦ୍ରୀୟ ଲଣ୍ଡନରେ ଶନିବାର 'କିଲ୍ ଦି ବିଲ୍' ବିକ୍ଷୋଭବେଳେ ପୋଲିସ ସହ ଆନ୍ଦୋଳନକାରୀଙ୍କର ସଂଘର୍ଷ ହୋଇଥିଲା। ଏହି ଘଟଣାରେ ୨୬ ଜଣଙ୍କୁ ଗିରଫ କରାଯାଇଛି। ମେଟ୍ରୋପଲିଟାନ ପୋଲିସ ଅଧିକାରୀମାନେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରୁଥିବାବେଳେ ସେମାନଙ୍କ ଉପରକୁ ପ୍ରୋଜେକ୍ଟାଇଲ୍ ନିକ୍ଷେପ କରାଯାଇଥିଲା। ଏଥିରେ ୧୦ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ସାଙ୍ଗରେ ଧାରୁଆ ଅସ୍ତ୍ର ନେଇଥିବା ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ବ୍ରିଟେନର ନୂଆ ପୋଲିସ ଓ ଅପରାଧ ବିଲ୍‌କୁ ବିରୋଧ କରାଯାଉଛି। କେନ୍ଦ୍ରୀୟ ଲଣ୍ଡନ ସମେତ ବର୍ମିଂହାମ, ଲିଭରପୁଲ, ମାଞ୍ଚେଷ୍ଟର, ବ୍ରିଷ୍ଟଲ, ନ୍ୟୁକାଷ୍ଟଲ, ବ୍ରାଇଟନ ଆଦି ବିଭିନ୍ନ ସ୍ଥାନରେ ତଥାକଥିତ 'କିଲ୍ ଦି ବିଲ୍' ଆନ୍ଦୋଳନ ଜାରି ରହିଛି।

## ପାୟଲଙ୍କ ଗାଡ଼ିକୁ ଟାର୍ଗେଟ

**କୋଲକାତା, ୪।୪:** ଅଭିନେତ୍ରୀ ତଥା ପଶ୍ଚିମବଙ୍ଗର ବେହଲା ଆସନର ଭାଜପା ପ୍ରାର୍ଥୀ ପାୟଲ ସରକାରଙ୍କ ଗାଡ଼ି ଉପରେ ରବିବାର ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କ୍ୟାମ୍ପେନିଂବେଳେ ବେହଲାର ଠାକୁରପୁର ଅଞ୍ଚଳରେ ଘଟଣା ଘଟିଥିବା ଜଣାଯାଇଛି। ତେବେ ଭାଜପା ପକ୍ଷରୁ ଏ ନେଇ କୌଣସି ବିବୃତ୍ତି ରଖାଯାଇନାହିଁ।



# ପୁଟିନ୍ ସବୁଠାରୁ 'ସେକ୍ସି'

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦେଶର ସବୁଠାରୁ 'ସେକ୍ସି' ଓ 'ହ୍ୟାଣ୍ଡସମ୍' ପୁରୁଷ ଘୋଷଣା କରାଯାଇଛି। ୨୨ ମାର୍ଚ୍ଚରୁ ୧ ଏପ୍ରିଲ ପର୍ଯ୍ୟନ୍ତ ଦେଶର ୩ ଶହରୁ ଅଧିକ ସହରର ୨ ହଜାର ଜଣଙ୍କ ଉପରେ ଏକ ସର୍ଭେ କରାଯାଇଥିଲା। ଦେଶର ସବୁଠାରୁ ସେକ୍ସି ଏବଂ ମୋଷ୍ଟ ଏଲିଜିବଲ ବ୍ୟାଚଲର କିଏ ବୋଲି ସର୍ଭେରେ ଭୋଟିଂ କରାଯାଇଥିଲା। ୧୮ ପ୍ରତିଶତ ପୁରୁଷ ଏବଂ ୧୭ ପ୍ରତିଶତ ମହିଳା ୬୮ ବର୍ଷୀୟ ପୁଟିନଙ୍କୁ ଭୋଟ ଦେଇଥିଲେ। ଦେଶବାସୀ ଏବେ ବି ପୁଟିନଙ୍କୁ ଆକର୍ଷଣୀୟ ପୁରୁଷ ବୋଲି ବିବେଚନା କରୁଛନ୍ତି ବୋଲି ସର୍ଭେ କରିଥିବା ସୁପରଜବ୍ ନାମକ ୱେବସାଇଟ୍ କହିଛି। ଡିମିଟ୍ରି ନାଗିଭ, ଡାନିଲା କୋଜଲୋଭସ୍କି, କନଷ୍ଟାଣ୍ଟିନ ଖାବେନସ୍କିଙ୍କ ଭଳି ଅଭିନେତା, ମଡେଲ ଆଦିଙ୍କୁ ପୁଟିନ୍ ପଛରେ ପକାଇଛନ୍ତି।

# ପରଲୋକରେ ଶଶିକଳା



ବଲିଉଡ୍‌ର ଶତାଧିକ ଚଳଚ୍ଚିତ୍ରରେ ନିଜ ଅଭିନୟର ଛାପ ଛାଡ଼ିଥିବା ଅଭିନେତ୍ରୀ ଶଶିକଳାଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ଫିଲ୍ମ 'ଡାକୁ', 'ରାସ୍ତା', 'କଭି ଖୁସି କଭି କଭି ଗମ୍'ରେ ତାଙ୍କୁ ବେସ୍ ପ୍ରସିଦ୍ଧି ମିଳିଥିଲା। ଏହାସହ ମୁଝସେ ଶାଦି କରୋଗୀ, ତୀନ ବତୀ ଚାର ରାସ୍ତା, ତୀନ ବହୁରାନିୟା, ଆୟେ ମିଲନ କି ବେଲା, ଗୁମ୍‌ରା, ସୁଜାତା, ଆରତି ଆଦି ଚଳଚ୍ଚିତ୍ରରେ ତାଙ୍କ ଅଭିନୟ ଦର୍ଶକଙ୍କ ମନ ଛୁଇଁଥିଲା। ଟିଭି ଶୋ' ସୋନପରି, ଜିନା ଇସିକା ନାମ ହୈ ଆଦିରେ ମଧ ଶଶିକଳା ଅଭିନୟ କରିଛନ୍ତି। ଫିଲ୍ମ ଜଗତକୁ ଅବଦାନ ପାଇଁ ୨୦୦୭ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୯ରେ ସେ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ସହ ଭି ଶାନ୍ତାରାମ ଆୱାର୍ଡ ହାସଲ କରିଥିଲେ।

# ନିୟନ୍ତ୍ରଣ ବାହାରେ ସଂକ୍ରମଣ

**ନୂଆଦିଲ୍ଲୀ, ୪।୪**

- ଦିନକରେ ୯୩,୨୪୯ ପଜିଟିଭ୍
- ୮ ରାଜ୍ୟରେ ୮୦% ମାମଲା
- ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ
- ଲକ୍‌ଡାଉନ ଲାଗୁ ନ କରିବାକୁ ଡାକ୍ତର ଫୋରମ୍‌ର ଅନୁରୋଧ

କରୋନାର ଦ୍ୱିତୀୟ ଲହର ସଂକ୍ରମଣ ପୂର୍ବାପେକ୍ଷା ଦ୍ରୁତ ବେଗରେ ମାଡ଼ିଚାଲିଛି। ୮ଟି ରାଜ୍ୟରେ ସ୍ଥିତି ନିୟନ୍ତ୍ରଣ ବାହାରେ। ଗତ ୨୪ ଘଣ୍ଟାରେ ଦେଶରେ ୯୩,୨୪୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫୧୩ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମଣ ୧.୨୪ କୋଟିରେ ପହଞ୍ଚିଛି। ନୂଆ ସଂକ୍ରମଣର ୮୦.୯୬ ପ୍ରତିଶତ ୮ଟି ରାଜ୍ୟରେ ଦେଖିବାକୁ ମିଳିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, ଛତିଶଗଡ଼, କର୍ନାଟକ, ଦିଲ୍ଲୀ, ତାମିଲନାଡୁ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ଗୁଜରାଟ। ଦେଶରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୬,୯୧,୫୯୭ରେ ପହଞ୍ଚିଛି, ଯାହା ମୋଟ ସଂକ୍ରମଣର ୫.୫୪ ପ୍ରତିଶତ। କେବଳ ମହାରାଷ୍ଟ୍ରରେ ୫୮.୧୯ ପ୍ରତିଶତ ମାମଲା ରହିଛି। ସେଠାରେ ଦିନକରେ ୪୯,୪୪୭ ଜଣ ସଂକ୍ରମିତ ହୋଇଥିବାବେଳେ ଛତିଶଗଡ଼ରେ ୫,୮୧୮ ଏବଂ କର୍ନାଟକରେ ୪.୩୭୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କରୋନା ମୃତ୍ୟୁରେ ମଧ ମହାରାଷ୍ଟ୍ର ସର୍ବାଗ୍ରେ ରହିଛି। ଏଠାରେ ଦିନକରେ ୨୭୭ ଜଣଙ୍କ ମୃତ୍ୟୁ ଘଟିଛି।

ଦେଶରେ କରୋନା ସ୍ଥିତି ଉଦ୍‌ବେଗଜନକ ହୋଇଥିବାବେଳେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିବା ସହ ଟିକାକରଣର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ମହାମାରୀର ମୁକାବିଲା ଲାଗି ଗୋଷ୍ଠୀ ସଚେତନତା ଓ ଏହାର ସମ୍ପୃକ୍ତି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଂକ୍ରମଣ ଅତ୍ୟଧିକ ବୃଦ୍ଧି ଲାଗି ସରକାର ୩ଟି କାରଣକୁ ଦାୟୀ କରିଛନ୍ତି। କୋଭିଡ୍ ସତର୍କତା ନିୟମ ଠିକ୍ ଭାବେ ପାଳନ ନ କରିବା, ମହାମାରୀ ଜନିତ ଥକାପଣ ଏବଂ କଣ୍ଟେନମେଣ୍ଟ ନିୟମ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ନ ହେବା ଯୋଗୁ ସଂକ୍ରମଣ ବଢୁଥିବା କୁହାଯାଇଛି। ଅତ୍ୟଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର, ପଞ୍ଜାବ ଓ ଛତିଶଗଡ଼କୁ କେନ୍ଦ୍ରୀୟ ଟିମ୍ ପଠାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବୈଠକରେ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ସଚିବଙ୍କ ସମେତ ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ସଂକ୍ରମଣ ବଢୁଥିବାରୁ ସୁରକ୍ଷା ପଦକ୍ଷେପଗୁଡ଼ିକ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ।

ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ତୁରନ୍ତ ହଟ୍‌ସ୍ପଟ ଅଞ୍ଚଳରେ କଣ୍ଟେନମେଣ୍ଟ, ମାଇକ୍ରୋ ଲକ୍‌ଡାଉନ ଲାଗୁ କରିବା ସହ ଟେଷ୍ଟିଂ, ଟ୍ରେସିଂ ଏବଂ ଆଇସୋଲେଶନକୁ ଜୋର୍‌ଦାର କରିବା ଲାଗି ଦିଲ୍ଲୀ ଏମ୍ସ ମୁଖ୍ୟ ତଥା ସରକାରଙ୍କ କୋଭିଡ୍ ଟାସ୍କଫୋର୍ସର ପ୍ରମୁଖ ସଦସ୍ୟ ଡ. ରଣଦୀପ ଗୁଲେରିଆ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଦେଶରେ ଲକ୍‌ଡାଉନ ଲାଗୁ ନ କରିବାକୁ ବୈଜ୍ଞାନିକ ଓ ଡାକ୍ତରମାନଙ୍କ ଫୋରମ୍ ସରକାରଙ୍କୁ ଅନୁରୋଧ କରିଛି। ଲକ୍‌ଡାଉନ୍ ଓ ଅନ୍ୟାନ୍ୟ କଟକଣା ଗରିବ ଲୋକମାନଙ୍କ ପାଇଁ କ୍ଷତିକାରକ ହୋଇପାରେ ବୋଲି ସେମାନେ କହିଛନ୍ତି। ଏହା ବଦଳରେ ସ୍ୱାସ୍ଥ୍ୟସେବା ବଢ଼ାଇବା, ହସ୍ପିଟାଲ ଓ ବେଡ୍ ସଂଖ୍ୟା ବୃଦ୍ଧି କରିବା ସହ ଅଧିକ ମାନବ ସମ୍ବଳକୁ ସ୍ୱାସ୍ଥ୍ୟସେବାରେ ନିୟୋଜିତ କରିବା ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି।

ଗୋଟିଏ ପଟେ ବିଶାଳ ରାଜନୈତିକ ରାଲିର ଆୟୋଜନ ସହ ବିଭିନ୍ନ ସ୍ଥାନରେ ଧର୍ମୀୟ ସମାବେଶ କରାଯାଉଛି। ଅନ୍ୟପଟେ ଲକ୍‌ଡାଉନ ଲାଗୁ କରିବାର ଚେତାବନୀ ଦିଆଯାଉଛି। ଏହା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏଥିରୁ ଉଦ୍ଦେଶ୍ୟର ଗମ୍ଭୀରତା ଜଣାପଡୁନାହିଁ ବୋଲି ପ୍ରୋଗେସିଭ୍ ମେଡିକୋଜ୍ ଆଣ୍ଡ ସାଇଣ୍ଟିଷ୍ଟ ଫୋରମ୍‌ର ଅଧ୍ୟକ୍ଷ ଡ. ହର୍‌ଜିତ ସିଂ ଭଟ୍ଟି କହିଛନ୍ତି। ତେଣୁ ଉପଯୁକ୍ତ ବିଜ୍ଞାନସମ୍ମତ ନୀତି ଜରିଆରେ କରୋନା ଚିକିତ୍ସା ଓ ଟିକାକରଣ କରିବାକୁ ଫୋରମ୍ ପରାମର୍ଶ ଦେଇଛି। ସାମାଜିକ-ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କୁ ମାଗଣା ଟିକା ଦେବା ଲାଗି ଫୋରମ୍ କହିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଠିକା ପଦବୀ ଉଚ୍ଛେଦ କରି ସବୁ କର୍ମଚାରୀଙ୍କୁ ନିୟମିତ କରିବା ଏବଂ ଦେଶରେ ସ୍ୱାସ୍ଥ୍ୟସେବାର ଘରୋଇକରଣକୁ ବନ୍ଦ କରିବା ଉପରେ ଭଟ୍ଟି ଜୋର୍ ଦେଇଛନ୍ତି।

## ମହାରାଷ୍ଟ୍ରରେ ନାଇଟ୍ କର୍ଫ୍ୟୁ, ସପ୍ତାହାନ୍ତ ଲକ୍‌ଡାଉନ




**ମୁମ୍ବାଇ, ୪।୪**

ମହାରାଷ୍ଟ୍ରରେ କରୋନା ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ନାଇଟ କର୍ଫ୍ୟୁ ଲାଗୁ କରିବା ସହ ସପ୍ତାହାନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ସୋମବାରଠାରୁ ରାତି ୮ରୁ ସକାଳ ୭ଟା ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ଜାରି ରହିବ। ଏଥିସହିତ ଶୁକ୍ରବାର ରାତି ୮ରୁ ସୋମବାର ସକାଳ ୭ଟା ପର୍ଯ୍ୟନ୍ତ ସାରା ରାଜ୍ୟ ସମ୍ପୂର୍ଣ୍ଣ ଲକ୍‌ଡାଉନ ରହିବ। ରବିବାର ମହାରାଷ୍ଟ୍ର କ୍ୟାବିନେଟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୩୦ ଯାଏ ଗାଇଡ୍‌ଲାଇନ କଡ଼ାକଡ଼ି ଲାଗୁ ହେବ। ନାଇଟ କର୍ଫ୍ୟୁ ବେଳେ କେବଳ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଲୋକଙ୍କୁ ଯାତାୟାତ ଅନୁମତି ମିଳିବ। ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ କେବଳ ଖାଦ୍ୟ ପାର୍ସଲ ବିକ୍ରି କରିପାରିବେ। ସେଠାରେ ଖାଇବା ପାଇଁ ଅନୁମତି ମିଳିବ ନାହିଁ। ଥିଏଟର, ପାର୍କ ଆଦି ବନ୍ଦ ରହିବ। ଏହା ସର୍ବସମ୍ମତ ନିଷ୍ପତ୍ତି। ଗାଇଡ୍‌ଲାଇନକୁ ସମସ୍ତେ ପାଳନ କରିବା ଲାଗି ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ନୱାବ ମଲିକ କହିଛନ୍ତି। ଦେଶରେ ମୋଟ ନୂଆ ସଂକ୍ରମଣର ଅର୍ଦ୍ଧାଧିକ କେବଳ ମହାରାଷ୍ଟ୍ରରେ। ଶନିବାର ମହାରାଷ୍ଟ୍ରରୁ ୪୯,୪୪୭ ପଜିଟିଭ୍ ଚିହ୍ନଟ ହୋଇଥିଲେ ଓ ୨୭୭ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଭୂସ୍ଖଳନ, ବନ୍ୟାରେ ୪୪ ମୃତ



**ଜାକର୍ତ୍ତା, ୪।୪**

ଇଣ୍ଡୋନେସିଆର ପୂର୍ବ ଭାଗରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ଓ ବନ୍ୟା ଆସି ୪୪ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକେ ନିଖୋଜ ହୋଇଯାଇଛନ୍ତି। ହଜାର ହଜାର ଲୋକଙ୍କୁ ବିସ୍ଥାପନ କରାଯାଇଥିବା ବିପର୍ଯ୍ୟୟ ରିଲିଫ ସଂସ୍ଥା ପକ୍ଷରୁ କୁହାଯାଇଛି। ଇଷ୍ଟ ନୁସା ଟେଙ୍ଗାରା ପ୍ରଦେଶର ଫ୍ଲୋର୍‌ସ ଆଇଲାଣ୍ଡରେ ଭୂସ୍ଖଳନ ଘଟିଛି। ରାତି ଅଧରେ ପାହାଡ଼ ଘେରା ଲାମେନେଲେ ଗ୍ରାମକୁ ମାଟି ଅତଡ଼ା ମାଡିଆସିବାରୁ ଅନେକ ଘର ଭୁଶୁଡ଼ି ପଡ଼ିଛି।

## ୫୦ ବର୍ଷ ପରେ ମିଳିଲା ପ୍ରଥମ ପ୍ରେମ

### ଭାଇରାଲ ଲଭ୍ ଷ୍ଟୋରି



**ଜୟପୁର, ୪।୪:** ପ୍ରେମ ପାଇଁ ଫରକ୍ ପକାଇପାରେନି ବୟସ, ଯାହାର ପ୍ରମାଣ ଦେଖିବାକୁ ମିଳିଛି ରାଜସ୍ଥାନ ଜୈସାଲମୈରସ୍ଥିତ କୁଲଧାରା ଗ୍ରାମର ଚୌକିଦାର ଦରୱାନ ସିଂଙ୍କ କ୍ଷେତ୍ରରେ। ୫୦ ବର୍ଷ ପରେ ଜୀବନର ପ୍ରଥମ ପ୍ରେମ ତାଙ୍କୁ ମିଳିବା ପରେ ଏବେ ତାହା ସୋସିଆଲ ମିଡିଆରେ ଭାଇରାଲ ଲଭ୍ ଷ୍ଟୋରି ପାଲଟିଛି। ୮୨ ବର୍ଷୀୟ ଦରୱାନ ସିଂଙ୍କୁ ୩୦ ବର୍ଷ ହୋଇଥିବାବେଳେ ଅଷ୍ଟ୍ରେଲିଆରୁ ମାରିନା ନାମକ ଯୁବତୀ ଜୈସାଲମୈରକୁ ଟ୍ରିପ୍‌ରେ ଆସିଥିଲେ। ପ୍ରଥମ ଦେଖାରେ ହିଁ ଉଭୟେ ପ୍ରେମରେ ପଡ଼ିଥିଲେ। ଫେରିଯିବା ପୂର୍ବରୁ ମାରିନା ନିଜ ମନ କଥା ତାଙ୍କୁ କହିଦେଇଥିଲେ। କିଛି ଦିନର ଚିଠି ଦିଆନିଆ ପରେ ୩୦ ହଜାର ଟଙ୍କା ଲୋନ୍ ନେଇ ଅଷ୍ଟ୍ରେଲିଆରେ ମାରିନାଙ୍କ ପାଖରେ ପହଞ୍ଚିଯାଇଥିଲେ ଦରୱାନ। ସେଠାରେ ୩ ମାସର ରହଣି ମଧ୍ୟରେ ମାରିନା ଦେଇଥିଲେ ବିବାହ ପ୍ରସ୍ତାବ। କିନ୍ତୁ ଘର ପରିବାର ଛାଡ଼ି ଅଷ୍ଟ୍ରେଲିଆରେ ବାସ କରିବା ଦରୱାନଙ୍କ ପକ୍ଷରେ ସହଜ ହୋଇ ନ ଥିଲା। ଫଳରେ ସେଠାରୁ ଫେରି ଦରୱାନ ବିବାହ କରିଥିଲେ। ତାଙ୍କର ୨ ପୁଅ ଥିବାବେଳେ ଦୁଇ ବର୍ଷ ପୂର୍ବେ ସ୍ତ୍ରୀଙ୍କ ମୃତ୍ୟୁ ଘଟିସାରିଛି। ହେଲେ ୮୨ ବର୍ଷ ବୟସରେ ବି ଜୀବନ ଆଶ୍ଚର୍ଯ୍ୟ କଲା ଭଳି ଉପହାର ଦେବ ସେ କଥା ସେ ଭାବି ନ ଥିଲେ। କିଛି ଦିନ ତଳେ ହଠାତ୍ ମାରିନାଙ୍କ ଏକ ଚିଠି ଆସି ପହଞ୍ଚିଥିଲା ଦରୱାନଙ୍କ ନିକଟରେ। ମାରିନା ଅବିବାହିତ ଥିବା ସେ ଜାଣିବାକୁ ପାଇଥିଲେ। ଏହା ପରଠାରୁ ଉଭୟଙ୍କ ପ୍ରେମ କାହାଣୀର ମାଧ୍ୟମ ପାଲଟିଛି ଫୋନ୍। ଖୁବ୍‌ଶୀଘ୍ର ମାରିନା ଭାରତ ଆସୁଛନ୍ତି ବୋଲି ଜାଣିବା ପରେ ସେ ନିଜକୁ ଜଣେ ୨୧ ବର୍ଷୀୟ ଯୁବକ ବୋଲି ମନେ କରୁଥିବା ଦରୱାନ କହିଛନ୍ତି।

## ମମତାଙ୍କ ଭୋଟ୍ ଜାଲିଆତି ଅଭିଯୋଗ ଖାରଜ

**ନୂଆଦିଲ୍ଲୀ, ୪।୪**




ନନ୍ଦିଗ୍ରାମର ବୋୟାଲ ଭୋଟଗ୍ରହଣ କେନ୍ଦ୍ରରେ ବାହାର ଲୋକମାନେ ପଶି ବୁଥ୍ ଜବରଦଖଲ କରିବା ସହ ଭୋଟ ଜାଲିଆତି କରିଥିଲେ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ବାସ୍ତବରେ ଭୁଲ୍ ବୋଲି କହି ନିର୍ବାଚନ କମିଶନ ରବିବାର ଏହାକୁ ଖାରଜ କରିଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀଙ୍କ ଅଭିଯୋଗ ପଛରେ କୌଣସି ପ୍ରମାଣ ନାହିଁ। ଏପ୍ରିଲ ୧ରେ ନନ୍ଦିଗ୍ରାମରେ ଭୋଟଗ୍ରହଣ ହୋଇଥିବାବେଳେ ବୋୟାଲ ବୁଥ୍ ନଂ.୭ ବାହାରେ ଟିଏମସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ମମତା ଉକ୍ତ ବୁଥ୍ ବାହାରେ ଡେରା ପକାଇଥିଲେ ଓ ବାହାର ଲୋକେ ଭୋଟ ଜାଲିଆତି କରିଥିବା ଅଭିଯୋଗ ଆଣିଥିଲେ।

# ୪ ରାଜ୍ୟରେ ପ୍ରଚାର ଶେଷ

### ପଶ୍ଚିମବଙ୍ଗରେ ୩ୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ସରିଲା

**ନୂଆଦିଲ୍ଲୀ, ୪।୪**

ଆସନ୍ତା ମଙ୍ଗଳବାର ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ରବିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ସେହିପରି ଆସାମରେ ତୃତୀୟ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ସରିଥିବାବେଳେ ପଶ୍ଚିମବଙ୍ଗରେ ୩ୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରଚାର ଶେଷ ହୋଇଛି। ତାମିଲନାଡୁର କନ୍ୟାକୁମାରୀ ଏବଂ କେରଳର ମାଲାପୁରମ୍ ଲୋକ ସଭା ଆସନ ଲାଗି ଉପନିର୍ବାଚନ ମଧ୍ୟ ମଙ୍ଗଳବାର ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟରେ ଆସାମର ୪୦ ଏବଂ ପଶ୍ଚିମବଙ୍ଗର ୩୧ ଆସନରେ ମତଦାନ ହେବାକୁ ଯାଉଛି। ସେହିଦିନ ତାମିଲନାଡୁର ୨୩୪ ଆସନ, କେରଳର ୧୪୦ ଏବଂ ପୁଡୁଚେରୀର ୩୦ ଆସନରେ ଭୋଟଗ୍ରହଣ କରାଯିବ।



ଏମ୍‌ଏନ୍‌ଏମ୍ ଅଧ୍ୟକ୍ଷ କମଲ ହାସନଙ୍କ ପାଇଁ ତାଙ୍କ ପରିବାର ସଦସ୍ୟ ପ୍ରଚାର କରୁଛନ୍ତି।

ଆସାମରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ସମସ୍ତ ରାଜନୈତିକ ଦଳ ପକ୍ଷରୁ ଶେଷ ଉଦ୍ୟମ କରାଯାଇଛି। ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ରାଜ୍ୟ ଭାଜପା ସଭାପତି ରଣଜିତ କୁମାର ଦାସ ଏବଂ ମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବିଭିନ୍ନ ସ୍ଥାନରେ ଏନ୍‌ଡିଏ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି ଆସାମ ଜାତୀୟ ପରିଷଦ ଅଧ୍ୟକ୍ଷ ଲୁରିନ୍‌ଜ୍ୟୋତି ଗୋଗୋଇ, ଏଆଇୟୁଡିଏଫ୍ ସଭାପତି ବଦ୍‌ରୁଦ୍ଦିନ ଅଜମଲ ଏବଂ ବରିଷ୍ଠ କଂଗ୍ରେସ ନେତାମାନେ ବିଭିନ୍ନ ସ୍ଥାନରେ ରାଲି କରିଥିଲେ।

କେରଳରେ ୩ ପ୍ରମୁଖ ମେଣ୍ଟ ଶେଷ ଦିନରେ ଜୋର୍‌ଦାର ପ୍ରଚାର କରିଥିଲେ। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଏଲ୍‌ଡିଏଫ୍‌ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ରାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ମଙ୍ଗଳବାର ନିର୍ବାଚନ ପାଇଁ ୬୦ ହଜାର ସୁରକ୍ଷା ଯବାନଙ୍କୁ ନିୟୋଜିତ କରାଯାଇଛି। ପଶ୍ଚିମବଙ୍ଗରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟରେ ୧୨୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ଏଥିପାଇଁ ଭାଜପା, ତୃଣମୂଳ କଂଗ୍ରେସ ଏବଂ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ସ୍ଥାନରେ ନିର୍ବାଚନୀ ରାଲିର ଆୟୋଜନ କରାଯାଇଥିଲା। ହୁଗ୍ଲି, ହାଓଡା ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ୩୧ ଆସନରେ ମଙ୍ଗଳବାର ମତଦାନ ହେବ। ତାମିଲନାଡୁରେ ସବୁ ଦଳର ନେତା ଶେଷ ଦିନରେ ଜୋର୍‌ଦାର ପ୍ରଚାର କରିଛନ୍ତି। ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳର କେତେକ ସ୍ଥାନରେ ୧୪୪ ଧାରା ଜାରି ହୋଇଥିବାରୁ ନେତା ଓ ପ୍ରାର୍ଥୀମାନେ ଘରକୁ ଘର ଯାଇ ପ୍ରଚାର କରିଥିଲେ।

## ସଂକ୍ଷେପରେ

### ଦଶ ହଜାର ନିଯୁକ୍ତି ଦେବ ଟେସ୍‌ଲା

**ନୂଆଦିଲ୍ଲୀ,୪।୪:** ବିଶ୍ୱର ପ୍ରମୁଖ କମ୍ପାନୀ ଟେସ୍‌ଲା ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦେବ। କମ୍ପାନୀର ସିଇଓ ଏଲନ ମସ୍କ ରବିବାର ଟୁଇଟର ଯୋଗେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଆଗାମୀ ୨୦୨୨ ମଧ୍ୟରେ ଏଭଳି ନିଯୁକ୍ତି ଦିଆଯିବ। ସବୁଠାରୁ ବଡ କଥା ହେଲା ଯେ ତାଙ୍କ କମ୍ପାନୀ ବିଶେଷ କରି ଅଷ୍ଟିନୀ ଗିଗା ଟେକ୍ସାସରେ କାମ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କର କୌଣସି ବୃହତ୍ତ ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା କିମ୍ବା କଲେଜ ଡିଗ୍ରୀ ଦରକାର ନାହିଁ। ଏ ସମ୍ପର୍କରେ କମ୍ପାନୀର ନିଯୁକ୍ତି ପରିଚାଳକ କ୍ରିସ ରେଲୀ କହିଛନ୍ତି, ପାଠପଢ଼ା ଜାରି ରଖିଥିବା ଛାତ୍ରଛାତ୍ର ଟେସ୍‌ଲା କାମ କରିବାକୁ ଚାହୁଁଥିଲେ ସେମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରାଯିବ।

### ଜିଏସ୍‌ଟିଦାତାଙ୍କ ଲାଗି ନିୟମ କୋହଳ

**ନୂଆଦିଲ୍ଲୀ,୪।୪:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ତ୍ରୈମାସିକ ରିଟର୍ନ ଫାଇଲିଂ ଏବଂ ମାସିକ ଟିକସ ପ୍ରଦାନ (କ୍ୟୁଆର୍‌ଏମ୍‌ପି) ଯୋଜନାରେ ସରକାର ଟିକସ ଦାତାଙ୍କ ଲାଗି ନିୟମକୁ ପୁଣି କୋହଳ କରିଛନ୍ତି। ଟିକସଦାତାମାନେ ସେମାନଙ୍କ ସାମଗ୍ରୀ ଓ ସେବାର ପରିବହନ ସଂକ୍ରାନ୍ତ ଇନଭଏସକୁ ତ୍ରୈମାସ ରିଟର୍ନ ଫାଇଲ ବେଳେ ସେହି ତ୍ରୈମାସର ଶେଷ ମାସରେ କରିପାରିବେ। ଏ ନେଇ ସାମଗ୍ରୀ ଓ ସେବା ନେଟୱର୍କ(ଜିଏସ୍‌ଟିଏନ୍) ପକ୍ଷରୁ ଏକ ଆଡ୍‌ଭାଇଜରୀ ଜାରି କରାଯାଇଛି।

# ବ୍ୟାଙ୍କ ଉପରେ ପଡ଼ିପାରେ ୨ ହଜାର କୋଟିର ବୋଝ

## ସୁପ୍ରିମକୋର୍ଟଙ୍କ ସୁଧଛାଡ଼ ନିଷ୍ପତ୍ତି



**ନୂଆଦିଲ୍ଲୀ,୪।୪**

୨୦୨୦ ମାର୍ଚ୍ଚଠାରୁ ଅଗଷ୍ଟ ଯାଏ ସରକାର ବ୍ୟାଙ୍କ ଋଣ ଉପରେ ମୋରାଟୋରିୟମ ଘୋଷଣା କରିଥିଲେ। ଏହି ସମୟରେ କ୍ଷୁଦ୍ର ଋଣ ଉପରେ ଚକ୍ରବୃଦ୍ଧି ସୁଧ ଛାଡ଼ କରିବା ଲାଗି ନିକଟରେ ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଏହାଦ୍ୱାରା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ପ୍ରାୟ ୧୮ ଶହ କୋଟି ଟଙ୍କାରୁ ୨ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୋଝ ପଡିପାରେ ବୋଲି ଆକଳନରୁ ଜଣାପଡିଛି। ଗତବର୍ଷ ନଭେମ୍ବରରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ଛାଡ କରିବା ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାର ପରିସର ରହିଥିଲା। ଋଣ ମୋରାଟୋରିୟମ ଲାଗି ଚକ୍ରବୃଦ୍ଧି ସୁଧ ସହାୟତା ଯୋଜନା ଲାଗି ସରକାରଙ୍କୁ ୨୦୨୦-୨୧ରେ ୫,୫୦୦କୋଟି ଟଙ୍କା ପଡ଼ିବ। ଏହା ମଧ୍ୟରେ ସମସ୍ତ ଋଣ ଗ୍ରହୀତା ରହିଛନ୍ତି। ସେହିଭଳି ଯେଉଁମାନେ ମୋରାଟୋରିୟମ ନେଇ ନାହାନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଯୋଜନାକୁ ମଧ୍ୟ ଲାଗୁ କରାଇବା ଲାଗି ଯୋଜନା ରହିଥିଲା। ବ୍ୟାଙ୍କିଙ୍ଗ ଶିଳ୍ପର ଜଣେ ଅଧିକାରୀଙ୍କ ମୁତାବକ, ପ୍ରାୟ ୬୦% ଋଣ ଗ୍ରହୀତା ଋଣ ମୋରାଟୋରିୟମ ଗ୍ରହଣ କରିଥିଲେ। ଲକ୍‌ଡାଉନ ଉଠିବା ପରେ ଋଣ ଆଦାୟ ଉନ୍ନତ ହେବାରୁ ଏହା ୪୦%କୁ ଖସିଛି। କର୍ପୋରେଟଗୁଡିକୁ ବିଚାର କଲେ ଏହା ପ୍ରାୟ ୨୫% ରହିବ। ଯେଉଁ ଗ୍ରାହକ ମୋରାଟୋରିୟମ ଗ୍ରହଣ କରିଥିବେ ସେମାନଙ୍କ ଚକ୍ରବୃଦ୍ଧି ସୁଧ ବ୍ୟାଙ୍କ ବହନ କରିବେ। ଯଦି ଜଣେ ୩ ମାସର ମୋରାଟୋରିୟମ ଗ୍ରହଣ କରିଥାନ୍ତି ତେବେ ଏହି ଅବଧି ଲାଗି ବ୍ୟାଙ୍କ ଉକ୍ତ ଛାଡ ସୁବିଧା ପ୍ରଦାନ କରିବେ। ଉଲ୍ଲେଖଯୋଗ୍ୟ, ମହାମାରୀ ପାଇଁ ରିଜର୍ଭ ବ୍ୟାଙ୍କ ୨୦୨୦ ମାର୍ଚ୍ଚ ପହିଲାରୁ ମେ ପହିଲା ଯାଏ ମୋରାଟୋରିୟମ ଅବଧି ପ୍ରଦାନ କରିଥିଲା। ଏହାକୁ ପରେ ଅଗଷ୍ଟ ମାସ ଯାଏ ବୃଦ୍ଧି କରାଯାଇଥିଲା।

# ବଜାରରେ ବ୍ରିଲିଆଣ୍ଟର ନୂଆ ପ୍ରଡକ୍ଟ




**ଭୁବନେଶ୍ୱର,୪।୪**

ଓଡ଼ିଶାଭିତ୍ତିକ କମ୍ପାନୀ ବ୍ରିଲିଆଣ୍ଟ ରାଇଜ ପ୍ରାଇଭେଟ ଲିମିଟେଡ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଏହାର ନୂତନ ପ୍ରଡକ୍ଟଗୁଡିକର ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଡକ୍ଟର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଜଣେ ଓଡିଆ ପୁଅ ଓଡିଶା ବଜାରରେ ନିଜର ବ୍ୟବସାୟକୁ ଆଗକୁ ନେବା ସହ ସ୍ଥାନୀୟ ପିଲାଙ୍କୁ ରୋଜଗାର ଦେବା ସବୁଠାରୁ ବଡ କଥା। ଚାକିରି ପଛରେ ନ ଗୋଡାଇ ନିଜେ ସ୍ୱାବଲମ୍ବୀ ହେବା ସହିତ ସଂସ୍ଥାର ଅଭିବୃଦ୍ଧି ଲାଗି କାମ କରିବା ଉପରେ ଜେନା ଗୁରୁତ୍ୱାରୋପ କରିଥିଲେ। କମ୍ପାନୀର ଏମ୍‌ଡି ରାଜେନ୍ଦ୍ର କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର କାରବାର ଓ ସଂଘର୍ଷ (ଯାତ୍ରା) ବିଷୟରେ ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା କମ୍ପାନୀର ୪ଟି ନୂତନ ବର୍ଗର ଧୂପ କାଠି (ଡାଇମଣ୍ଡ, ଗୁଡ୍‌ମର୍ଣ୍ଣିଂ,ସୁଗନ୍ଧୀ ଓ ରାଜ) ଏବଂ ସନଫ୍ଲାୱାର ଖାଇବା ତେଲର ବଜାର ପ୍ରବେଶ କରାଯାଇଥିଲା। କମ୍ପାନୀ ଗତ ୭ ବର୍ଷ ମଧ୍ୟରେ ଓଡିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ ଭଳି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଧୂପ, ମଶାଧୂପ ଏବଂ ବାଣିଜ୍ୟିକ ମ୍ୟାଚବକ୍ସ ଭଳି ସାମଗ୍ରୀ ଉପଲବ୍ଧ କରାଉଛି। ସଂସ୍ଥା ବର୍ତ୍ତମାନ ସମୟରେ ପ୍ରାୟ ୨୫୦ ଡିଷ୍ଟ୍ରିବ୍ୟୁଟର ଓ ଷ୍ଟକିଷ୍ଟମାନଙ୍କ ଜରିଆରେ କାରବାର କରୁଥିବା କମ୍ପାନୀର ନିର୍ଦ୍ଦେଶିକା ପ୍ରଭାତୀ ମହାନ୍ତି ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଡିଲର ପର୍ଯ୍ୟନ୍ତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବ୍ୟବସାୟୀ ଓ ସାମାଜିକ କର୍ମୀ ଶ୍ରୀଧର ଜେନା, ଦିଲୀପ ଜେନା, ଭରତ ଲେଙ୍କା, ପ୍ରମୋଦ ମହାପାତ୍ର, ମିଳନ ପାଇକରାୟ, ଅର୍ଜ୍ଜୁନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# କେୟର୍ନଠାରୁ ଟିକସ ଅସୁଲ କରିବେ ସରକାର

**ନୂଆଦିଲ୍ଲୀ, ୪।୪**

ବେଦାନ୍ତର କେୟର୍ନ ଅଏଲ ଆଣ୍ଡ ଗ୍ୟାସ କମ୍ପାନୀଠାରୁ ଭାରତ ସରକାର ଟିକସ ଅସୁଲ କରିବେ। ଏ ଦିଗରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ବର୍ତ୍ତମାନ ପ୍ରସ୍ତୁତ ହେଉଛି। ରାଜସ୍ଥାନର ତୈଳ ଏବଂ ବାଷ୍ପ ବ୍ଲକରୁ କମ୍ପାନୀ ଲାଭ କରିଥିବା ଉଚ୍ଚ ପରିମାଣର ଲାଭ ବାବଦକୁ ସରକାରଙ୍କୁ ଟିକସ ଦେବାକୁ ହେବ ବୋଲି ଦିଲ୍ଲୀ ହାଇକୋର୍ଟ ନିକଟରେ ହୋଇଥିବା ଶୁଣାଣିରେ କହିଛନ୍ତି। କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ଯେତେ ଅବଧିର ଲାଇସେନ୍ସ ପାଇଥିଲା ତା'ର ଅବଧି ବଢିବାରୁ ଲାଭବାନ ହୋଇଛି। ଏଣୁ ବିଭିନ୍ନ ଦିଗକୁ ବିଚାର କରି ସରକାର ଏହି କମ୍ପାନୀଠାରୁ ଟିକସ ଆଦାୟ କରିବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କମ୍ପାନୀ ଏହାର ବାର୍ମର ବେସିନ ଲାଗି ୨୫ ବର୍ଷ ପାଇଁ




ଲାଇସେନ୍ସ ଲାଭ କରିଥିଲା। ୨୦୨୦ ମେ ୧୫ରେ ଏହାର ଅବଧି ଶେଷ ହୋଇଛି। ଏ କ୍ଷେତ୍ରରେ କମ୍ପାନୀକୁ ୮ ଥର ଅନ୍ତରୀଣ ଲାଇସେନ୍ସ ଅବଧି ବଢାଯାଇଛି ବୋଲି ଅଧିକାରୀ ଜଣକ ନାମ ଗୋପନ ରଖି ଏହା କହିଛନ୍ତି। ଏହି କମ୍ପାନୀକୁ ଭାରତ ରିକଭରି ନୋଟିସ ଜାରି କରିବେ ବୋଲି ଜଣାପଡିଛି। କାରଣ ଦିଲ୍ଲୀ ହାଇକୋର୍ଟ ସରକାରଙ୍କ ନୀତିକୁ ଠିକ୍ ଭାବେ କହିଛନ୍ତି।

# ୧୨୮୫ କୋଟିର ବ୍ୟାଙ୍କ ଠକେଇ

**ନୂଆଦିଲ୍ଲୀ,୪।୪:** ବ୍ୟାଙ୍କଗୁଡିକୁ ପ୍ରାୟ ୧୨୮୫.୪୫ କୋଟି ଟଙ୍କାର ଠକେଇ ଘଟଣା ସାମ୍ନାକୁ ଆସିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ ବିରୋଧରେ ମାମଲା ରୁଜୁ ହୋଇଛି। ଏହି କମ୍ପାନୀର ଜନୈକ ନିର୍ଦ୍ଦେଶକ ୬୭୮.୮୯ କୋଟି ଟଙ୍କାର




ଫାଇନାନ୍ସିଆଲ କ୍ରେଡିଟ ଲିମିଟ ଲାଭ କରିଛନ୍ତି। ଏହାବାଦ ୫୦ କୋଟି ଟଙ୍କାର ଏନ୍‌ଏଫ୍‌ବିଏଲ୍ ମଧ୍ୟ ଏହି କମ୍ପାନୀ ହାତେଇଛି। ବ୍ୟାଙ୍କ ଅଫ ବରୋଦା ନେତୃତ୍ୱାଧୀନ କନସୋର୍ଟିୟମଠାରୁ ୨୦୦୯ରୁ ୨୦୧୫ ମଧ୍ୟରେ ଏଭଳି ଋଣ ଠକେଇ କରାଯାଇଛି। କମ୍ପାନୀ ପ୍ରକଳ୍ପ କାର୍ଯ୍ୟ ସମୟରେ ବିଭିନ୍ନ ଜାଲ କାରବାର ଏବଂ ଅର୍ଥ ନେଣଦେଣର ଅଭିଯୋଗ ମଧ୍ୟ ଆସିଛି। ୨୦୧୫ ଡିସେମ୍ବରରେ ବ୍ୟାଙ୍କ ପ୍ରଦାନ କରିଥିବା ଋଣ ଏନ୍‌ପିଏ ହୋଇଯାଇଥିଲା ଏବଂ କମ୍ପାନୀ ଉପରେ ମୋଟ ୧୨୮୫ କୋଟି ଟଙ୍କାର ବକେୟା ରହିଥିଲା। ମାମଲା ବିଚାରକୁ ନେଇ ସିବିଆଇ ହାଇଦ୍ରାବାଦ ସମେତ ନୂଆଦିଲ୍ଲୀ ଭଳି ସ୍ଥାନଗୁଡିକରେ ଚଢାଉ କରିଛି। ଏହାର ତଦନ୍ତ ଜାରି ରହିଛି।

# ରେପୋ ରେଟ୍ ଅପରିବର୍ତ୍ତିତ ରହିପାରେ

**ମୁମ୍ବାଇ,୪।୪**

ଦେଶ ମଧ୍ୟରେ କୋଭିଡ ସଂକ୍ରମଣ ବଢିଚାଲିଛି। ଏଭଳି ସ୍ଥିତିରେ ଖୁଚୁରା ମୁଦ୍ରାସ୍ଫୀତିକୁ ୪% ସ୍ତରରେ ରଖିବା ଲାଗି ସରକାର ଆର୍‌ବିଆଇକୁ ନିର୍ଦ୍ଦେଶ ଦେଇଛି। ସୋମବାର ଠାରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହା ୭ ତାରିଖ ଯାଏ ଚାଲିବ। ୭ ତାରିଖରେ ସୁଧହାର ହ୍ରାସ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ହେଲେ ଚଳିତ ଥର ଆର୍‌ବିଆଇ




ରେପୋ ରେଟକୁ ଅପରିବର୍ତ୍ତିତ ରଖିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସୁଥିବା ୬ ସଦସ୍ୟ ବିଶିଷ୍ଟ କମିଟି ସୁଧହାରରେ କୌଣସି ହ୍ରାସ କରି ନ ପାରେ ବୋଲି କୁହାଯାଉଛି। ରେପୋ ରେଟ୍ କମାଇବା ଲାଗି ଠିକ୍ ସମୟକୁ ଅପେକ୍ଷା କରାଯିବ ବୋଲି ଆର୍‌ବିଆଇର ବିଶେଷଜ୍ଞ ପ୍ୟାନେଲ ଅନୁଭବ କରୁଛନ୍ତି।

ବର୍ତ୍ତମାନ ରେପୋରେଟ ୪% ସ୍ତରରେ ରହିଛି। ସେହିଭଳି ରିଭର୍ସ ରେପୋ ୩.୩୫% ସ୍ତରରେ ରହିଛି। କୋଭିଡ ମାମଲା ବଢୁଥିବାରୁ ଏହା କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଏଡେଲୱିସ ରିସର୍ଚ୍ଚର ବିଶେଷଜ୍ଞ ମତ ଦେଇଛନ୍ତି।ବର୍ତ୍ତମାନ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱଗାମୀ ରହିଛି। କୋଭିଡ ମାମଲା ବଢୁଥିବାରୁ ଏହା ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରୁଛି। ଏଣୁ ଏହାକୁ ଦେଖିଲେ ସୁଧ ହାର ହ୍ରାସ ହୋଇନ ପାରେ ବୋଲି ହାଉସିଂ ଡଟ୍ କମ୍‌ର ଗ୍ରୁପ ସିଇଓ ଧ୍ରୁବ ଅଗ୍ରୱାଲ କହିଛନ୍ତି। ବର୍ତ୍ତମାନ ଋଣ ଉପରେ ସୁଧ ହାର ଐତିହାସିକ ରେକର୍ଡ ସ୍ତରରେ ରହିଥିବାରୁ ବାଣିଜ୍ୟିକ ବ୍ୟାଙ୍କ ସୁଧହାର ହ୍ରାସ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଆଗକୁ ବଢାଇବା ଦିଗରେ କାମ କରିପାରିବେ।

## ରାଜ୍ୟ ଖବର

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କାଳିଆପାଣି,୪।୪(ଡି.ଏନ.ଏ.):** କାଳିଆପାଣି ଥାନା କଲରଙ୍ଗି ଦେହୁରି ସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ବାପ ଘର ଲୋକ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଲରଙ୍ଗି ଦେହୁରି ସାହିର ସୁଦାମ ପ୍ରଧାନଙ୍କ ସ୍ତ୍ରୀ କସ୍ତୁରୀ(୨୪) ଶନିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ସୁଦାମ କସ୍ତୁରୀଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ସୁଦାମ ଥାନାରେ ଖବର କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ଆଖିରେ ପଟି ବାନ୍ଧି ଚିହ୍ନିପାରୁଛନ୍ତି ଅକ୍ଷର

## ବିସ୍ମୟ ଭଉଣୀଭାଇଙ୍କୁ ନେଇ ଭୁବନରେ ଚର୍ଚ୍ଚା

**ଭୁବନ, ୪।୪(ଡି.ଏନ.ଏ.)**



ମା' ପ୍ରମିଳାଙ୍କ ସହ ନିବେଦିତା ଏବଂ ରଶ୍ମିରଞ୍ଜନ।

ଆଖିରେ ପଟି ବାନ୍ଧି ପଢ଼ିପାରୁଛନ୍ତି ବହି। ନିର୍ଭୁଲ ଭାବେ କହିପାରୁଛନ୍ତି ଏଟିଏମ୍ କାର୍ଡ ଉପରେ ଲେଖାଯାଇଥିବା ସଂଖ୍ୟା। ଧରିପାରୁଛନ୍ତି କ୍ୟାଚ୍। ଏଭଳି ବିସ୍ମୟ ପ୍ରତିଭାର ଅଧିକାରୀ ନିବେଦିତା ବେଜ ଏବଂ ତାଙ୍କ ଭାଇ ରଶ୍ମିରଞ୍ଜନ ବେଜଙ୍କୁ ନେଇ ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଆରମ୍ଭ ହୋଇଛି ଚର୍ଚ୍ଚା।

ଭୁବନ ଏନ୍‌ଏସି ଅନ୍ତର୍ଗତ ୩ନଂ. ୱାର୍ଡରେ ରୁହନ୍ତି ମାନସ ବେଜ, ତାଙ୍କ ସ୍ତ୍ରୀ ପ୍ରମିଳା, ଝିଅ ନିବେଦିତା ଏବଂ ପୁଅ ରଶ୍ମିରଞ୍ଜନ। କିଛିଦିନ ତଳେ ଝିଅପୁଅଙ୍କ ନିକଟରେ ଆଖି ବନ୍ଦ କରି ଜିନିଷ ଠାବ କରିବାର ବିସ୍ମୟ ପ୍ରତିଭା ସମ୍ପର୍କରେ ଜଣାପଡ଼ିଥିଲା। ତେବେ ଏହାକୁ ମାନସ ଏବଂ ପ୍ରମିଳା ଗୁରୁତ୍ୱର ସହ ନେଇ ନ ଥିଲେ। ତେବେ ସାଙ୍ଗସାଥୀଙ୍କଠାରୁ ଶୁଣିବା ପରେ ସେମାନେ ଝିଅପୁଅଙ୍କୁ ପରୀକ୍ଷା କରିଥିଲେ। ପଟି ବନ୍ଧା ଆଖିରେ ନିବେଦିତା ଏବଂ ରଶ୍ମିରଞ୍ଜନ ପାଠ୍ୟପୁସ୍ତକର ପୃଷ୍ଠାସଂଖ୍ୟା ନିର୍ଭୁଲ ଭାବେ କହିଦେଇଥିଲେ। ଆଖି ବନ୍ଦ କରି ବହି ମଧ୍ୟ ପଢ଼ିଥିଲେ, ଯାହାକୁ ନେଇ ମା'ବାପା ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ଏ ସଂକ୍ରାନ୍ତରେ ମନୋଜ କୁହନ୍ତି, ଝିଅପୁଅଙ୍କ ଆଚରଣ ସ୍ୱାଭାବିକ। ସେମାନେ ଅନ୍ୟପିଲାଙ୍କ ଭଳି ଖେଳକୁଦ କରୁଛନ୍ତି। ପାଠ ମଧ୍ୟ ପଢୁଛନ୍ତି। ପ୍ରାୟ ମାସେ ତଳେ ଝିଅ ନିବେଦିତାଙ୍କ ପାଖରେ ଏଭଳି ପ୍ରତିଭା ଦେଖିବାକୁ ମିଳିଥିଲା। ତେବେ ଏହାକୁ ସ୍ତ୍ରୀ ପ୍ରମିଳା ବିଶ୍ୱାସ କରି ନ ଥିଲେ। ଝିଅ ଆଖି ବନ୍ଦ କରି କେବଳ ଶୁଙ୍ଘି କରି ତାସର ରଙ୍ଗ କହିଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ଏହାର କିଛିଦିନ ପରେ ପୁଅ ପାଖରେ ସମାନ ପ୍ରତିଭା ଦୃଷ୍ଟିଗୋଚର ହୋଇଥିଲା। ହେଲେ କେଉଁ କାରଣରୁ ଝିଅପୁଅଙ୍କ ଭିତରେ ଏଭଳି ବିସ୍ମୟ ପ୍ରତିଭା ବିକଶିତ ହୋଇଛି ସେ ସମ୍ପର୍କରେ ଜାଣିପାରୁ ନ ଥିବା ମନୋଜ କହିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ଭୁବନ ବିନାୟକ ଇଂଲିଶ ମିଡିୟମ ସ୍କୁଲରେ ନିବେଦିତା ଚତୁର୍ଥ ଶ୍ରେଣୀ ଏବଂ ରଶ୍ମିରଞ୍ଜନ ଷ୍ଟାଣ୍ଡାର୍ଡ ୨ରେ ପଢୁଛନ୍ତି। ଉଭୟଙ୍କ ଏଭଳି ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଅଞ୍ଚଳବାସୀ ମନୋଜଙ୍କ ଘରେ ଭିଡ଼ ଜମାଉଛନ୍ତି।

# ଲୁହାପଥର ବୋଝେଇ ଟ୍ରେନ୍ ୱାଗନରୁ ମୃତଦେହ ଜବତ

- ୩ରୁ ୪ ଦିନ ପୂର୍ବେ ମୃତ୍ୟୁ ଘଟିଥିବା ଆଶଙ୍କା
- ପରିଚୟ ମିଳିପାରିନି
- ପୋଲିସର ତନାଘନା

**ପାରାଦୀପ,୪।୪(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଲୁହାପଥର ବୋଝେଇ ଖଲାସ ପ୍ଲଟରେ ଶନିବାର ମଧ୍ୟରାତ୍ରରେ ଟ୍ରେନ୍ ୱାଗନରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ମିଳିଛି। ତା'ପରଠାରୁ ଲୁହାପଥର ଖଲାସ କାମ ବନ୍ଦ ରହିଥିଲା। ରବିବାର ଅପରାହ୍ଣ ୨ଟାରେ ପାରାଦୀପ ଆଦର୍ଶ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାପରେ ଟ୍ରେନରୁ ପଣ୍ୟ ଖଲାସ କରାଯାଇଛି। ମୃତଦେହ ଗଳିତ ଅବସ୍ଥାରେ ଥିଲାବେଳେ ସମ୍ପୂର୍ଣ୍ଣ ରୂପେ କଳା ପଡ଼ିଯାଇଛି। ଫଳରେ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ୩ ରୁ ୪ ଦିନ ପୂର୍ବେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ତାଙ୍କ ପ୍ୟାଣ୍ଟ ପକେଟରୁ ପୋଲିସ ଏକ ମୋବାଇଲ ଫୋନ୍ ଜବତ କରିଛି। ଲିବର୍ଟି ମେରାଇନ ନାମକ ସଂସ୍ଥା ପକ୍ଷରୁ ଏହି ଲୁହାପଥର ଆମଦାନୀ କରାଯାଇଥିଲା। ଡୁବୁରିଠାରୁ ଏହି ପଣ୍ୟ ଟ୍ରେନରେ ବୋଝେଇ ହୋଇଥିଲା। ଏସବୁ ଲୁହା ପଥର ଏସଏମ୍‌ଏନ୍ ନାମକ ସଂସ୍ଥାର ଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୋଲିସକୁ ସୂଚନା ମିଳିଛି। ଖଣିରୁ ପଣ୍ୟ ଉତ୍ତୋଳନଠାରୁ ଆରମ୍ଭ କରି ରପ୍ତାନି ପର୍ଯ୍ୟନ୍ତ ଏକାଧିକ ସଂସ୍ଥା ପକ୍ଷରୁ ଯାଞ୍ଚ କରାଯିବାର ନିୟମ ରହିଛି। ଏତେ ପ୍ରକାର ଯାଞ୍ଚ ବ୍ୟବସ୍ଥା ଥିବା ସତ୍ତ୍ୱେ ପଣ୍ୟ ଭିତରେ ମୃତଦେହ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଆମଦାନୀକାରୀ ସଂସ୍ଥା ଲିବର୍ଟି ମେରାଇନ କମ୍ପାନୀ ମ୍ୟାନେଜର ଏସ୍.ବସିର କୁହନ୍ତି, ଆମର କେତେ ଜାଗାରୁ ମାଲ ଆସୁଛି। ତେବେ କେଉଁଠୁ ଓ କିପରି ୱାଗନ ଭିତରେ ମୃତଦେହ ଆସିଛି ସେ ସମ୍ପର୍କରେ କିଛି କହିପାରିବୁ ନାହିଁ।

# ନବରଙ୍ଗପୁରରେ ବିଭିନ୍ନ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍

## ଦିନକରେ ୧୭ ପଜିଟିଭ ଚିହ୍ନଟ

**ନବରଙ୍ଗପୁର/ଉମରକୋଟ, ୪।୪(ବି.ପ୍ର./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଉପରମୁହାଁ ହେଉଛି। ରବିବାର ସୁଦ୍ଧା ୫୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୪୭ ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି। ତେବେ ରବିବାର ଦିନକରେ ଜିଲାରୁ ୧୭ ପଜିଟିଭ ଚିହ୍ନଟ ହେବାପରେ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଜିଲାର ସଂକ୍ରମିତ ଚିହ୍ନଟ ହୋଇଥିବା ବିଭିନ୍ନ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହୋଇଥିବା ଅଞ୍ଚଳ ମଧ୍ୟରେ ରାଇଘର ବ୍ଲକ୍ ଧଡ୍ରାପାରାର ଚଇନୁ ସତନାମିଙ୍କ ଘର, ଉମରକୋଟ ପୌରାଞ୍ଚଳର ଗୁରୁକୃପା ବାଳକ ହଷ୍ଟେଲ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ହାଇସ୍କୁଲ ରାସ୍ତା, ଡୋଙ୍ଗ୍ରିଗୁଡ଼ା ଗୁରୁକୃପା ମାଧ୍ୟାମିକ ବିଦ୍ୟାଳୟ, ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରିଗୁଡ଼ା ପଞ୍ଚାୟତ ଅଧୀନ ହରିଜନ ସାହି, ଚନ୍ଦାହାଣ୍ଡି ବ୍ଲକ୍ ହରନାଥ ଅଧିକାରୀଙ୍କ ଘର ନିକଟରୁ କେନାଲ ସାହି ପଛପାଖ ଅଗ୍ନିଶମ ବିଭାଗ ପର୍ଯ୍ୟନ୍ତ, ରାଇଘରର ଅମୂଲ୍ୟବାଲଙ୍କ ଘର, ଉମରକୋଟ ବ୍ଲକ୍ ବଡକୁମାରୀ ପଞ୍ଚାୟତ ୟୁଭି-୧ର ନିରୋଦ ମାଝିଙ୍କ ଘର ଅଞ୍ଚଳ ଅନ୍ତର୍ଭୁକ୍ତ। ଉମରକୋଟ ଡୋଙ୍ଗ୍ରିଗୁଡ଼ାସ୍ଥିତ ଗୁରୁକୃପା ହଷ୍ଟେଲରୁ ୯ ଛାତ୍ର ପଜିଟିଭ ଚିହ୍ନଟ ହେବାପରେ ଉକ୍ତ ହଷ୍ଟେଲ ସମେତ ହାଇସ୍କୁଲ ରୋଡ୍‌ସ୍ଥିତ ଅନ୍ୱେଷା ହଷ୍ଟେଲକୁ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ଏ ନେଇ ସମ୍ପୃକ୍ତ ଅଞ୍ଚଳର ବିଡିଓ, ତହସିଲଦାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀମାନଙ୍କୁ ନୋଡାଲ୍ ଅଫିସରଭାବେ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ପ୍ରଶାସନ ପକ୍ଷରୁ ଉମରକେଟ ଓ ନବରଙ୍ଗପୁର ପୌରାଞ୍ଚଳରେ କୋଭିଡ୍ ଗାଇଡ୍‌ଲାଇନ୍ ବିଷୟରେ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ତେବେ ନବରଙ୍ଗପୁର ଜିଲାରୁ ସୀମାନ୍ତ ଛତିଶଗଡ଼, ଆନ୍ଧ୍ର ଓ ତେଲଙ୍ଗାନା ରାଜ୍ୟକୁ ପ୍ରତ୍ୟେକ ଦିନ ଘରୋଇ ଓ ସରକାରୀ ବସ୍ ଚଳାଚଳ କରୁଛି। ସେହିପରି ବାହାର ରାଜ୍ୟରୁ ପ୍ରତ୍ୟେକ ଦିନ ଶ୍ରମିକ ମଧ୍ୟ ନବରଙ୍ଗପୁର ଜିଲାକୁ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଓଡ଼ିଶା-ଆନ୍ଧ୍ର ଓ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ହାତୀ ଆକ୍ରମଣରେ ଯୁବକ ମୃତ

## କ୍ଷତିପୂରଣ ଦାବିରେ ବନକର୍ମଚାରୀଙ୍କୁ ଘେରାଉ

**ପାଲଲହଡ଼ା, ୪।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳର ଯମରଡିହ ଗ୍ରାମ ନିକଟ ଟମକିଆ ସଂରକ୍ଷିତ ଜଙ୍ଗଲରେ ଶନିବାର ରାତିରେ ହାତୀ ଆକ୍ରମଣରେ ଉକ୍ତ ଗ୍ରାମର ନରେନ୍ଦ୍ର ବେହେରା (୩୦)ଙ୍କ ମୃତ୍ୟୁ ଘଟିଛି। ରବିବାର ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଘେରାଉ କରିଥିଲେ।

ନରେନ୍ଦ୍ର ଶନିବାର କୌଣସି କାମରେ ଜଙ୍ଗଲ ରାସ୍ତା ଦେଇ ପାଖ କରଡ଼ାପାଳ ଗ୍ରାମକୁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରବିବାର ସକାଳେ ତାଙ୍କର କ୍ଷତବିକ୍ଷତ ମୃତଦେହ ଜଙ୍ଗଲରେ ପଡିଥିବା ଦେଖି ପରିବାର ଲୋକେ ପାଲଲହଡ଼ା ବନ ବିଭାଗ ଏବଂ ପୋଲିସକୁ ଖବର ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡୁଥିଲେ ମଧ୍ୟ ବନ କର୍ମଚାରୀ ବିଳମ୍ବରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଘେରାଉ କରିଥିଲେ। ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ବାବଦକୁ ୪୦ ହଜାର ଟଙ୍କା ଏବଂ ଆଉ ୩ ଲକ୍ଷ ୬୦ ହଜାର ଟଙ୍କା ପରେ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ହାତୀ ଆକ୍ରମଣରେ ନରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ପାଲଲହଡା ରେଞ୍ଜର ଦୁର୍ଯ୍ୟୋଧନ ଜେରାଇ ସୂଚନା ଦେଇଛନ୍ତି।



# ଅଂଶୁଘାତ କାରଣ ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ



"ଅତ୍ୟଧିକ ଖରାରେ ଚଳପ୍ରଚଳ କଲେ ମନୁଷ୍ୟ ଶରୀରରେ ଉତ୍ତାପ ମାତ୍ରାଧିକ ବୃଦ୍ଧି ପାଇଥାଏ, ଫଳରେ ମାନସିକ ଓ ଶାରୀରିକ ସ୍ତରରେ ପରିବର୍ତ୍ତନ ଘଟି ମନୁଷ୍ୟ ଚେତାଶୂନ୍ୟ ତଥା ବେଳେବେଳେ ବାତମାରିବା ପରି ଲକ୍ଷଣ ଦେଖାଯାଏ । ଶରୀରର ବାହ୍ୟ ଚର୍ମ ଭାଗ ଉତ୍ତାପଯୁକ୍ତ ଓ ଶୁଷ୍କ ହେବାସହ ଆଦୌ ଝାଳ ନିର୍ଗତ ହୋଇ ନ ଥାଏ କିମ୍ବା ଅଳ୍ପ ଝାଳ ନିର୍ଗତ ହୋଇଥାଏ। ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା, ବାନ୍ତି ଲାଗିବା ଏବଂ ବେଳେବେଳେ ବାନ୍ତି ମଧ୍ୟ ହୋଇଥାଏ ।"

ପୌରାଣିକ ମତବାଦ, ପାଞ୍ଜିରେ ଲେଖାଯାଇଥିବା ତଥ୍ୟ ଏବଂ ବିଶିଷ୍ଟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଗଣନା ଅନୁଯାୟୀ ସୂର୍ଯ୍ୟଙ୍କ ଚାରିପଟେ ବିଭିନ୍ନ ଗ୍ରହ ଓ ନକ୍ଷତ୍ର ନିଜେ ନିଜର କକ୍ଷରେ ଘୂରି ପରିକ୍ରମା କରୁଛନ୍ତି । ସେହିପରି ଆମେ ବସବାସ କରୁଥିବା ପୃଥିବୀ ଗ୍ରହ ମଧ୍ୟ ସୂର୍ଯ୍ୟଙ୍କ ଚାରିପଟେ ପରିକ୍ରମା କରୁଛି, ଯଦ୍ଵାରା ଆମେ ବିଭିନ୍ନ ଋତୁ ଅନୁଭବ କରିପାରୁଛେ । ଜ୍ୟୋତିର୍ବିଦଙ୍କ ଗଣନା ଅନୁଯାୟୀ ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ (ଜାନୁୟାରୀ -୧୪ ତାରିଖ )ଠାରୁ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି, ଯଦ୍ଵାରା ପୃଥିବୀ ପୃଷ୍ଠରେ ସୂର୍ଯ୍ୟକିରଣ ପ୍ରଖର ହୋଇ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପ୍ରବଳ ଗରମ ଅନୁଭବ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇଥାଏ । ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣାୟନରେ ରହିଥାନ୍ତି ; ଯଦ୍ଵାରା ଶୀତ ଅନୁଭୂତ ହୋଇ ଦିନ ଛୋଟ ଓ ରାତି ବଡ଼ ରହିଥାଏ। ସୂର୍ଯ୍ୟ ଉତ୍ତରାୟଣ ଦିନଠାରୁ ଦିନ ବଡ ଓ ରାତି ଛୋଟ ହୋଇ ଥାଏ, ଯାହା କି ବିଜ୍ଞାନ ସମ୍ମତ। ଉତ୍ତରାୟଣ ଦିନଠାରୁ ସୂର୍ଯ୍ୟକିରଣ ପ୍ରଖରତା ହେତୁ ଗ୍ରୀଷ୍ମର ପ୍ରକୋପ ବଢ଼ି ପ୍ରବଳ ଗରମ ଅନୁଭବ ହୋଇଥାଏ। ସୂର୍ଯ୍ୟକିରଣର ପ୍ରଖରତା ସାଧାରଣତଃ ଦିନ ୧୧ଟାରୁ ଅପରାହ୍ଣ ୩ ପର୍ଯ୍ୟନ୍ତ ରହିଥାଏ। ଗ୍ରୀଷ୍ମ ଋତୁରେ ଜଳବାୟୁରେ ଜଳୀୟ ଅଂଶ କମିଯାଏ, ଫଳରେ ତାପମାତ୍ରା ସ୍ୱାଭାବିକ ଅବସ୍ଥାରୁ ବୃଦ୍ଧି ପାଇଥାଏ। ବେଳେବେଳେ ଏହା ୪୦ ରୁ ୪୫ ଡିଗ୍ରୀ ସେଲସିୟସ କିମ୍ବା ବେଳେବେଳେ ତା'ଠାରୁ ଅଧିକ ହେବାର ପରିଲକ୍ଷିତ ହୋଇଛି। ଏପରି ଗ୍ରୀଷ୍ମ ପ୍ରବାହ ବେଳେ ମନୁଷ୍ୟ ଯାତାୟାତ କଲେ 'ଅଂଶୁଘାତ' (Sunstroke) ର ଶିକାର ହେବାର ଯଥେଷ୍ଟ ଆଶଙ୍କା ରହିଥାଏ।

**ଅଂଶୁଘାତ କ'ଣ :** ଗ୍ରୀଷ୍ମ ଋତୁରେ ମାତ୍ରାଧିକ ଖରା ହେଉଥିବା ସମୟରେ ଯାତାୟାତ କରିବା ଦ୍ଵାରା ବେଳେବେଳେ ମନୁଷ୍ୟ ଶରୀର ସୂର୍ଯ୍ୟ ତାପ ସହି ନ ପାରି ଅଂଶୁଘାତ ଜନିତ ରୋଗର ଶିକାର ହୋଇଥାଏ । ମନୁଷ୍ୟ ଶରୀରର ତାପମାତ୍ରା କମିବା ଓ ବଢିବାକୁ ନିୟନ୍ତ୍ରଣ ପାଇଁ ମନୁଷ୍ୟର ମସ୍ତିଷ୍କରେ ହାଇପୋଥାଲାମୋୟେସ (Hypo-thalamous) ନାମକ ଏକ ଗ୍ରନ୍ଥି ରହିଛି। କୌଣସି କାରଣରୁ ଶରୀରର ଉତ୍ତାପ ହ୍ରାସ ପାଇବା ଓ ବୃଦ୍ଧି ପାଇବାକୁ ଶରୀରର ଅଭ୍ୟନ୍ତର ଭାଗରେ ଉତ୍ତାପର ସ୍ଥିତାବସ୍ଥାକୁ ଠିକ୍ ରଖିବା ନିମନ୍ତେ ଏହା କାର୍ଯ୍ୟ କରିଥାଏ। ଯଦି ଏହି ପ୍ରକ୍ରିୟା ଆମ ଶରୀରରେ ହୋଇ ପାରି ନ ଥାଏ, ତେବେ ମନୁଷ୍ୟ ଅଂଶୁଘାତର ସମ୍ମୁଖୀନ ହୋଇଥାଏ ।

ଅତ୍ୟଧିକ ଖରାରେ ଚଳପ୍ରଚଳ କଲେ ମନୁଷ୍ୟ ଶରୀରରେ ଉତ୍ତାପ ମାତ୍ରାଧିକ ବୃଦ୍ଧି ପାଇଥାଏ, ଫଳରେ ମାନସିକ ଓ ଶାରୀରିକ ସ୍ତରରେ ପରିବର୍ତ୍ତନ ଘଟି ମନୁଷ୍ୟ ଚେତାଶୂନ୍ୟ ତଥା ବେଳେବେଳେ ବାତମାରିବା ପରି ଲକ୍ଷଣ ଦେଖାଯାଏ । ଶରୀରର ବାହ୍ୟ ଚର୍ମ ଭାଗ ଉତ୍ତାପଯୁକ୍ତ ଓ ଶୁଷ୍କ ହେବାସହ ଆଦୌ ଝାଳ ନିର୍ଗତ ହୋଇ ନଥାଏ କିମ୍ବା ଅଳ୍ପ ଝାଳ ନିର୍ଗତ ହୋଇଥାଏ। ମୁଣ୍ଡ ବୁଲାଇବା, ଦୁର୍ବଳ ଲାଗିବା, ବାନ୍ତି ଲାଗିବା ଏବଂ ବେଳେବେଳେ ବାନ୍ତି ମଧ୍ୟ ହୋଇଥାଏ । ଏ ପରିସ୍ଥିତିରେ ଉପଯୁକ୍ତ ଚିକିତ୍ସା କରା ନ ଗଲେ ମନୁଷ୍ୟ ମୃତ୍ୟୁ ମୁଖରେ ପଡ଼ିବାର ବହୁତ ଆଶଙ୍କା ଥାଏ। ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ମନୁଷ୍ୟ ଶରୀରରେ ତାପମାତ୍ରା ବୃଦ୍ଧି ପାଇବା ଓ ହ୍ରାସ ପାଇବା ପ୍ରକ୍ରିୟା ସ୍ୱତଃପ୍ରବୃତ୍ତ ଭାବେ ହୋଇଥାଏ। ଏ ପ୍ରକ୍ରିୟାରେ ବ୍ୟାଘାତ ବା ବ୍ୟତିକ୍ରମ ଘଟିଲେ ଶରୀର ଅଧିକ ତାପମାତ୍ରା ସହ୍ୟ କରି ନ ପାରି ମନୁଷ୍ୟ ଅଂଶୁଘାତରେ ଶିକାର ହୋଇଥାଏ।

**ଲକ୍ଷଣ :** ଚିକିତ୍ସା ଶାସ୍ତ୍ର ମତ ଅନୁସାରେ ଛୋଟ ଶିଶୁ ଓ ପିଲାମାନଙ୍କ ଶରୀରର ହାରାହାରି ତାପମାତ୍ରା ୯୭.୯ ଡିଗ୍ରୀ ଫାରେନହାଇଟ (୩୬.୬ ଡିଗ୍ରୀ ସେଲସିୟସ) ରୁ ୯୯ ଡିଗ୍ରୀ ଫାରେନହାଇଟ (୩୭.୨ ଡିଗ୍ରୀ ସେଲସିୟସ), ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ଶରୀରର ହାରାହାରି ତାପମାତ୍ରା ୯୭ ଡିଗ୍ରୀ ଫାରେନହାଇଟ(୩୬.୧ ଡିଗ୍ରୀ ସେଲସିୟସ)ରୁ ୯୯ ଡିଗ୍ରୀ ଫାରେନହାଇଟ (୩୭.୨ ଡିଗ୍ରୀ ସେଲସିୟସ) ଏବଂ ୬୫ ବର୍ଷରୁ ଅଧିକ ବୟସ ବ୍ୟକ୍ତିଙ୍କର ଶରୀରର ହାରାହାରି ତାପମାତ୍ରା ୯୮.୬ ଡିଗ୍ରୀ ଫାରେନହାଇଟ(୩୭ ଡିଗ୍ରୀ ସେଲସିୟସ) ରହିବା ଉଚିତ । ଜଳବାୟୁରେ ଅଧିକ ଉତ୍ତାପ ହେତୁ ଶରୀରରେ ତାପମାତ୍ରା ବୃଦ୍ଧି ପାଇବା, ଚର୍ମ ଶୁଷ୍କତା, ଶରୀରରୁ ଝାଳ ନିର୍ଗତ ନ ହେବା କିମ୍ବା ଅଳ୍ପ ନିର୍ଗତ ହେବା, ରକ୍ତଚାପ କମ ହେବା, ହୃଦସ୍ପନ୍ଦନ ମାତ୍ରା ବଢିବା, ନିଃଶ୍ଵାସ ପ୍ରଶ୍ଵାସରେ ପ୍ରଖରତା ଦେଖାଯିବା, ନାଡ଼ୀର ଗତି କମହେବା, ପରିସ୍ରା ହଳଦିଆ ରଙ୍ଗର ହେବା ସହ ବହଳିଆ ହୋଇ କମ୍ ପରିସ୍ରା ଦୁର୍ଗନ୍ଧଯୁକ୍ତ ହୋଇଥାଏ। ଶରୀରର ମାଂସପେଶୀ ଆକସ୍ମିକ ଭାବେ ଅକୁଞ୍ଚନ ହୋଇ ଯନ୍ତ୍ରଣା ଦାୟକ ହେବା, ଆଳସ୍ୟ ତଥା ଦୁର୍ବଳ ଦେଖାଯିବା, ମୁଣ୍ଡବ୍ୟଥା ହେବା, ବାନ୍ତି ଲାଗିବା ଆଦି ଲକ୍ଷଣ ଦେଖାଦେଇଥାଏ।

**ପ୍ରତିକାର :** ଅଂଶୁଘାତରେ ପୀଡିତ ହୋଇଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ଥଣ୍ଡା ସ୍ଥାନକୁ ନେଇ ରୋଗୀ ପିନ୍ଧିଥିବା ପୋଷାକକୁ ପୂରା ଢିଲାକରି ଦେଇ ବିଞ୍ଚଣା କିମ୍ବା ଫ୍ୟାନ ଦ୍ଵାରା ଖୋଲା ଥଣ୍ଡା ପବନ ଦେବା ଉଚିତ। ମାଟିପାତ୍ରରେ ଥିବା ଥଣ୍ଡାଜଳ ଦ୍ଵାରା ଗାଧୋଇ ଦେବା ଦ୍ଵାରା ରୋଗୀକୁ ଆରାମ ମିଳିଥାଏ। ଏହା ସହ ପଇଡ଼ ପାଣି କିମ୍ବା ଲେମ୍ବୁ, ଚିନି ଓ ଲୁଣ ମିଶ୍ରିତ ଥଣ୍ଡା ପାନୀୟ ପିଆଇବା ଦରକାର। ପ୍ରାଥମିକ ଉପଚାର କରି ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ଉଚିତ। ଅଂଶୁଘାତରେ ପୀଡିତ ବ୍ୟକ୍ତି ଉପଶମ ପରେ ମଧ୍ୟ ଦୀର୍ଘଦିନ ଧରି ଦୁର୍ବଳ ଓ ହାଲିଆ ଅନୁଭବ କରିଥାଏ । ତେଣୁ ବିଶ୍ରାମ ନେବାସହ ବିଭିନ୍ନ ଭିଟାମିନ ଯୁକ୍ତ ଆହାର ତଥା ବିଭିନ୍ନ ଫଳରସ ଆଦି ଥଣ୍ଡାପାନୀୟ ସେବନ କରିବା ଉଚିତ ।

**ସତର୍କତା :** ଗ୍ରୀଷ୍ମ ଋତୁରେ ଅଧିକ ସୂର୍ଯ୍ୟତାପ ସମୟରେ ଚଳପ୍ରଚଳ କରିବା ଅନୁଚିତ । ନିହାତି ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ବାହାରକୁ ବାହାରିବା ଉଚିତ ନୁହେଁ । ଜରୁରୀ କାର୍ଯ୍ୟ ଥିଲେ ଅଧିକ ପରିମାଣରେ ପାଣି ପିଇ, ଓଦା ଗାମୁଛା କିମ୍ବା ଧଳା ଟୋପି ମୁଣ୍ଡରେ ପିନ୍ଧି, କଳା ଚଷମା ଲଗାଇବା ସହ କପା ସୂତାରେ ପ୍ରସ୍ତୁତି ଧଳା ରଙ୍ଗର ପତଳା, ହାଲୁକା, ଢିଲା ବସ୍ତ୍ର ପିନ୍ଧିବା ଆବଶ୍ୟକ । ଗ୍ରୀଷ୍ମ ଋତୁରେ ଅଂଶୁଘାତକୁ ପ୍ରତିରୋଧ କରିବା ନିମନ୍ତେ ଅଧିକ ଥଣ୍ଡାପାଣି ସାଙ୍ଗକୁ ଦହି,ସରବତ ତଥା ଅଧିକ ତରଳ ପଦାର୍ଥ ସେବନ କରିବା ଉଚିତ । ଦିନରେ ୨ ରୁ ୩ ଥର ଥଣ୍ଡା ପାଣିରେ ଗାଧୋଇବା ଉଚିତ । ଜଳବାୟୁର ତାପମାତ୍ରା ହ୍ରାସ ପାଇବା ପର୍ଯ୍ୟନ୍ତ ନିହାତି କାମ ନ ଥିଲେ ଘରୁ ପଦାକୁ ବାହାରିବା ଅନୁଚିତ । ଗରମରୁ ରକ୍ଷା ନିମନ୍ତେ ବାସଗୃହ ଉପରେ ନଡା ବିଛାଇବା ସହ ଘରର ଚାରିପାଖେ ଛୋଟଛୋଟ ବୃକ୍ଷ ଲଗାଇବା ଆବଶ୍ୟକ ; ଯଦ୍ଵାରା ଗରମରୁ ରକ୍ଷା ମିଳିବା ସହ ଆମେ ମୁକ୍ତ ଅମ୍ଳଜାନ ପାଇପାରିବା ସହ ସୁସ୍ଥ ରହିପାରିବା ।

**ଅଂଶୁଘାତ କାହାକୁ ହେବାର ଅଧିକ ଆଶଙ୍କା ଥାଏ :** ଅଂଶୁଘାତ ମୁଖ୍ୟତଃ ରକ୍ତଚାପ ଥିବା ବ୍ୟକ୍ତି, ମଧୁମେହ ବା ଡାଇବେଟିସ୍ ରୋଗୀ, ଯକ୍ଷ୍ମା ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା, ବୟସ୍କ, ଗର୍ଭବତୀ, ଖରାରେ ଅଧିକ ପରିଶ୍ରମ କରୁଥିବା ବ୍ୟକ୍ତି, ଅଧିକ ମୋଟା ବ୍ୟକ୍ତି, ଦୀର୍ଘସ୍ଥାୟୀ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଅଂଶୁଘାତରେ ଶିକାର ହେବାର ଅଧିକ ଆଶଙ୍କା ରହିଥାଏ । ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜ୍ୟରେ ଓ ଦେଶରେ 'ଅଂଶୁଘାତ'ଜନିତ ମୃତ୍ୟୁ ସଂଖ୍ୟା କ୍ରମଶଃ ପ୍ରତିବର୍ଷ ବୃଦ୍ଧି ପାଉଥିବାର ଦେଖାଯାଉଅଛି। ଏହାର ମୁଖ୍ୟ କାରଣ ହେଲା ଜଙ୍ଗଲରୁ ଗଛକାଟି ସଫା କରିଦେବା, ବଣ ଜଙ୍ଗଲରେ ନିଆଁ ଲଗେଇଦେବା, ବିଭିନ୍ନ କଳକାରଖାନା ତଥା ବିଭିନ୍ନ ଗାଡି, ବସ ଆଦିରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ଵାରା ଜଳବାୟୁରେ ତାପମାତ୍ରା ବଢିବା ଅଂଶୁଘାତ ହେବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ। ଅଂଶୁଘାତରୁ ଆମେ ରକ୍ଷା ପାଇବା ନିମନ୍ତେ ଗ୍ରୀଷ୍ମ ଋତୁରେ ନିଜେ ସଜାଗ ହେବାସହ ଅନ୍ୟମାନଙ୍କୁ ତଥା ପରସ୍ପର ସତର୍କତା ଅବଲମ୍ବନ ନିମନ୍ତେ ପରାମର୍ଶ ଦେବାସହ ଅଧିକ ସଚେତନତାର ଆବଶ୍ୟକତା ରହିଛି।

- ଚନ୍ଦାହାଣ୍ଡି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭





## ଡାଟା ଟ୍ରାନ୍ସଫରର ନୂଆ ଉପାୟ

ସାଧାରଣତଃ ଗୋଟିଏ ଚିପ୍‌ରୁ ଅନ୍ୟ ଚିପ୍‌କୁ ଡାଟା ଟ୍ରାନ୍ସଫର ପାଇଁ ବିଦ୍ୟୁତର ଆବଶ୍ୟକତା ହୋଇଥାଏ। ହେଲେ ଏଣିକି ବିଦ୍ୟୁତ ନ ଥିଲେ ମଧ୍ୟ ଏପରି କାମକୁ ସମ୍ପାଦନ କରିହେବ। ପୁଣି ତାହା ଏକ ସରଳ ଉପାୟରେ ସମ୍ପାଦନ କରାଯାଇପାରିବ। ଅର୍ଥାତ୍, ଆଲୋକ ମାଧ୍ୟମରେ ଡାଟା ଟ୍ରାନ୍ସଫର ହୋଇପାରିବ। ଏଥିପାଇଁ ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ବିଶେଷଜ୍ଞମାନେ ଏକ ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଚିପ୍ ପ୍ରସ୍ତୁତ କରିଛନ୍ତି। ଏହି ଚିପ୍‌ରେ ଥିବା ଆଲୋକ ଏତେ ଶକ୍ତିଶାଳୀ ଯେ ତାହା ମାଧ୍ୟରେ ଡାଟାକୁ ଖୁବ୍ ଶୀଘ୍ର ଟ୍ରାନ୍ସଫର କରାଯାଇପାରିବ। ପ୍ରତି ବର୍ଗ ମିମିରେ ସେକେଣ୍ଡ ପିଛା ଏହି ଚିପ୍‌ର କ୍ଷମତା ହେଉଛି ୩୦୦ ଗିଗାବାଇଟ୍। ଏହାକୁ ଆହୁରି କ୍ଷମତାସମ୍ପନ୍ନ କରିବାକୁ ଆଉ କିଛି ମାସ ସମୟ ଲାଗିବ ବୋଲି ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଦାନ୍ତ ବିନ୍ଧୁଥିଲେ..

ଖାଇବା ପରେ ଆମେ ଭଲ ଭାବରେ କୁଳି କରି ପାଟିକୁ ଧୋଇବା ଦରକାର। ନ ହେଲେ ଦାନ୍ତ ମୂଳରେ ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ଲାଗି ରହି ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ଯଦି ଆପଣଙ୍କର ଦାନ୍ତ ବିନ୍ଧୁଛି, ତେବେ କେତେକ ଘରୋଇ ଉପଚାର ମାଧ୍ୟମରେ ଏଥିରୁ ଅନେକାଂଶରେ ଉପଶମ ଲାଭ କରିପାରିବେ। ମୌସୁମୀ ରସରେ କିଛି ହେଙ୍ଗୁ ମିଶାଇ ଏହି ମିଶ୍ରଣକୁ ତୁଳାଦ୍ଵାରା ବିନ୍ଧୁଥିବା ଦାନ୍ତମୂଳରେ ରଖନ୍ତୁ। ଏହାଦ୍ଵାରା ଦାନ୍ତ ବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ଦାନ୍ତମୂଳରେ ବ୍ୟାକ୍ଟେରିଆ ରହି ନିଜର ବଂଶ ବିସ୍ତାର କରିଥାଆନ୍ତି। ଦାନ୍ତ ବିନ୍ଧୁଥିଲେ ସେହି ସ୍ଥାନରେ ଲବଙ୍ଗ ରଖିଲେ ଏଥିରେ ଥିବା ଔଷଧୀୟ ଗୁଣ ବ୍ୟାକ୍ଟେରିଆଗୁଡିକୁ ଅନେକାଂଶରେ ନଷ୍ଟ କରିଦେଇଥାଆନ୍ତି। ରସୁଣରେ ଏଲିସନ୍ ନାମକ ତତ୍ତ୍ୱ ରହିଛି, ଯାହା ଦାନ୍ତ ବିନ୍ଧା କମାଇବାରେ ସାହାଯ୍ୟ କରିଥାଏ।

## ଔଷଧ ଖାଉଥିଲେ..

ସାଧାରଣତଃ ଆମେ କୌଣସି ରୋଗରେ ପୀଡିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରେ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଦ୍ୱନ୍ଦ୍ୱ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।



## ସ୍ୱାସ୍ଥ୍ୟ ସୂଚନା

- ଜଣେ ବୟସ୍କ ବ୍ୟକ୍ତି ତାଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ଏବଂ ସବୁଜ ପନିପନିବାରେ ପ୍ରସ୍ତୁତ ଖାଦ୍ୟ ସାମିଲ କରିବା ଦରକାର। କାରଣ ଏଥିରୁ ଶରୀରକୁ ପର୍ଯ୍ୟାପ୍ତ ପରିମାଣର ଶକ୍ତି ମିଳିଥାଏ।
- ଆବଶ୍ୟକତାଠାରୁ ଅଧିକ ଚିନି କିମ୍ବା ମିଠାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ଏହାଦ୍ଵାରା ଦାନ୍ତ ନଷ୍ଟ ହୋଇଥାଏ ଏବଂ ଓଜନ ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି।
- ସବୁବେଳେ ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ କେବଳ ସୁଷମ ଏବଂ ଭିଟାମିନଯୁକ୍ତ ଖାଦ୍ୟ ଖାଇଲେ ହେବ ନାହିଁ, ତା'ସହ ନିୟମିତ ବ୍ୟାୟାମ କରିବାକୁ ପଡିବ। ପ୍ରତିଦିନ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ଏହାସହ ଯୋଗ, ପ୍ରାଣାୟାମ କରିବାକୁ ଭୁଲନ୍ତୁ ନାହିଁ।
- ବୟସ ବଢ଼ିଲେ ତା'ସହ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିୟମିତ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନିଅନ୍ତୁ। ତା' ସହ ନିଜର ବ୍ଲଡପ୍ରେସର କେତେ ରହୁଛି ତାହା ମଧ୍ୟ ମାପି ନିଅନ୍ତୁ।
- ଜଙ୍କ୍ ଫୁଡ ଖାଇବା ଯଦି ଅଭ୍ୟାସରେ ପରିଣତ ହୋଇଯାଇଛି, ତେବେ ଏପରି ଅଭ୍ୟାସ ଛାଡିବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପରୋକ୍ଷରେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ।



## ସୁସ୍ଥ ମସ୍ତିଷ୍କ ପାଇଁ ଗାଣିତିକ ଫର୍ମୁଲା

ଶୋଇବା ଅବସ୍ଥାରେ କୌଣସି ଦୁର୍ଘଟଣା ଘଟିଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ଅନେକାଂଶରେ ପ୍ରଭାବିତ କରିଥାଏ। ହେଲେ ନିକଟରେ ଜର୍ମାନୀର ବୈଜ୍ଞାନିକମାନେ ଏପରି ଏକ ଉପାୟ ବାହାର କରିଛନ୍ତି, ଯାହା ସୁପ୍ତ ଅବସ୍ଥାରେ ମସ୍ତିଷ୍କକୁ ସକ୍ରିୟ ରଖିପାରିବ। ଫଳରେ ଏହି ସମୟରେ କୌଣସି ଦୁର୍ଘଟଣା ହେଲେ ତାହାର ପ୍ରଭାବ କେତେକାଂଶରେ ମସ୍ତିଷ୍କ ଉପରେ ପଡ଼ିବ ନାହିଁ। ସେମାନେ ଏକ ଡିଭାଇସ୍ ପ୍ରସ୍ତୁତ କରି ତାହାକୁ ପ୍ରଥମେ ମୂଷାମାନଙ୍କଠାରେ ପରୀକ୍ଷା କରିଥିଲେ। ଏହାକୁ ସେମାନେ 'ନ୍ୟୁରୋ ମାସ୍ ମଡେଲ୍' ନାମରେ ନାମିତ କରିଛନ୍ତି। ସୁପ୍ତ ଅବସ୍ଥାରେ ଏହି ଡିଭାଇସ ମସ୍ତିଷ୍କକୁ ତୁରନ୍ତ ବାର୍ତ୍ତା ପହଞ୍ଚାଇ ଦେଇଥାଏ, ଯାହାଫଳରେ କୌଣସି ଦୁର୍ଘଟଣାଜନିତ ସମସ୍ୟାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ି ନଥାଏ ବୋଲି ପ୍ରକାଶିତ ରିପୋର୍ଟରେ ସେମାନେ ଉଲ୍ଲେଖ କରିଛନ୍ତି। ମନୁଷ୍ୟମାନଙ୍କ କ୍ଷେତ୍ରରେ ଏହା ମଧ୍ୟ ସଫଳ ହେବ ବୋଲି ସେମାନେ ଦୃଢ଼ ଆଶା ରଖିଛନ୍ତି।



## ଚଞ୍ଚକତା କରି ଜମି ବିକିଦେଲେ

**ଭୁବନେଶ୍ୱର,(ବ୍ୟୁରୋ):** ଜଣେ ବ୍ୟକ୍ତିଙ୍କ ଜାଗାକୁ ଚଞ୍ଚକତା କରି ଅନ୍ୟଜଣେ ବ୍ୟକ୍ତି ବିକ୍ରି କରି ଦେଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ.୧୦୬/୨୧) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଖୋର୍ଦ୍ଧା ଜିଲା ବୋଲଗଡର ମନମୋହନ ସିଂ (୬୩) ୨୦୧୦ ଫେବୃୟାରୀ ୩ରେ ମୀନକେତନ ଓଝାଙ୍କଠାରୁ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଶଙ୍କରପୁର ମୌଜାର ପ୍ଲଟ ନଂ. ୨୩୫ର ୦.୦୬୯ ଏକର ଜମିକୁ କିଣିଥିଲେ। ପରେ ମନମୋହନଙ୍କ ନାମରେ ଜମି ରେକର୍ଡ ମଧ୍ୟ ହୋଇଥିଲା। କିନ୍ତୁ ଜଣେ ଦଲାଲ ଚଞ୍ଚକତାକରି ସାକ୍ଷୀଗୋପାଳର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ବିକ୍ରି କରିଦେଇଥିବା ନେଇ ସବ୍‌ରେଜିଷ୍ଟ୍ରି ଅଫିସ୍‌ରୁ ମନମୋହନ ଜାଣିବାକୁ ପାଇଥିଲେ।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ନିରାକାରପୁର,୪।୪(ଡି.ଏନ୍.ଏ.):** ନିରାକାରପୁର ଥାନା ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱ ମାଲୁଣୀ ପୋଖରୀରୁ ରବିବାର ପୋଲିସ ସହାୟତାରେ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଡିଆ ପଞ୍ଚାୟତ ଦଳିତ ସାହିର ବିଜୟ ନାୟକ। ରବିବାର ସକାଳୁ କେତେଜଣ ବ୍ୟକ୍ତି ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ମୃତଦେହ ଭାସୁଥିବା ଦେଖି ସରପଞ୍ଚ ହୃଷୀକେଶ ରାଉତରାୟଙ୍କୁ ଜଣାଇଥିଲେ। ପରେ ପୋଲିସ ଏବଂ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଖରୀ ପାହାଚରୁ ମୃତକଙ୍କ ଡ୍ରେସ, ଚପଲ ଓ ୪ଶହ ଟଙ୍କା ପୋଲିସ ଜବତ କରିଛି। ପୋଲିସ ଅପମୃତ୍ୟୁ ମାମଲା (ନଂ.୩/୨୧)ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

### ଅପହୃତା ନାବାଳିକା ଉଦ୍ଧାର

**କଣ୍ଟାପଡ଼ା, ୪।୪(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ସିରୋସୁନ୍ଦରପୁର ଗ୍ରାମରୁ ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ରବିବାର ଉଦ୍ଧାର କରିଛି। ଏଥିସହ ସଂପୃକ୍ତ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗତ ୩୧ ତାରିଖରେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ନାବାଳିକା ତାଙ୍କ ଭିଣୋଇଙ୍କ ସହ ଘରକୁ ଫେରୁଥିଲେ। ସନ୍ଧ୍ୟାରେ ଗୋବିନ୍ଦପୁର ଥାନା ନାହାଳପୁର ବଜାରରେ ଭିଣୋଇ ଗାଡି ରଖି ଦୋକାନରୁ ଜିନିଷ କିଣୁଥିବାବେଳେ ସମ୍ପୃକ୍ତ ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୭/୨୧) ରୁଜୁ କରିଥିଲା।

### ଦାଦାବଟି ଆଦାୟ ଅଭିଯୋଗରେ ୬ ଗିରଫ

**ପୁରୀ ଅଫିସ, ୪।୪:** ପୁରୀ ବାସେଲୀ ସାହି ଥାନା ପୋଲିସ ଦାଦାବଟି ମାଗିବା ଅଭିଯୋଗରେ ରବିବାର ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଲୀ ସାହି ଥାନା ଜଗନ୍ନାଥ ବସ୍ତିର ରମେଶ ବେହେରା, ମିଶ୍ର ସାହି ଅଲେଇ ମନ୍ଦିର ନିକଟ କୁଲଦୀପ୍ ବାର୍ନାଜୀ, ମାର୍କେଣ୍ଡେଶ୍ୱର ସାହି ନୋଳିଆ ଗଳିର ମିଟୁ ବେହେରା, ବାସେଲୀ ସାହି ମୁଦୁଲି ଯାଗା ଅଞ୍ଚଳର ଜିତେନ୍ଦ୍ର ଷଡଙ୍ଗୀ, ବାରବାଟୀ କଲ୍ୟାଣ ମଣ୍ଡପ ନିକଟ କୃଷ୍ଣଚନ୍ଦ୍ର ପଲେଇ ଏବଂ ମାଟିତୋଟା ମଙ୍ଗଳା ଲେନ୍‌ର ଶିବନାରାୟଣ ବିଶ୍ୱାଳ। ଏମାନଙ୍କଠାରୁ ୬ଶହ ୫୦ ଟଙ୍କା ଓ ଗୋଟିଏ ଖେଳଣା ବନ୍ଧୁକ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୫୪/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ବାସେଲୀ ସାହି ଥାନା ପୋଲିସ ଲକ୍ଷ୍ମୀବଜାର ଗଡନ୍ତି ଛକ ନିକଟରେ ପରିବା ଦୋକାନୀ ଓ ପର୍ଯ୍ୟଟକଙ୍କଠାରୁ କେତେଜଣ ବ୍ୟକ୍ତି ଦାଦାବଟି ଆଦାୟ କରୁଥିବା ଖବର ପାଇଥିଲା। ଆଇଆଇସି ସଞ୍ଜୀବ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଥିଲା।

# ସରକାରଙ୍କ ବୋଝ କମାଉଛନ୍ତି ସ୍ୱାବଲମ୍ବୀ କଏଦୀ

- ଉଦାହରଣ ସାଜିଛି ଝାରପଡ଼ା ସ୍ୱତନ୍ତ୍ର କାରାଗାର
- ଜେଲ ଶିଳ୍ପ କାରବାର ୭୮ଲକ୍ଷ ଟପିଲା

ସୁଶାନ୍ତ କୁମାର ସାହୁ
ଭୁବନେଶ୍ୱର, ୪।୪(ବ୍ୟୁରୋ)

ଜେଲ ସଂସ୍କାରରୁ ମିଳିଲା ସଫଳତା। କାରାଗାର ଶିଳ୍ପରୁ ସ୍ୱାବଲମ୍ବୀ ହେଲେ କଏଦୀ, ଆଉ କମିଲା ସରକାରଙ୍କ ବୋଝ। ଏବେ କଏଦୀମାନେ କେବଳ ଚାରିକାନ୍ଥ ଭିତରେ ନ ରହି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ରୋଜଗାର କରୁଛନ୍ତି। ଏପଟେ କଏଦୀଙ୍କ ଦ୍ୱାରା ତିଆରି ସାମଗ୍ରୀ ବିକ୍ରିରୁ ଲାଭ ବି ମିଳୁଛି। ଏହି ଲାଭାଂଶ କଏଦୀ ମଙ୍ଗଳ ପାଣ୍ଠିରେ ରହିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ ହେଉଛି। ଜେଲ୍ ପରିଚାଳନା ସହ କଏଦୀଙ୍କ ପାଇଁ ଯାହା ସରକାର ଖର୍ଚ୍ଚ କରୁଥିଲେ ତାହାର କିଛି ଅଂଶ ଏଥିରୁ ଭରଣା କରାଯାଇ ପାରୁଛି। ଏଭଳି ସଂସ୍କାରମୂଳକ ପଦକ୍ଷେପ ନେଇ ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର କାରାଗାର ଉଦାହରଣ ପାଲଟିଛି।

କନ୍ଧମାଳ ହଳଦୀଠାରୁ ମାଣ୍ଡିଆ ଚୂନା, ମୁଢ଼ି, କଫି, କମ୍ପୋଷ୍ଟରୁ ଫିନାଇଲ୍ ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିରେ ୧୦ଜଣ ମହିଳା କଏଦୀ ନିୟୋଜିତ ଥିବାବେଳେ ୭୦ଜଣ ସଜା ଭୋଗୁଥିବା ପୁରୁଷ କଏଦୀ ଅନ୍ୟ କେତେକ କାର୍ଯ୍ୟ କରୁଛନ୍ତି। ଜେଲ ପରିସର କ୍ୟାଣ୍ଟିନରେ କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଉପମା, ଚକୁଳି ଓ ଇଡ୍‌ଲି ମିଳୁଛି। କେବଳ ସେତିକି ନୁହେଁ, ଏଠାରେ ତିଆରି ବ୍ଲାଙ୍କେଟଗୁଡିକ ରାଜ୍ୟର ୮୬ ଜେଲକୁ ଯାଉଛି। ସେହିଭଳି ପୁରୁଷ କଏଦୀମାନେ କମ୍ପୋଷ୍ଟ ତିଆରି କରୁଥିବାବେଳେ କଳା ଓ ଧଳା ଫିନାଇଲ ଅବିଭକ୍ତ ପୁରୀ ଜିଲାରେ ଥିବା ଜେଲକୁ ପଠାଯାଉଛି। କାରାଗାର ଶିଳ୍ପ ସାମଗ୍ରୀର ଚାହିଦା ବଢ଼ିବା ପରେ ନିକଟରେ ଜେଲ ପକ୍ଷରୁ ଏକ ବିକ୍ରୟ କେନ୍ଦ୍ର ଖୋଲାଯାଇଛି। ଫଳରେ ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ ୭୮ ଲକ୍ଷ ୫ ହଜାର ୨୪୯ ଟଙ୍କାର କାରବାର ହୋଇଛି। କ୍ୟାଣ୍ଟିନ ବେପାର ସର୍ବାଧିକ ୫୬,୬୪,୭୮୦ ରହିଥିବାବେଳେ ଖାଦ୍ୟ ପ୍ରକ୍ରିୟାକରଣ ବାବଦ ୩,୦୭,୩୧୧, ମ୍ୟାନୁଫାକ୍ଚରିଂ ୯,୮୬୮୪୦, ଟେଲିଫୋନ ୫,୮୧,୩୦୦, ଲଣ୍ଡ୍ରି ଓ ଥିଏଟର ୪୮,୯୪୫, ଅଡିଟ୍ ରିକଭରି ୧,୭୭,୧୦୯ ଏବଂ ଅନ୍ୟାନ୍ୟ ସୂତ୍ରରୁ ୩୮,୯୬୪ ଟଙ୍କା କାରବାର ହୋଇଛି।

## ସୁଯୋଗ ସୃଷ୍ଟିକଲା ବିକ୍ରୟ କେନ୍ଦ୍ର




ଗତ ଜାନୁୟାରୀ ପହିଲାରେ କାରାଗାର ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କଦ୍ୱାରା ଜେଲ ଫାଟକ ନିକଟରେ କାରାଗାର ଶିଳ୍ପ ସାମଗ୍ରୀ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏଠାରେ କନ୍ଧମାଳ ହଳଦୀ, ଅଟା, ବେସନ, ମୁଢ଼ି, ସୋରିଷ ତେଲ, ମାଣ୍ଡିଆ ଚୂନା, ସୋରିଷ ପିଡିଆ, କମ୍ପୋଷ୍ଟ, କୋରାପୁଟ କଫି, କୋରାପୁଟ କଳାଜିରା ଚାଉଳ, ଝୁଣା, ଧଳା ଫିନାଇଲ ଆଦି ବିକ୍ରି ହେଉଛି। ଏହି କାଉଣ୍ଟର ଛୁଟିଦିନ ବ୍ୟତୀତ ଅନ୍ୟ ସବୁଦିନ ସକାଳ ୮ଟାରୁ ୧୨ଟା ଓ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲୁଛି। ଏହି ବିକ୍ରୟ କେନ୍ଦ୍ରରେ ଖୋଲିବା ଦିନଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ୩ମାସରେ ୩ଲକ୍ଷ ୭ହଜାର ୩୧୧ ଟଙ୍କା ବିକ୍ରି ହୋଇଛି। ପ୍ରତି ମାସରେ ବେପାର ଓ ଆୟ ବଢୁଥିବାରୁ କଏଦୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

## ନିଜ ପ୍ରସ୍ତୁତ ଅଟାରେ କଏଦୀଙ୍କୁ ରୁଟି



ପୂର୍ବରୁ କଏଦୀଙ୍କ ଖାଦ୍ୟ ପ୍ରସ୍ତୁତି ପାଇଁ ବଜାରରୁ ଅଟା କିଣାଯାଉଥିଲା। କିନ୍ତୁ ଏପ୍ରିଲରୁ କଏଦୀଙ୍କଦ୍ୱାରା ପ୍ରସ୍ତୁତ ଅଟାରେ ରୁଟି ଦିଆଯାଉଛି। ଏହାଦ୍ୱାରା ଦୈନିକ ୨୦୦ କିଲୋ ଅଟା ହିସାବରେ ମାସକୁ ୧ଲକ୍ଷ ୮୦ ହଜାର ଟଙ୍କା ଓ ବାର୍ଷିକ ୨୨ ଲକ୍ଷ ଟଙ୍କା ରହିଗଲା। ଏହାର ଲାଭାଂଶ ସିଧାସଳଖ କଏଦୀ ମଙ୍ଗଳ ପାଣ୍ଠିକୁ ହିଁ ଯିବ।

### ୫ଟଙ୍କାରେ ମୋଟିଭେଶନାଲ ସିନେମା

କଏଦୀଙ୍କପାଇଁ ଜେଲ ପରିସରରେ ମିନି ଥିଏଟର ରହିଛି। ଏଠାରେ ଏକାଥରକେ ୧୦୦ଜଣ ବସିପାରୁଥିବାବେଳେ ପ୍ରତି ଟିକେଟ ମୂଲ୍ୟ ୫ଟଙ୍କା ରଖାଯାଇଛି। ଦୈନିକ ଗୋଟିଏ ଶୋ ରହିଥିବାବେଳେ କେବଳ ମୋଟିଭେଶନାଲ ସିନେମା ପ୍ରଦର୍ଶିତ କରାଯାଉଛି। ସିନେମା ଦ୍ୱାରା କଏଦୀଙ୍କୁ ମନୋରଞ୍ଜନ ସହ ମାନସିକ ସ୍ଥିତିରେ ପରିବର୍ତ୍ତନ ଅଣାଯିବାକୁ ଚେଷ୍ଟା କରାଯାଉଛି।

### ଖୋଲିବ ଫୁଡ୍ ସେଣ୍ଟର

ବିକ୍ରୟ କେନ୍ଦ୍ର ଭଳି ଖୁବଶୀଘ୍ର ଝାରପଡା ସ୍ୱତନ୍ତ୍ର ଜେଲ୍‌କୁ ଲାଗି ଫୁଡ୍ ସେଣ୍ଟର ଖୋଲିବ। ଏଠାରେ କଏଦୀଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ପରଷାଯିବ। ପୂର୍ବରୁ ଅର୍ଡର ଦେଲେ ଚକୁଳି, ଇଡ୍‌ଲି, ଭେଜ୍ ବିରିୟାନୀ, ମାଣ୍ଡିଆ ଇଡ୍‌ଲି, ମାଣ୍ଡିଆ ରସଗୋଲା, ସୁଆଁ ଚାଉଳ ଖିରି ଆଦି ଯୋଗାଇ ଦିଆଯିବ। ଏହାର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଜେଲ୍ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଏହା ସମ୍ପୂର୍ଣ୍ଣଭାବେ କ୍ୟାଟରିଂ ଷ୍ଟାଇଲରେ ହେବ। ଆୟ କଏଦୀ ମଙ୍ଗଳ ପାଣ୍ଠିରେ ରହିବ।

### ଖୁବ୍‌ଶୀଘ୍ର କଏଦୀଙ୍କ ପାଇଁ ଜିମ୍ନାସିୟମ

କଏଦୀମାନଙ୍କର ସୁସ୍ଥ ଭାବେ ବଞ୍ଚିବାର ଅଧିକାର ରହିଛି। ତେଣୁ ସେମାନଙ୍କ ପାଇଁ ଜେଲ ପରିସରରେ ଖୋଲିବାକୁ ଯାଉଛି ଜିମ୍ନାସିୟମ। ଏଥିପାଇଁ ୨ଟି ମେଶିନ ଆସିଥିବାବେଳେ ଆହୁରି ୧୦ଟି ଉପକରଣ ଆସିବ। ଏହାପରେ ଜିମ୍ନାସିୟମକୁ ଆନୁଷ୍ଠାନିକ ଭବେ ଉଦ୍‌ଘାଟନ କରାଯିବ ବୋଲି ସୂଚନା ମିଳିଛି।



“କାରାଗାର ଶିଳ୍ପ ସାମଗ୍ରୀ ବିକ୍ରୟ କେନ୍ଦ୍ରରେ ମିଳୁଥିବା ଜିନିଷଗୁଡିକ ଉନ୍ନତ ମାନର ଓ କମ୍ ଦାମ୍‌ର। କିନ୍ତୁ ଜେଲ୍ ଭିତରେ ପ୍ରସ୍ତୁତ ବ୍ଲାଙ୍କେଟଗୁଡିକ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ ହେଉନାହିଁ। ବ୍ଲାଙ୍କେଟଗୁଡିକ ମିଳିଲେ ଭଲ ହୁଅନ୍ତା।

- ପି. ଜେନା, ସ୍ଥାନୀୟ ବାସିନ୍ଦା

### କେମିତି ଖର୍ଚ୍ଚ ହେଉଛି କଏଦୀ ମଙ୍ଗଳ ପାଣ୍ଠି

କଏଦୀଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇ ଆସୁଥିବା ଆୟ କଏଦୀ ମଙ୍ଗଳ ପାଣ୍ଠିରେ ରହୁଛି। କୌଣସି କଏଦୀଙ୍କର ଜେଲରେ ମୃତ୍ୟୁ ହେଲେ ତାଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉଛି। କଏଦୀଙ୍କ ମେଧାବୀ ପିଲାଙ୍କ ପାଠପଢା ଖର୍ଚ୍ଚ ତୁଲାଯାଉଛି। କଏଦୀଙ୍କ ପରିବାରର କେହି କ୍ୟାନ୍‌ସର ପରି ରୋଗରେ ପଡ଼ିଲେ ଏହି ପାଣ୍ଠିରୁ ସହାୟତାର ବ୍ୟବସ୍ଥା ରହିଛି। ସେହିଭଳି ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ଆଦି ବିଭିନ୍ନ ସମୟରେ ପ୍ରତିଯୋଗିତା କରାଯାଇ କଏଦୀଙ୍କୁ ପୁରସ୍କୃତ କରାଯାଉଛି। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏହି ଅର୍ଥ ଖର୍ଚ୍ଚ ହେଉଛି।



“ନିୟମିତଭାବେ କାରାଗାର ସାମଗ୍ରୀ ବିକ୍ରୟ କେନ୍ଦ୍ରରୁ ହଳଦୀ, ଅଟା ଆଦି ଜିନିଷ କିଣି ବ୍ୟବହାର କରୁଛୁ। ଏହା ଉନ୍ନତମାନର ରହୁଛି। ଜେଲରେ ପ୍ରସ୍ତୁତ ଅନ୍ୟ ସାମଗ୍ରୀ ଏଠାରେ ମିଳିଲେ ଭଲ ହୁଅନ୍ତା। ଛୁଟିଦିନରେ ବି ବିକ୍ରୟ କେନ୍ଦ୍ର ଖୋଲାଯିବା ଉଚିତ।

- ଜିଲେନ କୁମାରୀ, ସ୍ଥାନୀୟ ବାସିନ୍ଦା

**“ବର୍ଷକୁ କୋଟିଏ ଟଙ୍କାର କାରବାର ଲକ୍ଷ୍ୟ**



ସଜା କାଟୁଥିବା କଏଦୀ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେବା ବାଧତାମୂଳକ। କିନ୍ତୁ ବିଚାରାଧୀନ ଅଭିଯୁକ୍ତଙ୍କ ପାଇଁ କୌଣସି ବାଧବାଧକତା ନାହିଁ। କାମ କରିବାକୁ ଇଚ୍ଛାପ୍ରକାଶ କଲେ ସେମାନେ ଲିଖିତଭାବେ ଅନୁମତି ମାଗିବେ। ପରେ ଶିଳ୍ପ ସାମଗ୍ରୀ ପ୍ରସ୍ତୁତି ସହ ବିକ୍ରୟ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହୋଇ ରୋଜଗାର କରିପାରିବେ। ଏସବୁ କାରବାରରୁ ୨୦୨୦-୨୧ ବର୍ଷ ଅର୍ଥାତ୍ ମାର୍ଚ୍ଚ ୩୧ ସୁଦ୍ଧା ୭୮ ଲକ୍ଷ ୫ ହଜାର ୨୪୯ ଟଙ୍କା ଆୟ ହୋଇଛି। ଏହା କ୍ୟାଣ୍ଟିନ, ଖାଦ୍ୟ ପ୍ରକ୍ରିୟାକରଣ, ଟେଲିଫୋନ, ଲଣ୍ଡ୍ରି, ଥିଏଟର ଓ ଅନ୍ୟାନ୍ୟ ସୂତ୍ରରୁ ଆସିଛି। ଏଥିଯୋଗୁ ସରକାରଙ୍କ ଉପରେ ଆର୍ଥିକ ବୋଝ କମୁଛି। ତେବେ ଆସନ୍ତା ବର୍ଷ ୧ କୋଟି ଆୟ ଲକ୍ଷ୍ୟ ରଖାଯାଇଛି।

- ଧୀରେନ୍ଦ୍ରନାଥ ବାରିକ, ଅଧୀକ୍ଷକ, ଝାରପଡା ସ୍ୱତନ୍ତ୍ର ଜେଲ

# ଥାନା ଓଆଇସିଙ୍କୁ ବହିଷ୍କାର ଲାଗି ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ହେଲ୍‌ମେଟ ପାଇଁ ଗର୍ଭବତୀଙ୍କୁ ରାସ୍ତାରେ ଚଲାଇବା ଘଟଣା**

ଭୁବନେଶ୍ୱର,୪।୪(ବ୍ୟୁରୋ)

ହେଲମେଟ୍ ପିନ୍ଧି ନ ଥିବାରୁ ମୟୂରଭଞ୍ଜ ଜିଲା ଶରତ ଥାନାର ଓଆଇସି ରୀନା ବକ୍ସଲା ଜଣେ ୮ମାସର ଗର୍ଭବତୀଙ୍କୁ ୩ କି.ମି. ଚଲାଇବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଓଆଇସିଙ୍କୁ ଚାକିରିରୁ ବହିଷ୍କାର କରିବା ସହ ନିର୍ଯାତନାର ଶିକାର ଦମ୍ପତିଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ଏହି କ୍ଷତିପୂରଣ ରାଶି ସଂପୃକ୍ତ ପୋଲିସ ଅଫିସରଙ୍କ ନିକଟରୁ ଆଦାୟ କରିବାକୁ ମାନବାଧିକାର କର୍ମୀ ଜୟନ୍ତ ଦାସ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ଘଟଣାକୁ ଗୁରୁତ୍ୱର ସହ ନେବା ସହ ପିଟିଶନକୁ ଗ୍ରହଣ କରିଛନ୍ତି।

ସୂଚନା ଯୋଗ୍ୟ, ଗତ ୨୮ ତାରିଖରେ ଶରତ ଥାନା ବେଗୁନିଆ ଛକରେ ହେଲମେଟ୍ ଯାଞ୍ଚ ଚାଲିଥିଲା। ଏହି ସମୟରେ ବିକ୍ରମ ବିରୁଲି ତାଙ୍କ ଗର୍ଭବତୀ ସ୍ତ୍ରୀ ଗୁରୁବାରୀଙ୍କୁ ଚେକ୍‌ଅପ୍ ପାଇଁ ବାଇକ୍‌ରେ ଉଦଳା ଡାକ୍ତରଖାନା ନେଉଥିଲେ। ବିକ୍ରମ ମାସ୍କ ଓ ହେଲମେଟ୍ ପିନ୍ଧିଥିବାବେଳେ ତାଙ୍କ ସ୍ତ୍ରୀ ହେଲମେଟ୍ ପିନ୍ଧି ନ ଥିଲେ। ଓଆଇସି ରୀନା ସେମାନଙ୍କୁ ଅଟକାଇ ଚାଲାଣ କାଟିଥିଲେ। ଜରିମାନା ଦେବାକୁ ବିକ୍ରମଙ୍କ ନିକଟରେ ଟଙ୍କା ନ ଥିବାରୁ ଓଆଇସି ବିକ୍ରମଙ୍କୁ ଜିପ୍‌ରେ ବସାଇ ଥାନାକୁ ନେଇଯାଇଥିଲା। ଗର୍ଭବତୀ ଥିବା ସ୍ତ୍ରୀ ଗୁରୁବାରୀଙ୍କୁ ମଧ୍ୟ ସାଙ୍ଗରେ ନେଇଯିବା ପାଇଁ ବିକ୍ରମ ଓଆଇସିଙ୍କୁ ଅନୁରୋଧ କରିଥିଲେ। ହେଲେ ସେ ଏହା ନ ଶୁଣି ବିକ୍ରମଙ୍କୁ ଥାନାକୁ ନେଇ ୩ଘଣ୍ଟା ଅଟକ ରଖିଥିଲେ। ଅନ୍ୟପଟେ ସ୍ୱାମୀଙ୍କୁ ଖୋଜି ଖୋଜି ଗୁରୁବାରୀ ପ୍ରଚଣ୍ଡ ଖରାରେ ୩ କି.ମି. ଚାଲି ଚାଲି ଥାନାରେ ପହଞ୍ଚିବା ପରେ ଅସୁସ୍ଥ ହୋଇପଡିଥିଲେ। ଥାନାରୁ ଫେରିବା ପରେ ଏ ସମ୍ପର୍କରେ ସ୍ୱାମୀସ୍ତ୍ରୀ ଏସ୍‌ଡିପିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ମୟୂରଭଞ୍ଜ ଏସ୍‌ପି ସମ୍ପୃକ୍ତ ଓଆଇସି ରୀନା ବକ୍ସଲାଙ୍କୁ ନିଲମ୍ବିତ କରିବା ସହ ଦୁଇ କନ୍‌ଷ୍ଟେବଲଙ୍କୁ ଅନ୍ୟତ୍ର ବଦଳି କରିଥିଲେ।




ଛତିଶଗଡ଼ରେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଦାବି ପୂରଣ ନ ହେଲେ ବଡ଼ ଆନ୍ଦୋଳନ

ଭୁବନେଶ୍ୱର, ୪।୪ (ବ୍ୟୁରୋ)

**ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନର ରାଜ୍ୟସ୍ତରୀୟ ସମ୍ମିଳନୀ**



ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନର ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ପ୍ରଭୁଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସଭାପତି ହିରଣ୍ମୟ ପାଣ୍ଡ୍ୟା ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ଦେଶର ବିକାଶ କ୍ଷେତ୍ରରେ ଅଙ୍ଗନୱାଡ଼ି କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନକୁ ପ୍ରଶଂସା କରିବା ସହ ସେମାନଙ୍କ ଚାକିରିର ସ୍ଥାୟିତ୍ୱ ଓ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ। ସମ୍ମାନିତ ଅତିଥି ରୂପେ ଭାରତୀୟ ମଜଦୁର ସଂଘର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଗଣେଶ ପ୍ରସାଦ ମିଶ୍ର, ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଅଙ୍ଗନୱାଡ଼ି କର୍ମଚାରୀ ସଂଘ ସଭାନେତ୍ରୀ ସୌଦାମିନୀ ଦାସ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦିକା ସୁମିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ମଧ୍ୟରେ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରିବା, ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା ଦ୍ୱାରା ୪ ଲକ୍ଷ ଓ ସାଧାରଣ ମୃତ୍ୟୁରେ ୨ ଲକ୍ଷ ଟଙ୍କା ପ୍ରଦାନ କରିବା, କେନ୍ଦ୍ର ସରକାର ଘୋଷଣା କରିଥିବା ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ବନ୍ଧୀୟ ୫ ଲକ୍ଷ ଟଙ୍କାର ସହାୟତା କାର୍ଯ୍ୟକାରୀ କରାଯିବା, ପେନସନ ଯୋଜନାର ବୟସସୀମା ୪୦ ବର୍ଷ ପରିବର୍ତ୍ତେ ୬୦ ବର୍ଷକୁ ବୃଦ୍ଧି କରିବା, ରାଜ୍ୟ ସରକାର ଘୋଷଣା କରିଥିବା ଅବସର ବୟସସୀମା ୬୨ବର୍ଷକୁ କଡ଼ାକଡ଼ି ଭାବରେ ଲାଗୁ କରିବା, ଅନ୍ୟ ରାଜ୍ୟ ପରି ଅଙ୍ଗନୱାଡ଼ି କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ଆଦି ରହିଛି। ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାର ଏସବୁ ଦାବିଗୁଡ଼ିକ ପୂରଣ ନ କଲେ ବ୍ଲକ, ଜିଲା, ରାଜ୍ୟ ଓ କେନ୍ଦ୍ରସ୍ତରରେ ଆନ୍ଦୋଳନ କରାଯିବା ପାଇଁ ସମ୍ମିଳନିରେ ନିଷ୍ପତ୍ତି ନିଆଯାଇଛି।

# ୬ମାସରେ ମିଳିଛି ୧୧.୨୪ କୋଟି

**ଫ୍ୟାନ୍ସି ନମ୍ବରରୁ ରେକର୍ଡ ଆଦାୟ**

ଭୁବନେଶ୍ୱର,୪।୪




ଫ୍ୟାନ୍ସି ଏବଂ ପସନ୍ଦ ଯୋଗ୍ୟ ରେଜିଷ୍ଟ୍ରେଶନ ନମ୍ବର ବାବଦରେ ଗତ ୬ମାସ ଅର୍ଥାତ୍ ୨୦୨୦ ଅକ୍ଟୋବରରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ରାଜ୍ୟ ସରକାର ୧୧.୨୪କୋଟି ଟଙ୍କା ପାଇଛନ୍ତି। ଏନେଇ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଟୁଇଟ କରି ଜଣାଇଛନ୍ତି। ପୂର୍ବବର୍ଷ ଏହି ସମୟ ଅର୍ଥାତ୍ ୨୦୧୯ ଅକ୍ଟୋବରରୁ ୨୦୨୦ ମାର୍ଚ୍ଚ ମଧ୍ୟରେ ଫ୍ୟାନ୍ସି ନମ୍ବର ବାବଦକୁ ୬କୋଟି ଟଙ୍କା ମିଳିଥିଲା। ଚଳିତବର୍ଷ ଏହା ୨ଗୁଣ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି ନୀତି ଆଧାରରେ ଏସ୍‌ଟିଏ ଗତ ଅକ୍ଟୋବର ୬ତାରିଖରୁ ଡିଲର ପଏଣ୍ଟ ଅଟୋମେଶନ ବ୍ୟବସ୍ଥା ଆରମ୍ଭ କରିଥିଲା। ଦେଶରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯିଏକି ଡିଲରଙ୍କ ଡିଜିଟାଲ ସିଗ୍ନେଚର ମାଧ୍ୟମରେ କାଗଜ ବିହୀନ ଏବଂ କଣ୍ଟାକ୍ଟ ଲେସ୍ ଗାଡ଼ି ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରିଥିଲା। ଫଳରେ ସ୍ୱୟଂକ୍ରୀୟ ଭାବେ ଗାଡ଼ିର ପଞ୍ଜୀକରଣ କମ୍ପ୍ୟୁଟର ମାଧ୍ୟମରେ କରାଯାଇପାରୁଛି। ଏହାଦ୍ୱାରା ଗାଡ଼ି କିଣୁଥିବା ମାଲିକମାନେ ରାଜ୍ୟର ଯେକୌଣସି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)କୁ ବ୍ୟକ୍ତିଗତଭାବେ ନ ଯାଇ ମଧ୍ୟ ଅନ୍‌ଲାଇନ ମାଧ୍ୟମରେ ଗାଡ଼ି ପଞ୍ଜୀକରଣ କରିପାରୁଛନ୍ତି। ପୂର୍ବରୁ ଗାଡ଼ି ପଞ୍ଜୀକରଣ ନିମନ୍ତେ ସର୍ବନିମ୍ନ ୫ ରୁ ୭ଦିନ ଲାଗୁଥିବାବେଳେ ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାରେ ଗୋଟିଏ ଦିନରେ ଗାଡ଼ି ପଞ୍ଜୀକରଣ ନମ୍ବର ମିଳିପାରୁଛି। ସ୍ୱୟଂକ୍ରୀୟ ବ୍ୟବସ୍ଥାରେ ଗାଡ଼ି ପଞ୍ଜୀକରଣ ଆରମ୍ଭ ହେବା ପରେ ୧୧,୫୪୩ଜଣ ଗାଡ଼ି ମାଲିକ ସେମାନଙ୍କ ପସନ୍ଦର ନମ୍ବର ପାଇଁ ଆବେଦନ କରିଥିବାବେଳେ ଗତବର୍ଷ ଏହି ସମୟ ମଧ୍ୟରେ ମାତ୍ର ୫,୫୬୨ ଜଣ ଆବେଦନ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ-୧ ରେ ସର୍ବାଧିକ ୨.୮୧କୋଟି ଟଙ୍କା ଆଦାୟ କରାଯାଇଥିବାବେଳେ କଟକ ଆର୍‌ଟିଓରେ ୧.୨୩ କୋଟି ଟଙ୍କା ଆଦାୟ ହୋଇଛି। ଓଡି-୦୨ ଏକ୍ସଏକ୍ସ ୦୦୦୧ ନମ୍ବର ପାଇଁ ସର୍ବାଧିକ ୧.୭୫ଲକ୍ଷ ଟଙ୍କା ଆଦାୟ କରାଯାଇଛି।

୨୦୧୬ ଜୁନ୍‌ରେ ପ୍ରଥମ ଥର ପାଇଁ ଏସ୍‌ଟିଏ ରାଜ୍ୟରେ ‘ଫ୍ୟାନ୍ସି ରେଜିଷ୍ଟ୍ରେଶନ ନମ୍ବର’ ନିଲାମ ଏବଂ ‘ଆଡ୍‌ଭାନ୍ସ ରେଜିଷ୍ଟ୍ରେଶନ ନମ୍ବର’ ବୁକିଂ ବ୍ୟବସ୍ଥା ଆରମ୍ଭ କରିଥିଲେ। ଫ୍ୟାନ୍ସି ନମ୍ବର ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ସେମାନଙ୍କ ନାମ ଏବଂ ପସନ୍ଦଯୋଗ୍ୟ ନମ୍ବରକୁ ପ୍ରତ୍ୟେକ ମାସର ୧ ରୁ ୭ତାରିଖ ମଧ୍ୟରେ ଆବେଦନ କରିପାରିବେ। ୮ରୁ ୧୫ତାରିଖ ମଧ୍ୟରେ ଏହାର ଅନ୍‌ଲାଇନ ନିଲାମ କରାଯାଇଥାଏ। ନିର୍ଦ୍ଦିଷ୍ଟ ନମ୍ବର ପାଇଁ ସର୍ବାଧିକ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ନମ୍ବର ପ୍ରଦାନ କରାଯାଇଥାଏ। ଅନ୍‌ଲାଇନ ନିଲାମ ୪ଟି ବର୍ଗରେ ୬୧ଟି ବିଜ୍ଞପିତ ନମ୍ବର ପାଇଁ ଉଦ୍ଦିଷ୍ଟ ଅଟେ। ୦୦୦୧ ଏବଂ ୦୦୦୯ ନମ୍ବର ପାଇବାକୁ ସର୍ବାଧିକ ୧ଲକ୍ଷ ଟଙ୍କା ମୂଳ ରାଶି ରଖାଯାଇଥିବାବେଳେ ୨ୟ, ୩ୟ ଏବଂ ୪ର୍ଥ ବର୍ଗରେ ଯଥାକ୍ରମେ ୬୦ହଜାର, ୪୦ ହଜାର ଏବଂ ୨୦ହଜାର ଟଙ୍କା ମୂଳ ରାଶି ରଖାଯାଇଛି। ଉପରୋକ୍ତ ବର୍ଗରେ ଥିବା ନମ୍ବର ବ୍ୟତୀତ ଜଣେ ଗାଡ଼ି ମାଲିକ ତାଙ୍କ ପସନ୍ଦ ଯୋଗ୍ୟ ନମ୍ବର ଆଗୁଆ ନେବାକୁ ଚାହିଁଲେ ସେମାନଙ୍କୁ ୨ଚକିଆ ଗାଡ଼ି ପାଇଁ ୫ହଜାର ଏବଂ ଅନ୍ୟ ସବୁ ଗାଡ଼ି ପାଇଁ ୧୦ହଜାର ଟଙ୍କା ପଇଠ କରିବାକୁ ପଡ଼ିଥାଏ। ତେବେ ଏହା ଫାଷ୍ଟ କମ୍ ଫାଷ୍ଟ ସର୍ଭ ନୀତି ଅନୁସାରେ ମିଳିଥାଏ। ଅର୍ଥାତ୍ ଯିଏ ଆଗୁଆ ଆବେଦନ କରିବ ସେ ସେହି ନମ୍ବର ପାଇବାକୁ ଯୋଗ ହେବ।



ଅଭିନେତା ଅକ୍ଷୟ କୁମାର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ଅକ୍ଷୟ ନିଜ ଟୁଇଟର ହ୍ୟାଣ୍ଡେଲରେ ଟୁଇଟ କରି ସୂଚନା ଦେଇଛନ୍ତି। ସେ ନିଜକୁ ହୋମ କ୍ୱାରାଣ୍ଟାଇନ୍‌ରେ ରଖିଛନ୍ତି। ତାଙ୍କ ସହିତ ମିଳାମିଶା କରିଥିବା ଲୋକେ ଶୀଘ୍ର ନିଜ ନିଜର ନମୁନା ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଅକ୍ଷୟ ସମ୍ପ୍ରତି ରାମସେତୁ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥିଲେ। ତେବେ ସେ କରୋନା ପଜିଟିଭ ହୋଇଥିବାରୁ ଫିଲ୍ମର ଶୁଟିଂ ଅଧାରେ ଅଟକି ଯାଇଛି। ଅକ୍ଷୟ ଛୁଟି ନେଇ ଘରକୁ ପଳାଇ ଆସିଛନ୍ତି। ସେହିପରି ଅଭିନେତା ଗୋବିନ୍ଦା ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

# ବନ୍ଦ ହେଲା ମିଲିଟାରି ଫାର୍ମ ସର୍ଭିସ

**ବ୍ରିଟିଶ୍ ଶାସନ ସମୟରୁ ୧୩୨ ବର୍ଷ ଧରି ଭାରତୀୟ ସେନା ପକ୍ଷରୁ ଜାରି ରହିଥିବା ମିଲିଟାରି ଫାର୍ମ ସର୍ଭିସକୁ ଔପଚାରିକ ଭାବେ ବନ୍ଦ କରିଦିଆଯାଇଛି। ଏହାପରେ ମିଲିଟାରି ଫାର୍ମର ଇତିହାସ, ଏହାକୁ କାହିଁକି ବନ୍ଦ କରାଗଲା ଏବଂ ଏହାର ଭବିଷ୍ୟତ କ'ଣ ହେବ ଏଭଳି ଅନେକ ପ୍ରଶ୍ନ ଉଠିଛି।**



**ନୂଆଦିଲ୍ଲୀ:** ବ୍ରିଟିଶ୍ ଶାସନ ସମୟରେ ଆହ୍ଲାବାଦ (ବର୍ତ୍ତମାନର ପ୍ରୟାଗରାଜ)ରେ ୧୮୮୯ରେ ଆରମ୍ଭ ହୋଇଥିଲା ପ୍ରଥମ ମିଲିଟାରି ଫାର୍ମ। ଏହାପରେ ଦେଶର ବିଭିନ୍ନ ସ୍ଥାନରେ ଏଭଳି କୃଷିଭିତ୍ତିକ ଫାର୍ମ ଗଢ଼ିଉଠିଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଯବାନଙ୍କ ଲାଗି ଉନ୍ନତମାନର ଦୁଗ୍ଧ, ଲହୁଣି ଉତ୍ପାଦନ କରି ଯୋଗାଣ କରିବା। ଏହି ପରିପ୍ରେକ୍ଷୀରେ ସେନା ହାତରେ ଥିବା ଜମିରେ ଗୋମହିଷାଦି ପ୍ରାଣୀଙ୍କ ଲାଗି ଚାରା ଉତ୍ପାଦନ ମଧ କରାଯାଉଥିଲା। ବନ୍ଦ ହେବା ପୂର୍ବରୁ ଭାରତରେ ଏଭଳି ୧୩୦ ଫାର୍ମ କାର୍ଯ୍ୟକ୍ଷମ ଥିଲା।

ଉଲ୍ଲେଖଯୋଗ୍ୟ, ସେନାର ସମସ୍ତ କମାଣ୍ଡସ୍ ଅଧୀନରେ ଏଭଳି ଫାର୍ମ ବିକଶିତ କରାଯାଇଥିଲା। ୧୯୨୫ ବେଳକୁ ଗୋ-ମହିଷାଦି ପ୍ରାଣୀଙ୍କ କୃତ୍ରିମ ପ୍ରଜନନ ଆରମ୍ଭ ହୋଇଥିଲା। ମିଲିଟାରି ଫାର୍ମରେ ପ୍ରଥମେ ଏହି କାର୍ଯ୍ୟ କରାଯାଉଥିଲା। ଏକଦା ମିଲିଟାରି ଫାର୍ମରେ ସବୁଠାରୁ ବେଶି ପାଳିତ ପ୍ରାଣୀ ରହୁଥିବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଏକ ତଥ୍ୟରେ କୁହାଯାଇଥିଲା। ପ୍ରାଣୀସମ୍ପଦର ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ମିଲିଟାରି ଫାର୍ମ ଦେଶର କୃଷି ମନ୍ତ୍ରଣାଳୟ ସହିତ ମିଳିତ ଭାବେ 'ପ୍ରୋଜେକ୍ଟ ଫ୍ରାଇଜୱାଲ୍' ଆରମ୍ଭ କରାଯାଇଥିଲା। ଏହାଥିଲା ପାଳିତ ପ୍ରାଣୀଙ୍କ କ୍ରଶ୍ ବ୍ରିଡିଂ ଲାଗି ସବୁଠାରୁ ବଡ଼ ଅଭିଯାନ।

**୧୩୨ ବର୍ଷ ଧରି ଯୋଗାଉଥିଲା ସେବା**

ଶ୍ୱେତ ବିପ୍ଲବ ପରବର୍ତ୍ତୀ ସମୟରେ ଦେଶରେ ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ଉତ୍ପାଦନ ଆଶାତୀତ ଭାବେ ବଢ଼ିଛି। ଡାଏରି ଉଦ୍ୟୋଗର ଏଭଳି ଅଭିବୃଦ୍ଧି ପରେ ମିଲିଟାରି ଫାର୍ମର ଆବଶ୍ୟକତା ହ୍ରାସ ପାଇଲା। ତେଣୁ ୨୦୧୩ରେ ଏଭଳି ମିଲିଟାରି ଫାର୍ମଗୁଡ଼ିକ ଅନୌପଚାରିକ ଭାବେ ବନ୍ଦ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୧୪ରେ ଏକ ଆଦେଶ ଅନୁଯାୟୀ ଡାଏରୀ ପ୍ରଡକ୍ଟ ଯୋଗାଣ ଦାୟିତ୍ୱ ମିଲିଟାରି ଫାର୍ମ ପରିବର୍ତ୍ତେ ଆର୍ମି ସର୍ଭିସ ଫୋର୍ସ ହାତରେ ନ୍ୟସ୍ତ କରାଯାଇଥିବା କୁହାଯାଇଥିଲା। ୨୦୧୬ରେ ଲ୍ୟୁଟନାଣ୍ଟ ଜେନେରାଲ ଡି. ବି. ସେକଟକର ମିଲିଟାରି ଫାର୍ମ ବନ୍ଦ କରିବା ଲାଗି ବିଧିବଦ୍ଧ ଭାବେ ପ୍ରସ୍ତାବ ଦେଇଥିଲେ। ଏହାପରେ ଫାର୍ମରେ ରହୁଥିବା ପ୍ରାଣୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଥିଲା। ୨୦୧୮ରେ ସମ୍ପୃକ୍ତ ରାଜ୍ୟର ଡାଏରି ଉଦ୍ୟୋଗଗୁଡ଼ିକୁ ଉକ୍ତ ପାଳିତ ପ୍ରାଣୀଙ୍କୁ ବିକ୍ରି କରି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

ମିଲିଟାରି ଫାର୍ମ ବନ୍ଦ ହେବା ପରେ ଉକ୍ତ ଜମି ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତ କ'ଣ ହେବ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି, ଫାର୍ମରେ ଥିବା ସ୍ଥାୟୀ କର୍ମଚାରୀଙ୍କୁ ଅନ୍ୟ ବିଭାଗକୁ ବଦଳି କରି ଦିଆଯିବ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କାର୍ମିକ ବିଭାଗରେ ଥଇଥାନ କରାଯାଇପାରେ। ତେବେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ପ୍ରଭାବିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ମିଲିଟାରି ଫାର୍ମ ବନ୍ଦ ପରେ ସରକାରଙ୍କ ବାର୍ଷିକ ୨୮୦ କୋଟି ଟଙ୍କାର ଖର୍ଚ୍ଚ କମିବ, ଯାହା ଫାର୍ମର ରକ୍ଷଣାବେକ୍ଷଣ, କର୍ମଚାରୀଙ୍କ ବେତନ ଏବଂ ପ୍ରାଣୀଙ୍କ ଲାଳନପାଳନରେ ଖର୍ଚ୍ଚ ହେଉଥିଲା। ସେହିପରି ମିଲିଟାରି ଫାର୍ମ ପାଇଁ ସେନା ଅଧୀନରେ ୨୦ ହଜାର ଏକର ମୂଲ୍ୟବାନ ଜମି ରହିଥିଲା। ଆଗାମୀ ଦିନରେ ଏହାକୁ ଅଧିଗ୍ରହଣ କରାଯିବ କି ନାହିଁ ସେ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

# ନେହାଙ୍କୁ ଚିଠି ଧରାଇଲେ ରେଖା



**ମୁମ୍ବାଇ:** ଇଣ୍ଡିଆନ ଆଇଡଲ ସିଜିନ ୧୨ ଷ୍ଟେଜ୍‌ରେ ଏଣ୍ଟ୍ରି ମାରିବା ପରେ ବର୍ଷୀୟାନ ଅଭିନେତ୍ରୀ ରେଖା ନିଆରା ଢଙ୍ଗରେ ଗାୟିକା ତଥା ଶୋ'ର ଜଜ୍ ନେହା କକ୍କରଙ୍କୁ ବିବାହର ଶୁଭେଚ୍ଛା ଜଣାଇଛନ୍ତି। ସ୍ୱତନ୍ତ୍ର ଅତିଥି ହୋଇ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ରେଖା ଏକ ହାତ ଲେଖା ଚିଠି ନେହାଙ୍କୁ ଧରାଇଥିଲେ। ନେହା ଓ ତାଙ୍କ ସ୍ୱାମୀ ରୋହନପ୍ରୀତଙ୍କୁ ସେମାନଙ୍କ ବିବାହ ପାଇଁ ରେଖା ଚିଠି ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ। ଏହା ସହ ରେଖା 'ଶାଦି କା ଶଗୁନ' ବା ଉପହାର ମଧ ଦେଇଥିଲେ। ନେହା ଗତ ବର୍ଷ ରୋହନପ୍ରୀତଙ୍କ ହାତ ଧରିଥିଲେ। ପ୍ରସିଦ୍ଧ ଚଳଚ୍ଚିତ୍ର 'ଉମରାଓ ଜାନ୍'ର ଅଭିନେତ୍ରୀ ରେଖାଙ୍କଠାରୁ ଏଭଳି ଶୁଭେଚ୍ଛା ଓ ଉପହାର ପାଇବା ପରେ ନେହା ଖୁସିରେ ନାଚି ଉଠିଥିଲେ। ଏହି ଅବସରରେ ନେହା ରେଖାଙ୍କୁ 'କୁଇନ୍ ଅଫ୍ ହାର୍ଟ' ବୋଲି ସମ୍ବୋଧନ କରିଥିଲେ।

# ୨ ଫୁଟ ବରଙ୍କୁ ୪ ଫୁଟ କନ୍ୟା

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ମୁମିଦିବରାମରେ ୨ ଫୁଟର ବର ଓ ୪ ଫୁଟର କନ୍ୟାଙ୍କ ବିବାହ ଚର୍ଚ୍ଚାରେ ରହିଛି। ବରକନ୍ୟା ଦୁଇଜଣ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ହୋଇଥିବାରୁ ଚର୍ଚ୍ଚରେ ବିବାହ ହୋଇଥିଲା। ଅତିଥିମାନେ ଏହି ବିବାହ ଉତ୍ସବରେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ବରକନ୍ୟାଙ୍କ ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ଏହି ବିବାହରେ ବହୁତ ଖୁସି ଅଛନ୍ତି। ମୁମିଦିବରାମ ବ୍ଲକ ଅନ୍ତର୍ଗତ ଶାନ୍ତିନଗର ନିବାସୀ ବର ଦେବରପଲ୍ଲୀ ଶ୍ରୀନିବାସ ସ୍ନାତକୋତ୍ତର ପଢ଼ିଛନ୍ତି। ଶ୍ରୀନିବାସ ଗ୍ରାଜୁଏଟ ହେବା ପରେ ତାଙ୍କ ପରିବାର ତାଙ୍କ ପାଇଁ ଝିଅ ଖୋଜା ଆରମ୍ଭ କରିଥିଲେ। ଶେଷରେ ଅମଲାପୁରମର ସାମାନାସା ଗାଁର ସତ୍ୟଦୁର୍ଗାଙ୍କୁ ବାଛିଥିଲେ। ଶାନ୍ତିନଗରରେ ଶ୍ରୀନିବାସଙ୍କ ବିବାହ ସମ୍ପନ୍ନ ହୋଇଛି।

# ଅଧା ଶରୀର ମେଶିନ

**ଲଣ୍ଡନ:** ଟେକ୍ନୋଲୋଜି କ୍ଷେତ୍ରରେ ଆଜି ବିଶ୍ୱ ବହୁ ଆଗକୁ ଯାଇଛି। ଯଦିଓ ବୈଜ୍ଞାନିକମାନେ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ସମ୍ପୂର୍ଣ୍ଣ ମଣିଷ ତିଆରି କରିପାରି ନାହାନ୍ତି ତଥାପି ଅଧା ମଣିଷ ଏବଂ ଅଧା ରୋବଟ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ବ୍ରିଟେନର ଜଣେ ବୈଜ୍ଞାନିକ ନିଜକୁ 'ରୋବୋ ମ୍ୟାନ'ରେ ପରିଣତ କରିଛନ୍ତି। ତାଙ୍କୁ ଦୁନିଆର ପ୍ରଥମ ରୋବୋ ମ୍ୟାନ କୁହାଯାଉଛି। ଏହି ବୈଜ୍ଞାନିକ ଡକ୍ଟର ପିଟର ସ୍କଟ ମୋର୍ଗାନ ଭାବରେ ଜଣାଶୁଣା। ତାଙ୍କୁ ୬୨ ବର୍ଷ। ସେ ନିଜକୁ ଜୀବିତ ରଖିବା ପାଇଁ ସାରା ବିଶ୍ୱରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଡକ୍ଟର ପିଟର ସ୍କଟ ମୋର୍ଗାନଙ୍କୁ ମୋଟର ନ୍ୟୁରନ ନାମକ ଏକ ସାଂଘାତିକ ରୋଗ ହୋଇଥିଲା। ଯେଉଁ କାରଣରୁ ତାଙ୍କ ମାଂସପେଶୀ ନଷ୍ଟ ହୋଇଯାଇଥିଲା। ତାଙ୍କ ଶରୀରର ଅଧା ଅଙ୍ଗ କାମ କଲା ନାହିଁ। ପରେ ସେ ବିଜ୍ଞାନକୁ ବ୍ୟବହାର କଲେ ଏବଂ ରୋବୋଟିକ୍ସ ବ୍ୟବହାର କରି ତାଙ୍କ ଜୀବନରେ ଏକ ନୂତନ ଦିଗ ଆରମ୍ଭ କଲେ। ବର୍ତ୍ତମାନ ଡକ୍ଟର ପିଟର ମେଶିନ ସାହାଯ୍ୟରେ ତାଙ୍କର ସମସ୍ତ କାର୍ଯ୍ୟ ସହଜରେ କରନ୍ତି। ଯାହା ଜଣେ ସୁସ୍ଥ ବ୍ୟକ୍ତି କରିପାରନ୍ତି। ୨୦୧୭ରେ ଡକ୍ଟର ମୋର୍ଗାନ ଏହି ବିରଳ ମାଂସପେଶୀ ନଷ୍ଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ୨୦୧୯ରେ ସେ ନିଜକୁ ଅଧା ମାନବ ଏବଂ ଅଧା ରୋବଟରେ ପରିଣତ କରିବା ଆରମ୍ଭ କଲେ। ଆଜି ସେ କେବଳ ଜୀବିତ ନୁହନ୍ତି ବରଂ ବିଶ୍ୱ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟିଛନ୍ତି। ସେ କୁହନ୍ତି, ମୁଁ ସବୁବେଳେ ବିଶ୍ୱାସ କରୁଥିଲି ଯେ, ଜୀବନରେ ଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଅନେକ ଖରାପ ଜିନିଷ ପରିବର୍ତ୍ତନ କରାଯାଇପାରିବ। ଯାହା ଆଜି ସମ୍ଭବ ହୋଇପାରିଛି। ବର୍ତ୍ତମାନ ସେ ଭେଣ୍ଟିଲେଟର ମାଧ୍ୟମରେ ନିଶ୍ୱାସ ନେଉଛନ୍ତି।



ଡକ୍ଟର ପିଟର ସ୍କଟ ମୋର୍ଗାନ

# କୁକୁର ପାଇଁ ଚେୟାର

**ନୂଆଦିଲ୍ଲୀ:** କୁକୁରକୁ ପାଖରେ ବସାଇବା ପାଇଁ ତିଆରି ହୋଇଛି ଏକ ସ୍ୱତନ୍ତ୍ର ଚେୟାର। ସୋସିଆଲ ମିଡିଆରେ ଏବେ ଏଭଳି ଏକ ଚେୟାର ଭାଇରାଲ ହେଉଛି, ଯେଉଁଥିରେ ଜଣେ ବ୍ୟକ୍ତି ନିଜ ପୋଷା କୁକୁର କିମ୍ବା ବିଲେଇଙ୍କୁ ଆରାମରେ ପାଖରେ ବସାଇ ପାରିବ। ଏଭଳି ଏକ ଚେୟାର ତିଆରି କରି ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଟୁଇଟର ବ୍ୟବହାରକାରୀ ସିମୋନୀ ଗୀର୍ଜା। ସେ ନିଜେ ଏଭଳି ଏକ ଚେୟାର କରିଥିବା କହିଛନ୍ତି। ଆଉ ଚେୟାରରେ କିଭଳି ଏକାଠି ପୋଷା କୁକୁର ସହିତ ଆରାମରେ ବସି ହେଉଛି ତାହା ଦର୍ଶାଇଛନ୍ତି। ଏହି ଚେୟାରରେ ସ୍ୱତନ୍ତ୍ର ଭାବରେ ଡ୍ରୟର ଏବଂ ଥାକ ମଧ ରଖାଯାଇଛି। ତେବେ ତାଙ୍କର ଏଭଳି ଚେୟାରକୁ ଦେଖି ଏବେ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ସୋସିଆଲ ମିଡିଆରେ ଲୋକେ ସିମୋନୀଙ୍କ ପ୍ରଶଂସା କରିବା ସହିତ ଚେୟାର କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।





## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସବିତା ଖଣ୍ଡୁଆଳ**
ଅବସରପ୍ରାପ୍ତ ଓ.ଇ.ଏସ୍.
ସ୍ୱାମୀ: ସ୍ତମ୍ଭକାର ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ,
କୋଟି ତୀର୍ଥ
ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ଆବିର୍ଭାବ: ୦୯।୧୨।୧୯୪୪
ଦେହାନ୍ତ: ୨୬।୦୩।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ପାଖରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ପୁତ୍ର: (ଦେବାଶିଷ, ଧର୍ମାଶିଷ), କନ୍ୟା: (ଦେବସ୍ମିତା), ଜ୍ୱାଇଁ: (ଦେବୀ ପ୍ରସାଦ), ପୁତ୍ରବଧୂ (ରଶ୍ମିତା, ସୁଜାତା), ନାତି-ନାତୁଣୀ: ଦିବ୍ୟ ପ୍ରକାଶ, ମୌସୁମୀ, ଦୀପ୍ତିଶିଖା, ତ୍ରିନଭ, ଦେବଯାନୀ ।
ଧ-୨୦୩୮୪


# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧରେ ଗଜପତି, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ସୁନ୍ଦରଗଡ଼ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ଆସି ନ ପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ସାମାନ୍ୟ ମେଘୁଆ ରହିପାରେ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୬.୧ |
| ଚାନ୍ଦବାଲି | ୩୬.୬ | ୨୪.୬ |
| କଟକ | ୩୬.୮ | ୨୫.୦ |
| ପାରାଦୀପ | ୩୨.୫ | ୨୭.୩ |
| ଭୁବନେଶ୍ୱର | ୩୯.୨ | ୨୫.୮ |
| ଗୋପାଳପୁର | ୩୩.୩ | ୨୩.୮ |
| ପୁରୀ | ୩୩.୮ | ୨୭.୬ |
| ଅନୁଗୋଳ | ୩୮.୧ | ୨୫.୦ |
| ବାରିପଦା | ୩୯.୮ | ୨୪.୬ |
| ଝାରସୁଗୁଡ଼ା | ୩୮.୬ | ୨୩.୦ |
| କେନ୍ଦୁଝର | ୩୬.୦ | ୨୧.୦ |
| ସମ୍ବଲପୁର | ୩୮.୮ | ୨୪.୬ |
| ସୁନ୍ଦରଗଡ଼ | ୩୯.୦ | ୨୧.୦ |
| ହୀରାକୁଦ | ୩୮.୩ | ୨୩.୦ |
| ତାଳଚେର | ୩୮.୫ | ୨୩.୬ |
| ଭବାନୀପାଟଣା | ୩୭.୦ | ୧୯.୫ |
| ବଲାଙ୍ଗୀର | ୩୯.୯ | ୨୧.୨ |
| କୋରାପୁଟ | ୩୪.୦ | ୧୭.୦ |
| ଫୁଲବାଣୀ | ୩୫.୪ | ୧୮.୦ |
| ଟିଟିଲାଗଡ଼ | ୩୮.୨ | ୨୩.୩ |
| ମାଲକାନଗିରି | ୩୯.୦ | ୨୦.୫ |
| ସୋନପୁର | ୩୮.୦ | ୨୨.୦ |
| ଦାରିଙ୍ଗିବାଡ଼ି | ୩୩.୫ | ୧୬.୫ |
| ନୟାଗଡ଼ | ୩୮.୦ | ୨୪.୦ |
| ବୌଦ୍ଧ | ୩୪.୦ | ୧୮.୦ |
| ଛତ୍ରପୁର | ୩୩.୦ | ୨୫.୦ |
| ପାରଳାଖେମୁଣ୍ଡି | ୩୨.୦ | ୧୮.୫ |
| ରାୟଗଡ଼ା | ୩୩.୮ | ୨୦.୨ |

ଡିଗ୍ରୀ ସେଲ୍‌ସିୟସ୍

# ନମ୍ବର ପ୍ଲେଟ ପାଇଁ ଖର୍ଚ୍ଚ କଲେଣି ଲକ୍ଷାଧିକ ଟଙ୍କା

**ଲକ୍ଷ୍ନୌ:** ଦୁନିଆରେ କିଛି ଲୋକ ଅଛନ୍ତି ଯେଉଁମାନଙ୍କର ଗାଡ଼ି କିଣିବାରେ ଭାରି ସଉକ। ଖାଲି ଗାଡ଼ି କିଣିବା ନୁହେଁ, ମନପସନ୍ଦର ନମ୍ବର ପ୍ଲେଟ ଲଗାଇବା ମଧ ଏମାନଙ୍କର ସଉକ। ଏଥିପାଇଁ ଜଣେ ଲୋକ ଲକ୍ଷେ କି ଦୁଇ ଲକ୍ଷ ନୁହେଁ, ଏକାବେଳକେ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ନିଜ ଗାଡ଼ିରେ ଭିଆଇପି ନମ୍ବର ଅର୍ଥାତ ସ୍ପେଶାଲ ନମ୍ବର ଲଗାଇବାରେ ମଧ ସଉକ ରହିଥାଏ। ଏଠାକାର ଜଣେ ବ୍ୟକ୍ତି ନିଜ ଗାଡ଼ି ପାଇଁ ଭିଆଇପି ନମ୍ବର ଆଣିବାକୁ ସମସ୍ତ ରେକର୍ଡ ଭାଙ୍ଗିଛନ୍ତି। ଏହି ପଇସାରେ ଜଣେ ଲୋକ ଆଉ ଏକ କାର୍ ବି କିଣିପାରିଥାନ୍ତେ। ରାଜଧାନୀ ଲକ୍ଷ୍ନୌରେ ଭିଆଇପି ନମ୍ବର ଏମ୍‌ଏ୦୦୦୧ ପାଇଁ ନିଲାମକାରୀ ୧ ଲକ୍ଷ ଟଙ୍କାରୁ ନିଲାମ ଡାକ ଆରମ୍ଭ କରିଥିଲେ। ଯାହା ଶେଷରେ ୬ ଲକ୍ଷ ଟଙ୍କାରେ ଶେଷ ହୋଇଥିଲା। ପ୍ରବୀଣ ନାମକ ଜଣେ ବ୍ୟକ୍ତି ୧ ହଜାର ଟଙ୍କା ଅଧିକ ଡାକି ନମ୍ବରକୁ ନିଜ ନାମରେ କରି ନେଇଥିଲେ। ଟ୍ରାନ୍ସପୋର୍ଟ ନଗର ଆରଟିଓଙ୍କ ଅନୁସାରେ, ବର୍ତ୍ତମାନ ସୁଦ୍ଧା ଭିଆଇପି ନମ୍ବର ୪ ଲକ୍ଷ ୧୦ ହଜାରରୁ ଅଧିକ ନିଲାମ ଡକାଯାଇନାହିଁ। ମାତ୍ର ଏହି ଥର ରେକର୍ଡ ଭାଙ୍ଗିଛି। ୨୭ ମାର୍ଚ୍ଚ ୨୦୨୧ରେ ଭିଆଇପି ନମ୍ବର ନିଲାମୀ ଡାକିବା ଆରମ୍ଭ ହୋଇଥିଲା। ନିଲାମୀର ଶେଷ ପର୍ଯ୍ୟାୟରେ ପ୍ରବୀଣ ନାମକ ଜଣେ ବ୍ୟକ୍ତି ୬ ଲକ୍ଷ ଟଙ୍କାରେ ଏହାକୁ କିଣିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**SMS JOB**
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**EASY FINANCE**
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in " EASY FINANCE "
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

**ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ**
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆରସିବିକୁ ଶକ୍ତ ଧକ୍କା

ନୂଆଦିଲ୍ଲୀ,୪।୪

ଆଉ ମାତ୍ର ୪ ଦିନ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବାକୁ ଯାଉଥିବା ବେଳେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଶକ୍ତ ଧକ୍କା ଲାଗିଛି। ଯୁବ ଓପନର ଦେବଦତ୍ତ ପଡିକାଲ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଛି। ଫଳରେ ଆରସିବିକୁ ଝଟକା ଲାଗିଛି। ସ୍ପିନର ଅକ୍ଷର ପଟେଲ ଓ ନୀତୀଶ ରାଣାଙ୍କ ପରେ ତୃତୀୟ ଆଇପିଏଲ୍ ଖେଳାଳିଭାବେ ପଡିକାଲ ପଜିଟିଭ ବୋଲି ଜଣାପଡିଛି। ଅକ୍ଷର ଦିଲ୍ଲୀ କ୍ୟାପିଟାଲ୍ସ ଓ ନୀତୀଶ କୋଲକାତା ନାଇଟ୍ ରାଇଡର୍ସ ତରଫରୁ ଏଥର ଆଇପିଏଲ ଖେଳିବେ।

ଟେଷ୍ଟରେ ପଜିଟିଭ ବୋଲି ଜଣାପଡିବା ପରେ ୨୦ ବର୍ଷୀୟ ପଡିକାଲଙ୍କୁ ଆଇସୋଲେଶନରେ ରଖାଯାଇଛି ଓ ସେ କ୍ୱାରାଣ୍ଟାଇନରେ ରହିଛନ୍ତି। ପଡିକାଲ ଅତିକମ୍‌ରେ ଆରସିବି ପାଇଁ ପ୍ରଥମ ଦୁଇଟି ମ୍ୟାଚ୍ ନ ଖେଳିବା ସ୍ପଷ୍ଟ ହୋଇଛି। ଚେନ୍ନାଇରେ ଆରସିବିର ଖେଳାଳିମାନେ ଅଭ୍ୟାସ କରୁଛନ୍ତି। ଗତ ସଂସ୍କରଣରେ ପଡିକାଲ ଆଇପିଏଲ୍‌ର ସବୁଠାରୁ ବଡ଼ ଆବିଷ୍କାର ବିବେଚିତ




**ଆଇପିଏଲ୍**

**■ ଯୁବ ଓପନର ପଡିକାଲ କରୋନା ପଜିଟିଭ୍**

ହୋଇଥିଲେ। ସେ ୧୫ଟି ଆଇପିଏଲ୍ ମ୍ୟାଚ୍ ଖେଳି ୩୧.୫୩ ରନ ହାରରେ ୪୭୩ ରନ ସଂଗ୍ରହ କରିଥିଲେ। ଘରୋଇ କ୍ରିକେଟରେ ମଧ୍ୟ ସେ ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଘରୋଇ ଟି୨୦ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ କର୍ନାଟକ ତରଫରୁ ପ୍ରତିନିଧିତ୍ୱ କରି ୬ଟି ମ୍ୟାଚ୍ ଖେଳି ୪୩.୬୦ ହାରରେ ୨୧୮ ରନ ସଂଗ୍ରହ କରିଥିଲେ। ଏହାପରେ ଦିନିକିଆ ଘରୋଇ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିରେ ୭ଟି ମ୍ୟାଚ୍ ଖେଳି ୧୪୭.୪୦ ହାରରେ ୭୩୭ ରନ ସଂଗ୍ରହ କରିଥିଲେ। ଆସନ୍ତା ୯ ତାରିଖରୁ ଆଇପିଏଲ ଆରମ୍ଭ ହେବାକୁ ଯାଉଥିବା ବେଳେ ଉଦ୍‌ଘାଟନୀ ମୁକାବିଲାରେ ଆରସିବି ଗତଥରର ଚାମ୍ପିୟନ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ।

# ହାଇଦ୍ରାବାଦକୁ ମିଡ୍‌ଲ ଅର୍ଡର ଚିନ୍ତା

ନୂଆଦିଲ୍ଲୀ,୪।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଦଳ ବିବେଚିତ ହୋଇ ଆସୁଛି। ଗତ ୫ ବର୍ଷ ମଧ୍ୟରେ ଏ ନେଇ ହାଇଦ୍ରାବାଦ ନିଜ ପ୍ରଦର୍ଶନ ମଧ୍ୟରେ ଖ୍ୟାତିଅର୍ଜନ କରିଛି। ତେବେ ମିଡ୍‌ଲ ଅର୍ଡରରେ ଦଳର ଦୁର୍ବଳତା ପଦାରେ ପଡିଛି। ତେଣୁ ଏଥର ହାଇଦ୍ରାବାଦ ମିଡ୍‌ଲ ଅର୍ଡରକୁ ସୁଧାରିବାକୁ ପ୍ରୟାସ କରିବା ଲକ୍ଷ୍ୟରେ ରହିଛି।

୨୦୧୬ରେ ଡେଭିଡ ୱାର୍ନରଙ୍କ ନେତୃତ୍ୱରେ ହାଇଦ୍ରାବାଦ ଆଇପିଏଲ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପରେ ଦଳ ଏକାଧିକବାର ପ୍ଲେ- ଅଫ୍‌ରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିପାରି ନାହିଁ। ୨୦୧୭ରେ ହାଇଦ୍ରାବାଦ ଏଲିମିନେଟରରେ କୋଲକାତା ନାଇଟ ରାଇଡର୍ସ (କେକେଆର)ଠାରୁ ପରାସ୍ତ ହୋଇଥିଲା। ସେହିପରି ୨୦୧୮ରେ ହାଇଦ୍ରାବାଦ୍ ଫାଇନାଲରେ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇ ରନର୍ସଅପ୍ ବିବେଚିତ ହୋଇଥିଲା। ୨୦୧୯ ଓ ୨୦୨୦ ସଂସ୍କରଣରେ ହାଇଦ୍ରାବାଦ ଯଥାକ୍ରମେ ଏଲିମିନେଟରରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କ୍ୱାଲିଫାୟର-୨ରେ ପରାସ୍ତ ହୋଇଥିଲା।

୨୦୨୧ ସଂସ୍କରଣ ପାଇଁ ଦଳ ତା'ର କୋର୍ ଗ୍ରୁପ ଖେଳାଳିଙ୍କୁ ବଜାୟ ରଖିଥିଲା। ତେଣୁ ଏଥର ଖେଳାଳି ନିଲାମରେ ହାଇଦ୍ରାବାଦ ସେତେଟା ସକ୍ରିୟ ନ ଥିଲା। କେବଳ କେତୋଟି ବ୍ୟାକ୍‌ଅପ ବିକଳ୍ପ ପାଇଁ ଦଳ ପଦକ୍ଷେପ ନେଇଥିଲା। କେବଳ ଗୋଟିଏ ସମସ୍ୟା ନେଇ ଦଳ ଚିନ୍ତିତ ରହିଛି। ଗତ ସଂସ୍କରଣରେ ମିଡ୍‌ଲ ଅର୍ଡର ସେତେଟା ଅଭିଜ୍ଞ ନ ଥିଲା। ଦଳ ପ୍ରିୟମ ଗର୍ଗ, ଅଭିଷେକ ଶର୍ମା ଓ ଅବଦୁଲ ସାମାଦଙ୍କ ଉପରେ ନିର୍ଭରଶୀଳ ଥିଲା।


ଡେଭିଡ୍ ୱାର୍ନର, କେନ୍ ୱିଲିୟମସନ୍ ଓ ବ୍ରାଡ୍ ହାଡିନ୍।

## ଦଳର ସବଳତା

ସନ୍ତୁଳନ ଦଳ ପାଇଁ ସବୁଠାରୁ ବଡ଼ ଶକ୍ତି ବିବେଚିତ ହୋଇଛି। ଦଳର ଟପ୍ ଅର୍ଡର ବେଶ୍ ଦୃଢ଼ ରହିଛି। ଡେଭିଡ ୱାର୍ନର, ଜନି ବେୟାରଷ୍ଟୋ, ଜାସନ ରୟ, କେନ୍ ୱିଲିୟମସନ, ମନୀଷ ପାଣ୍ଡେ ଓ ରିଦ୍ଧିମାନ ଶାହାଙ୍କ ଭଳି ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ଦଳର ବ୍ୟାଟିଂ ଲାଇନକୁ ଆହୁରି ଶକ୍ତିଶାଳୀ କରିଛନ୍ତି। ୱାର୍ନର ଓ ବେୟାରଷ୍ଟୋଙ୍କୁ ନେଇ ଓପନିଂ ଯୋଡି ଆଇପିଏଲ୍ ଇତିହାସରେ ସବୁଠାରୁ ସଫଳ ସାବ୍ୟସ୍ତ ହୋଇଛନ୍ତି। ଏହି ଦୁଇ ଓପନର ଦ୍ରୁତ ଗତିରେ ରନ ସଂଗ୍ରହ କରିବା ସହ ପ୍ରତିପକ୍ଷ ବୋଲିଂକୁ ନିହାତି ମାମୁଲି ସାବ୍ୟସ୍ତ କରିବାରେ ସଫଳ ହୋଇଛନ୍ତି। ସେହିପରି ଜାସନ ହୋଲ୍ଡର ଓ କେନ ୱିଲିୟମସନ ମଧ୍ୟ ଦଳ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହୋଇଛନ୍ତି। ଦଳର ବୋଲିଂ ବିଭାଗ ମଧ୍ୟ ବେଶ୍ ପ୍ରଭାବୀ ରହିଛି। ଫିଟ୍ ହୋଇଥିବା ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଓ ଆଫଗାନ ସ୍ପିନର ରସିଦ ଖାଁ ଏଥର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ସେହିପରି ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ ଓ ଆଫଗାନ ତାରକା ମୁଜିବ-ଉର ରହମାନ ଦଳର ବୋଲିଂ ବିଭାଗକୁ ଆହୁରି ଶାଣିତ କରିବେ।

## ଦୁର୍ବଳତା

ଦଳର ସବୁଠାରୁ ଦୁର୍ବଳତା ହେଉଛି ଜଣେ ଫିନିଶରଙ୍କ ଅଭାବ। ବିଜୟ ଶଙ୍କର ଜଣେ ପ୍ରତିଭାସମ୍ପନ୍ନ ଅଲରାଉଣ୍ଡର ହୋଇଥିଲେ ମଧ୍ୟ ସେ ତାଙ୍କର ଦକ୍ଷତା ଏ ପର୍ଯ୍ୟନ୍ତ ପ୍ରମାଣ କରିପାରିନାହାନ୍ତି। ଏଥର କେଦାର ଯାଦବଙ୍କୁ ଦଳରେ ନିଆଯାଇଛି। ତେବେ ସେ ମିଡ୍‌ଲ ଅର୍ଡରରେ ନିଜର ଦକ୍ଷତା ପ୍ରମାଣ କରୁଛନ୍ତି କି ନା ତାହା ପରେ ଜଣାପଡିବ। କେଦାର ଅବଶ୍ୟ ସେତେଟା ଅଭ୍ୟାସ କରିବାର ସୁଯୋଗ ପାଇନାହାନ୍ତି।

## ସୁଯୋଗ

ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଓ କେଦାରଙ୍କ ପାଇଁ ଏଥର ସୁଯୋଗ ରହିଛି। ମିଡ୍‌ଲ ଅର୍ଡରରେ କେଦାର ନିଜର ଦକ୍ଷତା ପ୍ରମାଣ କରିବାର ସୁଯୋଗ ପାଇବେ। ସେହିପରି ରିଦ୍ଧିମାନଙ୍କ ବ୍ୟାଟିଂ କ୍ରମରେ ଉନ୍ନତି କରାଯିବ ଓ ସେ ଯଥେଷ୍ଟ ସୁଯୋଗ ପାଇବେ। ଜାତୀୟ ଦଳରୁ ବାଦ୍ ପଡିଥିବାରୁ ମନୀଷ ପାଣ୍ଡେଙ୍କ ପାଇଁ କର ବା ମର ସ୍ଥିତି ସୃଷ୍ଟି ହୋଇଛି। ଭଲ ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରିବେ।

## ଆଶଙ୍କା

ଟପ୍ ଅର୍ଡର ଉପରେ ଦଳ ଅତ୍ୟଧିକ ନିର୍ଭରଶୀଳ ହୋଇଛି। ଯଦି ଟପ୍ ଅର୍ଡର ଫେଲ୍ ମାରେ ତାହାହେଲେ ମିଡ୍‌ଲ ଓ ଲୋୟର ଅର୍ଡର ଉପରେ ଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ବିଜୟ ଶଙ୍କର, ଜାସନ ହୋଲ୍ଡରଙ୍କ ଉପରେ ଅଧିକ ଦାୟିତ୍ୱ ଆସିବ।

**ହାଇଦ୍ରାବାଦ ଦଳ:** ଡେଭିଡ ୱାର୍ନର (ଅଧିନାୟକ), ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ରିଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।

# ପାକିସ୍ତାନ ଚାମ୍ପିୟନ, ଭାରତ ରନର୍ସଅପ୍

ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)

**ଦୃଷ୍ଟିହୀନ ତ୍ରିରାଷ୍ଟ୍ରୀୟ ସିରିଜ**

ବାଂଲାଦେଶର ଢାକାସ୍ଥିତ ବସୁନ୍ଧରା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ କ୍ରିକେଟ ଟୁର୍ନାମେଣ୍ଟରେ ପାକିସ୍ତାନ ଚାମ୍ପିୟନ ଓ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ ୬୨ ରନରେ ଭାରତକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୧୫ ଓଭରରେ ୩ ଉଇକେଟ ହରାଇ ୧୭୪ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ନିସାର ଅଲୀ(ବି-୨) ୫୦ ବଲ୍‌ରୁ ସର୍ବାଧିକ ୬୯ ରନ କରି ଅପରାଜିତ ରହିଥିଲେ। ଜାଫର ଇକବାଲ (ବି-୧) ୪୮ ରନ କରି ରନଆଉଟ ହୋଇଥିଲେ। ଭାରତ ପକ୍ଷରୁ ଅଜୟ କୁମାର ରେଡ୍ଡୀ ୨ଟି ଉଇକେଟ ନେଇଥିଲେ। ୧୭୫ ରନ ବିଜୟ ଲକ୍ଷ୍ୟରେ ଭାରତ ୧୫ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରି ପାରିଥିଲା। ଦଳ ପକ୍ଷରୁ ସୁନୀଲ ରମେଶ ((ବି-୩) ସର୍ବାଧିକ ୩୯, ଓଡ଼ିଆ ଖେଳାଳି ପଙ୍କଜ ଭୁଏ (ବି-୩) ୨୩ ଓ ଡି. ଭେଙ୍କଟେଶ୍ୱର ରାଓ (ବି-୨) ୨୨ ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ସାଜିଦ ନୱାଜ (ବି-୧) ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ନିସାର ଅଲୀ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# ରାଜ୍ୟ ବାସ୍କେଟବଲ ଆସୋସିଏଶନ ନିର୍ବାଚନ



ରାଜ୍ୟ ବାସ୍କେଟବଲ ଆସୋସିଏଶନର ନବନିର୍ବାଚିତ ସଦସ୍ୟମାନେ।

ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)

କଟକସ୍ଥିତ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ବୈଠକ ଗୃହରେ ରବିବାର ଓଡ଼ିଶା ବାସ୍କେଟବଲ ଆସୋସିଏଶନ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେବଳ ୩ଟି ଯୁଗ୍ମ ସମ୍ପାଦକ ପଦକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଦରେ ପ୍ରାର୍ଥୀମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ହେଲେ ଜ୍ଞାନ ରଞ୍ଜନ ପରିଡ଼ା ସଭାପତି, ସୌରଭ ବେହେରା କାର୍ଯ୍ୟକାରୀ ସଭାପତି, ସୟଦ ଅକମଲ ଅଲୀ, ଶରତ ଚନ୍ଦ୍ର ମହାପାତ୍ର, ରଶ୍ମିରଞ୍ଜନ ସାମନ୍ତରାୟ, ଏନ.ବି. ଯାଦବ, ମଦନ ରାଓ, ଅମିୟ ମହାପାତ୍ର ଉପସଭାପତି, ଅଶୋକ କୁମାର ସାହୁ ସମ୍ପାଦକ, ଦ୍ୱାରିକା ଶେଖର ମହାନ୍ତି, ଅମିତ ଦାସମହାପାତ୍ର, ତବାସୁମ ବାହାର ଯୁଗ୍ମ ସମ୍ପାଦକ ଏବଂ ପି.କେ. ବେହେରା କୋଷାଧ୍ୟକ୍ଷ। ସେହିପରି ଉପେନ୍ଦ୍ର କୁମାର ପଟ୍ଟନାୟକ, ଆର.ଏନ. ପାଢ଼ୀ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ମହାନ୍ତି, ବିନୋଦ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ମହେଶ କୁମାର ସାହୁ, ସତୀଶ ସାହୁ ଓ ଗୌତମ ଗଜପତି କାଉନସିଲ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି।

# ଅଲିମ୍ପିକ୍ସ: ୩ ଇଭେଣ୍ଟରେ ଭାଗନେବେ ଭାକର

ନୂଆଦିଲ୍ଲୀ,୪।୪(ପି.ଟି.)

ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଶୁଟିଂ ଦଳରେ ବିଶ୍ୱର ଏକନମ୍ବର ଶୁଟର ଏଲାଭେନିଲ ଭାଲାରିଭାନଙ୍କୁ ସାମିଲ କରାଯାଇଛି। ସେ ୧୫ ଜଣିଆ ଅଲିମ୍ପିକ ଦଳରେ ସାମିଲ ହୋଇଛନ୍ତି। ସେହିପରି ତାରକା ମହିଳା ଶୁଟର ମନୁ ଭାକର ୩ଟି ଇଭେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ। ତେବେ ଅଲିମ୍ପିକ କୋଟା ହାସଲ କରିଥିବା ଚିଙ୍କି ଯାଦବ ଗତ ମାସରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ଅଲିମ୍ପିକ ଦଳରେ ସାମିଲ ହୋଇନାହାନ୍ତି।

କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ପ୍ରତ୍ୟେକ ବର୍ଗର ଇଭେଣ୍ଟ ପାଇଁ ଦୁଇଜଣ ଲେଖାଏ ରିଜର୍ଭ ଶୁଟରଙ୍କ ନାମ ଘୋଷଣା କରିଛି। ତେବେ ଅଲିମ୍ପିକ୍ସ ପାଇଁ କୋଟା ପ୍ଲେସ ହାସଲ କରିଥିବା ଖେଳାଳିମାନଙ୍କ ରିଜର୍ଭ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି।


ମନୁ ଭାକର

ଜୁଲାଇ ୨୩ରୁ ଅଗଷ୍ଟ ୮ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ଏନ୍‌ଆରଏଆଇ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଏଲାଭେନିଲ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏଲାଭେନିଲଙ୍କ ସମେତ ଅପୂର୍ବୀ ଚାଣ୍ଡେଲା ମଧ୍ୟ ଏହି ଇଭେଣ୍ଟରେ ଭାଗ ନେବେ। ଉଲ୍ଲେଖଥାଉ କି କୋଟ ଦେଶକୁ ମିଳିଥାଏ ଓ ଏହା ଶୁଟରଙ୍କୁ ମିଳି ନ ଥାଏ। ସେହିପରି ମନୁଭାକର ଓ ରାହି ସର୍ନୋବତ ୨୫ ମି. ପିସ୍ତଲ ଇଭେଣ୍ଟରେ ଭାଗ ନେବେ। ଭାକର ଓ ଯଶସ୍ୱିନୀ ସିଂ ଦେଶୱାଲ ୧୦ମି. ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଭାକର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ମଧ୍ୟ ଭାଗନେବେ। ଏହି ଇଭେଣ୍ଟରେ ଭାକରଙ୍କ ପାର୍ଟନର ରହିଛନ୍ତି ପୁରୁଷ ତାରକା ଶୁଟର ସୌରଭ ଚୌଧୁରୀ।

ଏନ୍‌ଆରଏଆଇ ଅଲିମ୍ପିକ୍ସ ସାଇକେଲ୍‌ରେ ପ୍ରଦର୍ଶନକୁ ଭିତ୍ତିକରି ଶୁଟରମାନଙ୍କୁ ଚୟନ କରାଯାଇଛି। ଏହି ଅଲିମ୍ପିକ ସାଇକେଲ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରୁ ଆରମ୍ଭ ହୋଇଛି। ଏହାପରେ ୨୦୧୯ରେ ସମସ୍ତ ୪ଟି ବିଶ୍ୱକପ୍ ଓ ଏସିଆନ ଚାମ୍ପିୟନଶିପ୍‌ର ପ୍ରଦର୍ଶନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ୫ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାର ହାରାହାରି ଶ୍ରେଷ୍ଠ ପ୍ରଦର୍ଶନକୁ ଭିତ୍ତିକରି ଏନ୍‌ଆରଏଆଇ ଦଳ ଚୟନ କରିବାର ନିୟମ ରହିଛି।

# ଜମାନ ଦ୍ୱିଶତକରୁ ବଞ୍ଚିତ: ପାକିସ୍ତାନ ପରାସ୍ତ

ଜୋହାନ୍ସବର୍ଗ,୪।୪

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଓପନର ଫଖର ଜମାନଙ୍କ ଜବରଦସ୍ତ ଇନିଂସ ସତ୍ତ୍ୱେ ଭ୍ରମଣକାରୀ ପାକିସ୍ତାନ ୧୭ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ହାଇ ସ୍କୋରିଂ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୬ ଉଇକେଟ ହରାଇ ୩୪୧ ରନ ସଂଗ୍ରହ କରିଥିଲା। ଜବାବରେ ପାକିସ୍ତାନ ୯ ଉଇକେଟ ହରାଇ ୩୨୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା।

ଜମାନ ପାକିସ୍ତାନ ତରଫରୁ ଏକା ଲଢେଇ କରିଥିଲେ। ସେ ୧୫୫ଟି ବଲ୍ ଖେଳି ୧୮ ଚୌକା ଓ ୧୦ ଛକା ସହ ୧୯୩ ରନକରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଅନରିଜ ନୋର୍ଜେ ୩, ଆଣ୍ଡିଲ ଫେଲୁକ୍ୱାଓ ୨ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଅଧିନାୟକ ଟେମ୍ବା ବଭୁମା ସର୍ବାଧିକ ୯୨, ଓପନର ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ୮୦, ରାସି ଭାନେ ଡେର ଡୁସେନ ୬୦, ଓପନର ଏଡେନ ମାରାକ୍ରାମ ୩୯ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଡେଭିଡ୍ ମିଲର ୫୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ହାରିସ ରୌଫ ସର୍ବାଧିକ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୪୧/୬ (ବଭୁମା- ୯୨, ଡିକକ୍- ୮୦, ଭାନ ଡେର ଡୁସେନ- ୬୦, ମିଲର- ୫୦*, ମାରକ୍ରାମ- ୩୯, ହାରିସ- ୩/୫୪)। ପାକିସ୍ତାନ ୫୦ ଓଭରରେ ୩୨୪/୯ (ଫଖର ଜମାନ- ୧୯୩, ବାବର ଆଜମ- ୩୧, ଆସିଫ ଅଲି- ୧୯, ନୋର୍ଜେ- ୩/୬୯, ଆଣ୍ଡିଲ ଫେଲୁକ୍ୱାଓ- ୨/ ୬୭)।

# ଅଷ୍ଟ୍ରେଲିଆ ମହିଳା ଦଳର ରେକର୍ଡ

ମାଉଣ୍ଟ ମାଉନଗାନୁଇ, ୪।୪

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା ଦଳ ୬ ଉଇକେଟରେ ବିଜୟ ହାସଲ କରିଛି। ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୪୮.୫ ଓଭରରେ ୨୧୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୩୮.୩ ଓଭରରେ ୪ ଉଇକେଟ ହରାଇ ୨୧୫ ରନ କରି ବିଜୟୀ ହୋଇଛି। ଏଥିସହିତ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। କେବଳ ସେତିକି ନୁହେଁ ଅଷ୍ଟ୍ରେଲିଆ ଦିନିକିଆ ଫର୍ମାଟ୍‌ରେ କ୍ରମାଗତ ୨୨ଟି ବିଜୟ ହାସଲ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଏହି କ୍ରମରେ ମହିଳା ଦଳ ରିକି ପଣ୍ଟିଂଙ୍କ ୨୦୦୩ର ଅଷ୍ଟ୍ରେଲିଆ ଦଳର ରେକର୍ଡକୁ ପଛରେ ପକାଇଛି। କ୍ରମାଗତ ୩ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ଏହି ବିଜୟଗୁଡିକ ହାସଲ କରିଛି। ଏହା ଦଳର ସ୍ଥିର ପ୍ରଦର୍ଶନକୁ ସୂଚାଉଛି ବୋଲି ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଙ୍ଗ୍ କହିଛନ୍ତି। ୨୦୧୭ ଅକ୍ଟୋବର ପରଠାରୁ ଅଷ୍ଟ୍ରେଲିଆ ମହିଳା ଦଳ ଗୋଟିଏ ହେଲେ ବି ମ୍ୟାଚରେ ପରାସ୍ତ ହୋଇନାହିଁ। ମହିଳା କ୍ରିକେଟ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଲାନିଙ୍ଗ୍ କହିଛନ୍ତି।

ଅଷ୍ଟ୍ରେଲିଆ ତରଫରୁ ବ୍ୟାଟିଂରେ ଓପନର ଆଲିସା ହିଲି ସର୍ବାଧିକ ୬୫ ରନକରି ଆଉଟ ହୋଇଥିବା ବେଳେ ଏଲିସ ପେରୀ ୫୬ ଓ ଆସଲେ ଗାର୍ଡନର ୫୩ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ। ନ୍ୟୁଜିଲାଣ୍ଡ ତରଫରୁ ବୋଲିଂରେ ଜେସ କେର, ହାନ ରୋଏ, ଆମେଲିଆ କେର ଓ ଏମି ସାଟେର୍ଥୱେଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ ଓପନର ଲଉରେନ ଡାଉନ ସର୍ବାଧିକ ୯୦, ଅଧିନାୟିକା ଏମି ସାଟେର୍ଥୱେଟ୍ ୩୨, ଆମେଲିଆ କେର ୩୩ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ ମେଗାନ ସ୍କଟ ସର୍ବାଧିକ ୪, ନିକୋଲା କାରେ ୩, ଆସଲେ ଗାର୍ଡନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ମହିଳା ଦଳ ୪୮.୫ ଓଭରରେ ୨୧୨ (ଲଉରେନ ଡାଉନ- ୯୦, ଆମେଲିଆ କେର- ୩୩, ଏମି ସାର୍ଟର୍ଥୱେଟ୍- ୩୨, ମେଗାନ ସ୍କଟ- ୪/୩୨, ନିକୋଲା କାରେ- ୩/ ୩୪)। ଅଷ୍ଟ୍ରେଲିଆ ମହିଳା ଦଳ ୩୮.୩ ଓଭରରେ ୨୧୫/୪ (ଆଲିସା ହିଲି- ୬୫, ଏଲିସ ପେରୀ- ୫୬*, ଆସଲେ ଗାର୍ଡନର- ୫୩*, ସାର୍ଟର୍ଥୱେଟ- ୧/୧୦।



ବିଜୟରେ ଉଲ୍ଲସିତ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ।

# ୟଙ୍ଗଷ୍ଟର୍ସ, ଓଲଭରିନ୍ସ ଚାମ୍ପିୟନ

ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)

**ମଦର୍ସ ବାସ୍କେଟବଲ ଲିଗ୍**

ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ୫ମ ମଦର୍ସ ବାସ୍କେଟବଲ ଲିଗ୍ ରବିବାର ଶେଷ ହୋଇଛି। ଏହାର ବାଳିକା ବିଭାଗ ଫାଇନାଲରେ ଏଭେଞ୍ଜର୍ସକୁ ୫୬-୪୧ ପଏଣ୍ଟରେ ହରାଇ ୟଙ୍ଗଷ୍ଟର୍ସ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ସୋନାଲି କିସ୍‌ପୋଟା ୧୫, ଅଧିନାୟିକା ଶାଶ୍ୱତୀ ରାୟ ୧୭ ପଏଣ୍ଟ ଏବଂ ଏଭେଞ୍ଜର୍ସ ପକ୍ଷରୁ ଅଙ୍କିତା ଦଳେଇ ୧୨ ଏବଂ ଅଧିନାୟିକା ମୀନାକ୍ଷୀ କରନ ୧୧ ପଏଣ୍ଟ ସ୍କୋର କରିଥିଲେ। ସେହିପରି ତୀବ୍ର ସଂଘର୍ଷପୂର୍ଣ୍ଣ ବାଳକ ବିଭାଗ ଫାଇନାଲରେ ଓଲଭରିନ୍ସ ଦଳ ୫୯-୫୮ ପଏଣ୍ଟରେ ଏଭେଞ୍ଜର୍ସକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଚାମ୍ପିୟନ ଦଳର ସୁମନ ସାହୁ ୧୯, ସୁରେଶ ଦାସ ୧୩ ପଏଣ୍ଟ ଏବଂ ପରାଜିତ ଦଳର ଆଦିତ୍ୟ ପ୍ରକାଶ ୧୩ ଓ ପ୍ରସନ୍ନ ନାୟକ ୯ ପଏଣ୍ଟ ସ୍କୋର କରିଥିଲେ। ମଦର୍ସ ଗ୍ରୁପ୍ ଅଫ୍ ଏଜୁକେଶନର ପରିଚାଳନା ନିର୍ଦ୍ଦେଶକ ଶ୍ରୀଜିତ ପଟ୍ଟନାୟକ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଏବଂ ମଦର୍ସ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ପଲ୍ଲୀ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବାଳିକା ଖେଳାଳିଭାବେ ଡଙ୍କର୍ସ ଦଳର ଅଧିନାୟିକା ଅନନ୍ୟା ଆନନ୍ଦିତା ମହାନ୍ତି ଏବଂ ବାଳକ ବିଭାଗରେ ଓଲଭରିନ୍ସ ଦଳର ସୁମନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକାରେ ସୋନାଲୀ କିସ୍‌ପୋଟା ଓ ବାଳକରେ ଆଦିତ୍ୟ ପ୍ରକାଶ ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଶ୍ରେଷ୍ଠ ଡିଫେଣ୍ଡରଭାବେ ବାଳିକାରେ ଶାଶ୍ୱତୀ ରାୟ ଓ ବାଳକରେ ଅଭିଷେକ ପଣ୍ଡା ଏବଂ ଶ୍ରେଷ୍ଠ ସହଯୋଗୀ ଖେଳାଳିଭାବେ ବାଳିକାରେ ମୀନାକ୍ଷୀ କରନ ଓ ବାଳକରେ ମହାପ୍ରସାଦ ବେଉରା ପୁରସ୍କାର ଲାଭ କରିଥିଲେ। ମ୍ୟାଚ ଗୁଡ଼ିକୁ ମହମ୍ମଦ ସହିଦ, ରୁଦ୍ରନାଥ ନାୟକ ଏବଂ ଦେବ ପ୍ରସାଦ ସାହୁ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବ ଶେଷରେ ଆୟୋଜକ କମିଟି ପକ୍ଷରୁ ସଙ୍କେତ ପତି ଧନ୍ୟବାଦ ଅର୍ପଣ କରିଥିଲେ।



ବାଳକ ବିଭାଗ ଚାମ୍ପିୟନ ଓଲଭରିନ୍ସ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ପ୍ରମୋଦଙ୍କୁ ଡବଲ ସ୍ୱର୍ଣ୍ଣ ପଦକ


ପ୍ରମୋଦ ଭଗତ


ଦୀପ ରଞ୍ଜନ ବିଷୋୟୀ

**ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପାଇଥିବା ଏହି ଓଡ଼ିଆ ତାରକା ସିଙ୍ଗଲ୍ସ ଓ ଡବଲ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ନିଜ ଦେଶର ନିତେଶ କୁମାରଙ୍କୁ ୨୧-୧୭ ଓ ୨୧-୧୮ ପଏଣ୍ଟରେ ହରାଇ ଟାଇଟଲ ଜିତିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏହା ହେଉଛି ପ୍ରମୋଦଙ୍କର ୧୭ତମ

**ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ। ଡବଲ୍ସ ଫାଇନାଲରେ ପ୍ରମୋଦ-ମନୋଜ ସରକାର ଅନ୍ୟତମ ଭାରତୀୟ ଯୋଡ଼ି ସୁକାନ୍ତ କଦମ ଓ ନିତେଶ କୁମାରଙ୍କୁ ୨୧-୧୮, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ପାଇଥିଲେ। ପ୍ରମୋଦଙ୍କ ଡବଲ୍ସ କ୍ୟାରିୟରରେ ଏହା ହେଉଛି ୧୨ତମ ସ୍ୱର୍ଣ୍ଣ ପଦକ। କରୋନା ମହାମାରୀଜନିତ ବ୍ରେକ୍ ପରେ ଏହାଥିଲା ପ୍ରମୋଦଙ୍କ ପାଇଁ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଅନ୍ୟତମ ଭାରତୀୟ ଦୀପ ରଞ୍ଜନ ବିଷୋୟୀ ମଧ୍ୟ ଅରବାଜ ଅନସାରୀଙ୍କୁ ସାଥିକରି ଡବଲ୍ସରେ ବ୍ରୋଞ୍ଜ ପଦକ ପାଇଛନ୍ତି।

# ନିମପୁର ଚାମ୍ପିୟନ, ପାରାମାଉଣ୍ଟ ରନର୍ସଅପ୍



ଅତିଥିଙ୍କ ସହ ଚାମ୍ପିୟନ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବର ଖେଳାଳିମାନେ।

**ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ଚାମ୍ପିୟନ ଏବଂ ପାରାମାଉଣ୍ଟ ସ୍ପୋର୍ଟିଂ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ନିମପୁର ଦଳ ୫୦ ରନରେ ପାରାମାଉଣ୍ଟକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ୪୦ ଓଭରରେ ୮ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ସୁଧୀର ଶର୍ମା ସର୍ବାଧିକ ୮୯ ରନକରି ଅପରାଜିତ ରହିଥିବାବେଳେ ଭକ୍ତିସାଗର ନାୟକ ୨୭ ଓ ଅଜୟ ରାଉତ ୨୬ ରନ କରିଥିଲେ। ବିପକ୍ଷ ଦଳର ରୀତେଶ ପ୍ରିୟରଞ୍ଜନ, ସାଇ ଶୁଭମ୍ ଓ ସୟଦ ଅହମଦ ତୁଫେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୯୬ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପାରାମାଉଣ୍ଟ ୩୨.୨ ଓଭରରେ ୧୪୫ ରନକରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ସୁଦର୍ଶନ ସ୍ୱାଇଁ ସର୍ବାଧିକ ୩୭, ସିଦ୍ଧେଶ୍ୱର ପରିଡ଼ା ୨୨ ଓ ସାଇ ଶୁଭମ୍ ୨୧ ରନ କରିଥିଲେ। ବିଜୟୀ ଦଳର

**ପ୍ରାଚୀ ମେମୋରିଆଲ କ୍ରିକେଟ**

ମିହିର ଦାସ ସର୍ବାଧିକ ୩ଟି, ମହମ୍ମଦ ଡାନିଶ୍ ୨ଟି ଉଇକେଟ ନେଇଥିଲେ। ନିମପୁର ଦଳର ସୁଧୀର ଶର୍ମା ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଅଜୟ ରାଉତ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ପାରାମାଉଣ୍ଟର ସୟଦ ଅହମଦ ତୁଫେଲ ଶ୍ରେଷ୍ଠ ବୋଲର, ସୁଦର୍ଶନ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ବିଦ୍ୟାଧର ବେହେରା ଶ୍ରେଷ୍ଠ ଉଇକେଟ ବିବେଚିତ ହୋଇଥିଲେ। ଅମ୍ପାୟର ରଣଜିତ ମହାରଣା, ସୁଶାନ୍ତ ଦାଶ ମ୍ୟାଚ ପରିଚାଳନା କରିଥିବାବେଳେ ପ୍ରିୟାଂଶୁ ଜେନା ସ୍କୋରର ଏବଂ ରାଜେନ୍ଦ୍ର ବେହେରା ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଆୟୋଜନ ଆସୋସିଏଶନ ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଶ୍ରୀ ଜୟଦେବ କଲେଜ ପ୍ରିନ୍ସିପାଲ ପ୍ରଭୁ ଚରଣ ଗୋଛାୟତ, ଲାବଣ୍ୟ ଦାଶ, ଅକ୍ଷୟ ଲେଙ୍କା, ପ୍ରକାଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ହର୍ଷିତ ଚାମ୍ପିୟନ

**ଭୁବନେଶ୍ୱର, ୪।୪(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ରବିବାର ଅନୁଷ୍ଠିତ ନିଶିତ ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ହର୍ଷିତ ୬ ପଏଣ୍ଟ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୪.୫ ପଏଣ୍ଟ ଲେଖାଏ ପାଇ ଆଦିତ୍ୟ ରଞ୍ଜନ ଦାସ ଓ ନିଖିଲ ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରତୀକ କୁଶାଲ ରାଉତ, ପ୍ରଜ୍ଞାଶ୍ରୀ ଦେହୁରି, ମନସିଜ ସାମଲ, ତ୍ରିଦେବ ତୀର୍ଥଙ୍କର (ସମସ୍ତେ ୪ ପଏଣ୍ଟ), ଲଳିତ ରଞ୍ଜନ ସାହୁ, ଅର୍କ ମିଶ୍ର ଓ ଅଂଶୁମାନ ପଟ୍ଟନାୟକ (୩ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ସାର୍ଥକ ମହାନ୍ତି, ତନିରିକା ସାହୁ, ହର୍ଷିତ ସିଂ, ଅମ୍ଲାନ ସେନାପତି, ଅଂଶୁମାନ ପତି, ଅର୍ନବ ମହାନ୍ତି, ସାହାନା ଲିମ୍‌କା, ବୈଭବ ଘୋଷ, ନମସ୍ୟ ନଳିନୀ ଓ ଅଦିତି ମହାରଣାଙ୍କୁ ସ୍ୱତନ୍ତ୍ର ଏବଂ ଆୟୁଷ୍ମାନ ସାମନ୍ତରାୟ, ଦିବ୍ୟାଂଶୁ ମହାପାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ, ରାଜ୍ୟ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଦୀପିକା ପ୍ରିୟଦର୍ଶିନୀ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରମାଣପତ୍ର ଓ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

# ଦକ୍ଷିଣ ଆଫ୍ରିକାକୁ ଜରିମାନା

**ଦୁବାଇ, ୪।୪ (ପି.ଟି.)**

ସେଞ୍ଚୁରିଅନଠାରେ ପାକିସ୍ତାନ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ସ୍ଲୋ ଓଭର-ରେଟ୍ ପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳକୁ ସେମାନଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା କରାଯାଇଛି। ଟାର୍ଗେଟଠାରୁ ଗୋଟିଏ ଓଭର ପଛରେ ରହିଯିବାରୁ ମ୍ୟାଚ ରେଫରି ଆଣ୍ଡ୍ରୁ ପାଇକ୍ରଫ୍ଟ ଦକ୍ଷିଣ ଆଫ୍ରିକା ଦଳକୁ ଏହି ଦଣ୍ଡବିଧାନ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ପକ୍ଷରୁ ନିର୍ଦ୍ଧାରିତ ଓଭର ବୋଲିଂ ଶେଷ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି। କୌଣସି ଦଳ ଏହି ସମୟ ମଧ୍ୟରେ ବୋଲିଂ ଶେଷ ନ କରିପାରିଲେ ଯେତିକି ଓଭର ପଛୁଆ ରହିବ ସେହି ଅନୁସାରେ ଆଇସିସି ଆଚରଣ ବିଧି ଧାରା ୨.୨୨ଅନୁଯାୟୀ ଓଭର ପିଛା ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା ବ୍ୟବସ୍ଥା ରହିଛି। ଖେଳାଳି, ଖେଳାଳିଙ୍କ ସପୋର୍ଟ ଷ୍ଟାଫ୍ ଦଣ୍ଡିତ ହେବେ। ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବାଭୁମା ଦଣ୍ଡକୁ ଗ୍ରହଣ କରିନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା।

# ବିନା ଦର୍ଶକରେ ହୋଇପାରେ ଆଇପିଏଲ୍

**ନୂଆଦିଲ୍ଲୀ, ୪।୪**

କରୋନା ଭାଇରସ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲେ ମଧ୍ୟ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅନୁଷ୍ଠିତ ହେବ ବୋଲି ଦୃଢତାର ସହ କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଉପସଭାପତି ରାଜୀବ ଶୁକ୍ଳା।


ରାଜୀବ ଶୁକ୍ଳା

କରୋନା ଭାଇରସକୁ ଦୃଷ୍ଟିରେ ରଖି ବିସିସିଆଇ ତରଫରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଟୁର୍ନାମେଣ୍ଟ ପାଇଁ ବାୟୋ-ବବଲ ବ୍ୟବସ୍ଥା ସହ ୬ଟି ଭେନ୍ୟୁ ପ୍ରସ୍ତୁତ ରଖାଯାଇଛି। ଭାଗ ନେଉଥିବା ଦଳଗୁଡ଼ିକର ସଦସ୍ୟ ସଂଖ୍ୟା ବୃଦ୍ଧି କରାଯାଇଛି। ବାୟୋ-ବବଲରେ ଯେଉଁମାନେ ଅଛନ୍ତି ସେମାନଙ୍କର କୋଭିଡ୍ ଟେଷ୍ଟ କରାଯାଉଛି। ଟୁର୍ନାମେଣ୍ଟ ବିନା ଦର୍ଶକରେ ହେବ ବୋଲି ସେ ମନେକରୁଛନ୍ତି। ମହାରାଷ୍ଟ୍ରରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଛି। କିନ୍ତୁ ମୁମ୍ବାଇରେ ଖେଳାଯିବାକୁ ଥିବା ମ୍ୟାଚଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ଶୁକ୍ଳା କହିଛନ୍ତି। ଆଇପିଏଲ୍ ଏପ୍ରିଲ ୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ବିସିସିଆଇ ଉପସଭାପତି କହିଛନ୍ତି, ଭବିଷ୍ୟତରେ ଯଦିବା କୌଣସି ସମସ୍ୟା ଦେଖାଦିଏ ତେବେ ସେଥିପାଇଁ ଲକ୍ଷ୍ନୌ, ପରେ ହାଇଦ୍ରାବାଦ ଓ ଇନ୍ଦୋର ଷ୍ଟାଡିୟମକୁ ଷ୍ଟାଣ୍ଡବାଇ କରି ରଖାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏହି ସିଜନରେ ୱାଙ୍ଖେଡେ ଷ୍ଟାଡିୟମରେ ଏପ୍ରିଲ ୧୦ରୁ ୨୫ ମଧ୍ୟରେ ୧୦ ଆଇପିଏଲ୍ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ମୁମ୍ବାଇସ୍ଥିତ ଏହି ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଏପ୍ରିଲ ୧୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯିବ। ଆଇପିଏଲ୍‌ର ୪ଟି ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, ପଞ୍ଜାବ କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ମୁମ୍ବାଇକୁ ସେମାନଙ୍କ ଆସ୍ଥାନ କରିଛନ୍ତି। ଶନିବାର ଅଲରାଉଣ୍ଡର ଅକ୍ଷର ପଟେଲ କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଶକ୍ତ ଆଘାତ ଲାଗିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ